

# ମନଂର ମିଳନ

*

ଲେଖକ :

ଶ୍ରୀ ନରସିଂହ ଚରଣ ସାମନ୍ତରାୟ

*

*

ପ୍ରକାଶକ :

ଉତ୍କଳ ଗ୍ରନ୍ଥ ମନ୍ଦିର

କଟକ-୨

ପ୍ରଥମ ପ୍ରକାଶ :

ମେ – ୧୯୭୨

❋

ପ୍ରକାଶକ :

ଶ୍ରୀ ହରିହର ପ୍ରସାଦ ପଟ୍ଟନାୟକ

ଉତ୍କଳ ବାଣୀମନ୍ଦିର

କଟକ-୨

❋

ମୁଦ୍ରାକର :

ଶ୍ରୀ ରବିନାରାୟଣ ମହାନ୍ତି

କ୍ୱାଲିଟି ପ୍ରିଣ୍ଟର୍ସ

କଟକ-୨

❋

ମୂଲ୍ୟ :

ଟ୧.୭୫

( ଏକଟଙ୍କା ପଞ୍ଚସ୍ତରୀ ନୂ : ପ : )

# ମନର ମିଳନ

ବଡ ପାହ୍ରୁ ଆସୁଥାଏ । ମେନକା ଚଞ୍ଚଳ ଉଠିପଡ଼ି ବାରି ଗଡ଼ିଆରେ ଗାଧୋଇ ଆସିଲା । ଓଦା ଲୁଗାଟା ପାଲଟିବା ପାଇଁ ତର ନଥାଏ । ଉପରବେଳାଠାରୁ ଖଡ଼ା ପତ୍ରର ଦିଟା ତୋଳି ରଖିଥିଲା । ପାତ୍ରକୁଣ୍ଡରେ ସେତକ ବଢ଼ାଇ ଦେଲା, ଚୁଲିରେ ନିଆଁ ଲୁଣ୍ଡାଟା ଦେଇ ରଘୁଆର ନିଦ ଭାଙ୍ଗିବା ପାଇଁ ଚାଲିଗଲା ।

ରଘୁଆ ଆଖିରୁ ନିଦ ପୁରାପୁରି ଅପସରି ଯାଇ ନଥାଏ । ଗତ ଦିନର ପରିଶ୍ରମ ମଧ୍ୟ ପୁରାମାତ୍ରାରେ କଟି ନ ଥାଏ, ମାତ୍ର ଖାଉଁଦଙ୍କ ତାଗିଦା ମନରେ ପଡ଼ିଯିବାରୁ ସେ ତରତର ହୋଇ ଉଠିପଡ଼ିଲା । ଗାଧୋଇବା ପାଇଁ ସମୟର ଅଭାବ । ମୁହଁ ହାତ ଧୋଇ ଦାନ୍ତଟା ମାଜି ନେଇ ରଘୁଆ ମେନକାକୁ ଡାକ ପକାଇଲା । ମେନକା ସେତେବେଳକୁ ସାଗ ଫଳି ଦିଟା ଭଜା ସାରିଥିଲା । ରଘୁଆ ପୋଡ଼ା ଶୁଖୁଆକୁ ଖୁବ୍ ଶ୍ରଦ୍ଧାକରେ ବୋଲି ମେନକା ଶୁଖୁଆ ଓ କଂସାଏ ପଖାଳ ନେଇ ବାଢ଼ିଦେଲା ।

ରଘୁଆ ପଖାଳ କଂସାକ ପାଖରେ ବସି ମେନକା ଆଡ଼କୁ ଚାହିଁ ମୁରୁକି ହସିଦେଲା । ତାପରେ ମୁହଁ ଫେରାଇ ଆଣି ପଖାଳ କଂସାରେ ମନ ଦେଲା । ମେନକା ହାତର ଶାଗ ଭଜା ରଘୁଆକୁ ଖୁବ୍ ତୃପ୍ତି କରେ

ଲାଗେ । ସେ ଅନେକ ସମୟରେ କଥା ଛଳରେ କହେ—ଝିଅ ଶେଷରେ ତା ଆଗରେ କିଛି ନୁହେଁ । ମଝିରେ ମଝିରେ ମେନକା ଶୁଣୁଥାଏ—ଆଜି ଶାଗ ଟିକିଏ କି ଚଖାଇ ତଣ୍ଡାଏ ଦେବ ? ବୁଢ଼ୀ କେବଳ ମେନକା ଆଉକୁ ନୁହେଁ, ମାତ୍ର ତା ପାଟିରୁ କଥା ବାହାରେ ନାହିଁ । ମନେ ମନେ ଭାବେ, ଖାଉଁଦାଣିଙ୍କ ସଙ୍ଗେ ମେନକାକୁ ପ୍ରା ଓଜନ କରି ବସେ । ମାତ୍ର ବୁଝି ପାରେନା ଯେ ତଫାତଟା କେଉଁଠି ରହିଯାଉଛି । ଖାଉଁଦାଣି ଲଳିତା ଦେବୀ ଦେଖିବାକୁ ଖୁବ୍ ସୁନ୍ଦର । ପାଠ ବେଶି ପଢ଼ିଛନ୍ତି । ତେଣୁ ତାଙ୍କର ବୁଦ୍ଧି ନିଶ୍ଚୟ ବେଶି । ମେନକା ମଧ୍ୟ ଲଳିତା ଦେବୀଙ୍କଠାରୁ ଅସୁନ୍ଦରୀ ନୁହେଁ । ମାତ୍ର ଏଭଳି-ମେନକା ପାଠ ପଢ଼ିନାହିଁ; କେବଳ ପିଲାଦିନେ ଗାଁ ଚାଟଶାଳୀ-ରେ ଅବଧାନେ ଯାହା ପଢ଼ାଇଥିଲେ ସେଇଥିରେ ସେ ଭାଗବତ ଛାନ୍ଦେ ପଢ଼ିପାରୁଥିଲା । ବୁଢ଼ୀ କେତେଥର ଅବାକ୍ ହୋଇ ଠିଆ ହୁଏ । ଖାଉଁନ୍ଦ ରମାକାନ୍ତବାବୁ ଖାଇ ବସି ତରକାରି ଟିକିଏ କିମ୍ବା ଭଜା ଟିକିଏ ପାଇଁ ଡାକ ଛାଡ଼ୁଥିଲା ବେଳେ ଲଳିତା ଦେବୀ ଆର-ଘରେ ଥାଇ ଟିକିଏ ହେଲେ ସେ କଥା ଆଡ଼କୁ ନଜର ଦଅନ୍ତିନି । ବୁଢ଼ୀର ଚୋକାଠା ଆଖି ସବୁ ଦେଇଯାଏ । ବୁଢ଼ୀ ଚାକର ଦେହ ଖରାପ ହେଲେ କିମ୍ବା ସେ ଗାଁକୁ ଗଲେ ରମାକାନ୍ତ ବାବୁଙ୍କର ଦୁଃଖର ମାତ୍ରା ବଢ଼ିଯାଏ ତଣ୍ଡାଏ ଖାଇବା ପାଇଁ ! ମାତ୍ର ମେନକା ନିଜେ ନଖାଇ ବୁଢ଼ୀ ପାଇଁ ସବୁ ବାଣ୍ଟି ଦେଉଛି । ପାଖରେ ବସି ଆଉ ଟିକିଏ ଦିଏ ବୋଲି କହି ବୁଢ଼ୀକୁ ବିରକ୍ତ କରୁଛି । ବୁଢ଼ୀ ନାହିଁ କରିଦେଲେ ମେନକା ତା ଉପରେ ଅଭିମାନ କରୁଛି ।

ମଲିମୂର୍ତ୍ତି ଅ ବୁଦ୍ଧିରେ ଆଉ ଅଧିକ କିଛି ହେବ ପାରେନା ସେ । ଶେଷରେ ସିଦ୍ଧାନ୍ତରେ ପହଞ୍ଚେ । ହିଁ, ଲଳିତା ଦେବୀ ତ

ବହୁତ ପାଠ ପଢ଼ିଛନ୍ତି । ସମସ୍ତେ ତ କହୁଛନ୍ତି ତାଙ୍କର କଲେଜ ପଢ଼ା ଖୁବ୍ ଅଛି । ହୋଇଥିବ, ସେ କଲେଜ ପାଠରେ ଯେମିତ କିଛି ଲେଖା ଥିବ ।

ରଘୁଆ ଅନ୍ୟମନସ୍କ ରହି ଖାଲି କଂସାହାଣ୍ଡିରେ ହାତ ବୁଲାଇବାରେ ଲଗିଛି । ମେନକା ଏ କଥା ଯେ ଆଜି ରଘୁଆ ଠାରେ ନୂଆ ଦେଖିଛି ତା ନୁହେଁ, ସେ ଅନେକ ଥର ଏହିପରି ଲକ୍ଷ୍ୟ କରିଛି । କେତେଥର ରଘୁଆକୁ ଏହାର କାରଣ ପଚାରିବ ପଚାରିବ ବୋଲି ଭାବେ, ମାତ୍ର କାଳେ କେଉଁ କଣ ଭାବିବ ସେଥିପାଇଁ ପଚାରି ପାରେନା । ସୁବିଧା ବେଳେ ପଚାରିବ ବୋଲି ଚୁପ ହୋଇ ରହେ ।

ମେନକା ମୁହଁରେ ହସ ଫୁଟି ଉଠିଲା । ରଘୁଆ ବଡ଼ ଲଜ୍ଜିତ ହୋଇ ପଡ଼ିଲା । ବାସ୍ତବିକ ସେ ଭାବନାରେ ଏତେ ମଗ୍ନ ହୋଇଥିଲା ଯେ, ତା'ର ବାହ୍ୟ ଜ୍ଞାନ ମୋଟେ ନଥିଲା । ପାଣି ଚୋଠା ଠା ପିଣ୍ଡା ଉପରୁ ନେଇ ହାତ ଧୋଇ ପକାଇଲା । ବାରିପଟେ ଗଛରୁ ପାଉଁଶ ଖଣ୍ଡେ ହାତରେ ଧରି ଖାଉଁଦ ଘରକୁ ଯିବାପାଇଁ ବାହାରିଲା । ମେନକା ଦୁଇଖଣ୍ଡି ପାନ ଭାଙ୍ଗି ଆଣି ତା ହାତରେ ଗୁଞ୍ଜି ଦେଲା ।

ମେନକାର ଚିତ୍ତ ଘରଟି ଆଜି ହସି ଉଠୁଛି । ସଙ୍ଗୀତ ବନ୍ଧୁଙ୍କଠାରୁ ଆରମ୍ଭ କରି ଯେତେ ବନ୍ଧୁ ବାନ୍ଧବ—ରଘୁଆ କାହାକୁ

ଛାଡ଼ିନାହିଁ । ଖୁବ୍ ଦେହଲା । ରଘୁଆର ମନ କୁହୁଳି ଉଠୁଥାଏ । ମନେ ଯେମିତି ତା ଘରେ ଆଜି ପୂର୍ଣ୍ଣମୀ ଚନ୍ଦ୍ରର ଜୁଆର । କେତେ ଓଷା ବାରବ୍ରତ କରି ଭଗବାନ ମେନକାର ଗୁହାରି ଶୁଣିଛନ୍ତି । ତା'ର ମନ ଲାଖି ଝିଅଟିଏ ସେ ପାଇଛି । ମେନକାର ଅନୁପସ୍ଥିତିରେ ଲୋକେ କୁହନ୍ତି—ଝିଅଟାଏ ତ, ଏଇଥିପାଇଁ ଏତେ ସୋହାଗ, ଆଉ ପୁଅଟାଏ ଯଦି ହୋଇଥାନ୍ତା ତେବେ ତ ଗୋଡ଼ ତଳେ ଲାଗନ୍ତା ନାହିଁ ।

ଦୁନିଆଁରେ ସବୁ ପ୍ରକାର ମଣିଷ ଅଛନ୍ତି । କେତେକେ ଭଲ ତ କେତେକେ ମନ୍ଦ । ପାଖରେ ଥିଲାବେଳକୁ ଭଲ ଭଲ ବୋଲି କହୁଥିବେ । ଟିକିଏ ପାଖ ଛଡ଼ା ହେଲେ ସବୁ ଛିଦ୍ରତକ ଖୋଳି ତାଡ଼ି ଶହେଗୁଣ କରି କାଢ଼ି ବସିବେ । କାହା ପାଟିକି ତ କେହି ବନ୍ଦ କରି ପାରିବେନି । ମେନକା ସବୁ କଥା ଶୁଣେ, ଚୁପ୍ ହୋଇ ରହେ । ଲୋକେ କହନ୍ତୁ ସେଥିରେ ତାର ଯାଏ ଆସେ କେତେ । ପୁଅଝିଅ ଭିତରେ ତଫାତଟା ସେ ବୁଝେନି । ସେ ଏତିକି ବୁଝିଛି, ଭଗବାନେ ତା ଡାକ ଶୁଣିଛନ୍ତି । ଦୀର୍ଘ ଦଶବର୍ଷ ପରେ ତା'ର ଶୂନ୍ୟକୋଳ ଆଜି ହସି ଉଠିଛି । ବାସ୍ ଏତିକି ।

ଏକୋଇଶିଆ ଦିନଟି ବେଶ୍ ସମାରୋହରେ କଟି ଯାଇଛି । ଗାଁ ଚଉଦଶାଠାରୁ ଆରମ୍ଭ କରି ବନ୍ଧୁ ବାନ୍ଧବ ପର୍ଯ୍ୟନ୍ତ କେହି ବାଦ ଯାଇ କେହି ନ ଥିଲେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ ରଘୁଆର କର୍ତ୍ତବ୍ୟନିଷ୍ଠା ଦେଖି ।

ସନ୍ଧ୍ୟା ପୂର୍ବରୁ ସବୁ କାମ ଶେଷ କରିଦେଇ ରଘୁଆ [illegible] ଚର ଚର ହୋଇ ଫେରି ଆସେ । ପ୍ରଭାତୀର ଦନ୍ତଗଛି ହସ ଦରେଶି କଥା ତାକୁ ମୁହୂର୍ତ୍ତକ ପାଇଁ କୌଣସିଠାରେ ଠିଆ କରାଇ ଦିଏ ନାହିଁ । ଘରକୁ ଆସିଲେ ତାର ପ୍ରଥମ କାମ ହେଉଛି—ପ୍ରଭାତୀକୁ କୋଳରେ ଧରି ଗେଲ କରିବା । ସେଇଥିରୁ ସେ ଏତେ ଆନନ୍ଦ ପାଏ—ଯେଉଁଥିରେ କି ସେ ଭୋକ ଶୋଷ ମଧ୍ୟ ଭୁଲିଯାଏ ।

ସେ ଦିନ ହୋଇଥାଏ ପୂର୍ଣ୍ଣିମା । ରୁପାଥାଳିପରି ଚନ୍ଦ୍ର ଆକାଶରେ ହସି ଉଠୁଥାଏ । ମେନକା ସହଳ ସହଳ ରନ୍ଧା କାମ ଶେଷ କରି ଦେଇ ପ୍ରଭାତୀକୁ ଚନ୍ଦ୍ର ଦେଖାଇ ଦେଉଥାଏ । ପ୍ରଭାତୀ ଟିକିଏ କାନ୍ଦି ଉଠିଲେ ମେନକା ତାକୁ ହଲାଇ ଦେଇ ଗେଲ କରି କହେ—ଆ ଜହ୍ନମାମୁଁ ଶରଗ ଶଶୀ, ମୋ ପ୍ରଭାତୀ ହାତରେ ପଡ଼ରେ ଖସି । ପ୍ରଭାତୀର ହାତଟା ଉପରକୁ ଉଠାଇ ଦିଏ ମେନକା । ଛୋଟ ପିଲାଟି କଣ ଭାବେ କେଜାଣି ପାଟି ମେଲି-କରି ଖିଲ୍ ଖିଲ୍ ହସିଉଠେ । ରଘୁଆ ମେନକା ପାଖରେ ଠିଆ ହୋଇ ସବୁ ଦେଖୁଥାଏ । ମନ ତାର କୁରୁଳି ଉଠେ । ପିଲାଟିକୁ ଟିକିଏ କୋଳରେ ଧରିବ ବୋଲି ବଳାସ୍ତୁ ହାତ ଦୁଇଟି ବଢ଼ାଇ ଦିଏ ପ୍ରଭାତୀ ଆଡ଼କୁ । ମା କୋଳ ଛାଡ଼ି ଛୁଆ କଣ ଆସିବାକୁ କେବେ ଇଚ୍ଛା କରିବ ? ପ୍ରଭାତୀ ନ ଆସିଲେ ରଘୁଆର ମନ ଫିକା ପଡ଼ିଯାଏ । ମେନକା ତା ମନେ ମନେ ଅନୁଭବ କରେ । ପ୍ରଭାତୀର ଅନିଚ୍ଛା ସତ୍ତ୍ୱେ ରଘୁଆ ହାତକୁ ତୋଳି ଦିଏ । ପ୍ରଭାତୀ

କ୍ଷଣକ ପାଇଁ କାନ୍ଦଉଠେ—ତା ପରେ ଜହ୍ନମାମୁଁ ଦେଖାଇ ରଘୁଆ ତାକୁ ସମ୍ଭାଳି ନିଏ । ମେନକା ହାତ ପତାଇଲେ ପ୍ରଭାତୀ ଖପ୍ କରି ତା ହାତକୁ ଡେଇଁ ପଡ଼ି ରଘୁଆ ଆଡ଼କୁ ଚାହିଁ ହସେ । ସ୍ୱାମୀ ସ୍ତ୍ରୀ ଦୁଇଟି ହସି ଉଠନ୍ତି । ରଘୁଆର ଭଙ୍ଗା କୁଡ଼ିଆ ଖଣ୍ଡ ହସି ଉଠେ ପ୍ରଭାତର ଉପସ୍ଥିତିରେ ।

ଦିନ ଯାଏ ରାତି ଆସେ, ପୁଣି ଦିନ ହୁଏ । ସମୟ ଚକ୍ରର ଆବର୍ତ୍ତନରେ ମାସ ବର୍ଷ ହୁଏ । କେହି କାହାକୁ ଅପେକ୍ଷା କରନ୍ତି ନାହିଁ, ସମସ୍ତେ ନିଜର ଗୋଟାଏ କାର୍ଯ୍ୟ ସୂଚୀରେ ବନ୍ଧା ।

ପ୍ରଭାତୀ ଗୃହାଳି ପାଠ ଶେଷ କରି ସାରିଲଣି । ରଘୁଆର ଇଚ୍ଛା ପ୍ରଭାତୀକୁ ସେ ସ୍କୁଲରେ ପାଠ ପଢ଼ାଇବ । ସେ ଅନୁଭବ କରୁଛି, ପାଠ ପଢ଼ିବା ଆଉ ଗୀତ ବୋଲି ଶିଖିବା ଏ ଦୁଇଟି ଅଭାବରେ ସେ ପ୍ରଭାତୀକୁ କୌଣସି ଭଲ ଘରରେ ବିବାହ କରାଇ ପାରିବନି । ସେ ନିଜେ ଗରିବ, ଅଶିକ୍ଷିତ ହେଲେ ମଧ୍ୟ ଶିକ୍ଷାର ମାନ ମହତ୍ତ୍ୱ ସେ ଖୁବ୍ ବୁଝିଛି । ଗାଁ ପ୍ରଧାନ ପୋଣି ଦାଶେ ଦିନେ ରଘୁଆକୁ ଡାକି କହିଲେ—"ରଘୁ, ପ୍ରଭାତୀର ପାଠ ପଢ଼ାରେ ମୁଁ ଖୁବ୍ ସନ୍ତୁଷ୍ଟ । ଝିଅଟାର ବ୍ୟବହାର ଏତେ ସୁନ୍ଦର, ମୁଁ ଗୃହାଳି କରି ପିଲାଙ୍କୁ ପାଠ ପଢ଼ାଇ ଆସି ବୁଢ଼ା ହେବାକୁ ବସିଲିଣି, କିନ୍ତୁ କାହାରି ପାଖରେ ଦେଖି ନ ଥିଲି । ମୋର ଏକାନ୍ତ ଇଚ୍ଛା ଏବଂ ଅନୁରୋଧ ତୁମେ—ଝିଅଟିଏ ବୋଲି ନ ଭାବି ତାକୁ

ଉଚ୍ଚ ଶିକ୍ଷା ଦେବା ପାଇଁ ଚେଷ୍ଟାକର ।" ପ୍ରଦ୍ଧୀର ପ୍ରଶଂସା ଅବଧାନଙ୍କ ଠାରୁ ଶୁଣି ରଘୁଆ ମନେ ମନେ ଖୁବ ଆନନ୍ଦ ହେଉ ଉଠିଥିଲା । ଅବଧାନେ ଯାହା କହୁଛନ୍ତି ସେ ନିଶ୍ଚୟ ତା କରିବ ।

ରଘୁଆ ଟିକାଏ ନମ୍ର ସ୍ୱରରେ କହିଲା—ଅବଧାନେ ! ଆପଣଙ୍କ କଥାରେ ମୁଁ ଏକମତ, କିନ୍ତୁ କାଳର ଗତି ନୀତି ତ ଆପଣ ଦେଖୁଛନ୍ତି । ମୁଁ ହେଲି ଗରିବ, ମଲମୁଣ୍ଡିଆ । ମୂଲଲାଗି ପେଟ ପୋଷିବା ମୋର ହେଲା ନିତି ଦିନିଆ ବେଉସା । ଝିଅଟିକୁ ସୋହାଗରେ ପାଠ ପଢ଼ାଇବା ଧନୀ ଲୋକଙ୍କ ପକ୍ଷରେ ସାଜେ ।

ଅବଧାନେ ପୁଣି ରଘୁଆକୁ ଆଶ୍ୱାସନା ଦେଇ କହିଲେ—"ଆଜି ସମସ୍ତେ ଯଦି ଏହିପରି ମନୋଭାବ ନେଇ ରହିବେ ତାହାହେଲେ ଗରିବ ମୂଲିଆ ସବୁବେଳେ କଣ ଅନ୍ଧାର ଭିତରେ ସଢ଼ି ମରୁଥିବ ? ତା'ର ଆଲୋକକୁ ଆସିବା କଣ ଭାଗ୍ୟରେ ଘଟିବ ନାହିଁ ? ଭଗବାନଙ୍କ ସଂସାରରେ ସମସ୍ତେ ସମାନ । ଦିନ ଆସିବ, ଦରିଦ୍ର ବୋଲି କେହି ରହିବେ ନାହିଁ । କିନ୍ତୁ ଏହା ସମୟ ସାପେକ୍ଷ । ଇଂରେଜ ସରକାର ଥିଲା, ଶିକ୍ଷାର ପଦ୍ଧତି ଥିଲା ଗୋଟିଏ ଗୋଟିଏ ଗୃକଣିଆ ଗଢ଼ିବାର ଯନ୍ତ୍ର । ସ୍ୱାର୍ଥପରତା ପୂର୍ଣ୍ଣଭାବରେ ରୂପରେଖ ପାଉଥିଲା ପ୍ରତ୍ୟେକଙ୍କ ହୃଦୟରେ । ଧନୀ ଦରିଦ୍ର, ବଡ଼ ସାନ, ଏ ସବୁର ମାତ୍ରା କ୍ରମେ ବଢ଼ି ଉଠୁଥିଲା । କିନ୍ତୁ ସେ ସବୁ କ୍ରମେ ଆଜି ଲୋପ ପାଇବାକୁ ଯାଉଛି । ଆଜି ହେଉଛି ସ୍ୱାଧୀନ ସରକାର, ଲୋକଙ୍କ ସରକାର । ଆମର ଭିତରୁ ଆମେ ଗଢ଼ୁଛେ ସରକାର । ଦିନଥିଲା ଇଂରେଜ ଲୋକ ଆମକୁ କହୁଥିଲେ ଭାରତୀୟଙ୍କ ଭିତରେ ଦେଶ ଶାସନ ପାଇଁ

ଲୋକ ନାହାଁନ୍ତି । କଣ ହେଲା ? ପେଡ଼ି ପୁଟୁଳା ବାନ୍ଧି ସେମାନେ ଗଲେ । ଦେଶରେ ଶାସନ କଣ ଅଚଳ ରହିଲା ? ସେଥିପର ରଘୁ, ମୁଁ ତୁମକୁ ଅନୁରୋଧ କରୁଛି—ତୁମେ ସେହି ମନୋଭାବ ଛାଡ଼ିଦିଅ । ଭବିଷ୍ୟତରେ କଣ ହେବ ସେ କଥା ମନରେ ନ ଆଣି ପ୍ରଭାତୀକୁ ସ୍କୁଲରେ ପାଠ ପଢ଼ାଅ ।"

ରଘୁଆ ବାହ୍ୟ ମନରେ ଏ ସବୁ ଅବଧାନଙ୍କ ସାମନାରେ ଚପି ଯାଉଥିଲା, କିନ୍ତୁ ତା ଅନ୍ତରରେ ସେ ଅନୁଭବ କରୁଥିଲା—ପ୍ରଭାତୀକୁ ସ୍କୁଲରେ ପାଠ ପଢ଼ାଇବା ତାର ଏକାନ୍ତ କର୍ତ୍ତବ୍ୟ । ଅବଧାନଙ୍କ କଥାରେ ହିଁ ଭରି ରଘୁଆ ଘରକୁ ଫେରିଲା । ଅବଧାନେ ମଧ୍ୟ ପ୍ରତିଶ୍ରୁତି ଦେଲେ, ପ୍ରଭାତୀର ସ୍କୁଲରେ ପଢ଼ିବା ପାଇଁ ସେ ନିଜେ ସମସ୍ତ ସୁବିଧା କରିଦେବେ ।

ବ୍ରହ୍ମପୁରର ନରହରି ମହାପାତ୍ରଙ୍କୁ ଦନିଷେଣ୍ଡି ଟୀରେ ପ୍ରାୟ ସମସ୍ତେ ଜାଣନ୍ତି । ନରହରି ମହାପାତ୍ର ଯଥେଷ୍ଟ ପଇସା ତାଙ୍କ ଜୀବନ କାଳ ଭିତରେ ରୋଜଗାର କରିଥିଲେ । ତାଙ୍କର ପିତା ରଘୁନାଥ ମହାପାତ୍ର ଇହଧାମ ତ୍ୟାଗ କଲା ବେଳକୁ କେବଳ ଦୁଇ ଏକର ଜମି ରଖି ଯାଇଥିଲେ । ନରହରି ମହାପାତ୍ର ତାଙ୍କରି ଅମଳରେ ନିଜର ବୁଦ୍ଧି ବଳରେ ପଇସା ରୋଜଗାର କରି ଦୁଇଏକର ଜମିକୁ ଗୁଳାଏ ଏକରରେ ପରିଣତ କରିଛନ୍ତି ।

ଗୋଟିଏ ପଇସା ଅନାବଶ୍ୟକରେ ଖର୍ଚ୍ଚ କରିବା ନରହରି ମହାପାତ୍ରଙ୍କ ଜାତକରେ ନଥିଲା । ଗରିବ ଭିକାରୀଙ୍କୁ ଦେବା ତ ଦୂରର କଥା— ନିଜପାଇଁ ମଧ୍ୟ ପଇସାଟିଏ ଖର୍ଚ୍ଚ କରିବା ପାଇଁ ସେ କୁଣ୍ଠ ବୋଧ କରୁଥିଲେ ।

କିଏ ଗୋଟିଏ ପଇସା ମାଗିଲେ ତ ନରହରି ମହାପାତ୍ର ତା ଆଗରେ କହନ୍ତି—ପଇସାଟିଏ ମାଗିବା ଅପେକ୍ଷା ଦେହ ଖଟାଇ କାମ କର, ମୁଣ୍ଡ ଝାଳ ତୁଣ୍ଡରେ ମାରି ପଇସାଟିଏ ରୋଜଗାର କର । ଏପରି ମାଗି ବୁଲିଲେ କଣ ହେବ ? ପଇସା କେତେ କଷ୍ଟରେ ରୋଜଗାର କରାଯାଏ ତୁମେ ଯଦି ତାର ଧାରଣା ଟିକିଏ ହେଲେ ପାଇଥାନ୍ତ ତାହା ହେଲେ ପଇସାଟିଏ ମାଗିବା ପାଇଁ କେବେ ମନ ବଳାନ୍ତ ନାହିଁ । ତୁମେ ଯାହା ଭାବ ନା କାହିଁକି ପଇସାଟିଏ ଦେବା ମୋ ଜାତକରେ ନାହିଁ । ଭିକାରୀଟି ଫେରିଯାଏ ମନ ଦୁଃଖରେ, କିନ୍ତୁ ମହାପାତ୍ରେ ଗଡ ଜିତିଲା ପରି ଘରକୁ ଫେରନ୍ତି ।

ପରଘରକୁ ଭାଙ୍ଗି ନିଜ ଘରର ଉତ୍ତରୋତ୍ତର ବୃଦ୍ଧି କରିବାରେ ମହାପାତ୍ରେ ଥିଲେ ଧୁରନ୍ଧର । ମହାପାତ୍ରଙ୍କ ବ୍ୟବସାୟ କହିଲେ—ଦୁଇଜଣଙ୍କ ଭିତରେ କଳି ଲଗାଇ ଦେଇ, ଜଣଙ୍କ ପକ୍ଷ ନେଇ ତାକୁ ମକଦ୍ଦମା କରିବାକୁ ପଠାଇଦେବା । ମହାପାତ୍ରେ ଜାଣନ୍ତି—ଯିବ କୁଆଡ଼େ, ତାଙ୍କର ଜାଲରେ ତ ନିଶ୍ଚୟ ପଡ଼ିବ । ମହାପାତ୍ରେ ଖୁବ୍ ଜୋରରେ ଅଣ୍ଟା ଭିଡ଼ି କହନ୍ତି-ସେ ଯେପରି ଗୋଟାକ ଯାକ ନିଜର । ଯେତେ ଟଙ୍କା ଖର୍ଚ୍ଚ ହେଉ ସେଥିପାଇଁ ଭୟ କରନା, ମୁଁ ଅଛି । ମୁଁ ବଞ୍ଚି ଥିବା ଯାକ ଏ ସବୁ ବରଦାସ୍ତ କରି ପାରିବେ ନାହିଁ । ମୋର ଆଖିରେ ମୁଁ ଦେଖିଛି, ତୋ ବାପ ଥିଲା ଯେ କାହାକୁ ଖାତିର କରୁ ନଥିଲା । ସମସ୍ତେ ତାକୁ ନମସ୍ତେ ନମସ୍ତେ

କରୁଥିଲେ । ତୁ ତାଙ୍କ ପୁଅନା, ଏ ଅରକ୍ଷିତତା ତୋତେ ପୁଣି ଗାଳି ଦେବ ଅପମାନନା କରିବ ? ଆ କର ପାଳେ ଦେଲେ ଏକା ବେଳକେ ଥଣ୍ଡା ହୋଇ ଯିବନି ତେଜ ।

ମକଦ୍ଦମା ଲାଗେ । ଦୁଇପକ୍ଷ ସର୍ବସ୍ୱାନ୍ତ ହୁଅନ୍ତି । ପିତୃଅର୍ଜିତ ସମ୍ପତ୍ତିରେ ମଧ୍ୟ ମହାପାତ୍ରଙ୍କ ପାଖରେ ଛମଡ଼ି ଦଅନ୍ତି ବିନା ଓଜର ଆପତ୍ତିରେ । ମହାପାତ୍ରଙ୍କ ଛାତି ମୁଳି ଉଠେ । ଆଗ୍ରହରେ ଟଙ୍କା ଗଣି ଦିଅନ୍ତି ଯେଉଁପରି ଅତି ଆପଣାର ଲୋକ । ପଚିଶ ଟଙ୍କା ପାଇଁ ଶହେଟଙ୍କାର ହେଣ୍ଡ୍ ନୋଟ ଲେଖାଇ ନିଅନ୍ତି । କିନ୍ତୁ ହେଲେ କଣ ହେବ, ପତଙ୍ଗ ଜାଣି ଜାଣି ଯେପରି ଆଲୁଅ ଆଶାରେ ଡେଇଁ ପୋଡ଼ିମରେ, ସେହିପରି ଟଙ୍କାର ଆଶାରେ ସମସ୍ତେ ସର୍ବସ୍ୱାନ୍ତ ହୁଅନ୍ତି । ଶେଷକୁ ଘରବାଡ଼ି ଡିହ ଗୁଡ଼ି ଗାଁର ମୋହ ମାୟା ଦୂରକୁ ପକାଇ ଦାଣ୍ଡର ଭିକାରୀ ହୋଇ ବୁଲନ୍ତି ।

ପିଲାଠାରୁ ବଡ଼ ପର୍ଯ୍ୟନ୍ତ ମହାପାତ୍ରଙ୍କ ନାଁ ଶୁଣିଲା ମାତ୍ରେ ପ୍ରମାଦ ଗଣନ୍ତି । ଘୃଣାରେ ନାକ ଟେକନ୍ତି । କେହି କେହି କହନ୍ତି— ଖାଇବାକୁ ଗଣ୍ଡାଏ ଆଜି ମିଳିବ କି ନାହିଁ ଜଣାନାହିଁ ? ସଙ୍ଗେ ସଙ୍ଗେ ଭଗବାନଙ୍କ ନାମ ସ୍ମରଣ କରନ୍ତି ।

ନଟବର ମହାପାତ୍ର ଏତେ ଘୃଣାର ପାତ୍ର ହେଲେ ମଧ୍ୟ ଧନ ଅର୍ଜନ କରିବାକୁ ପଇସାକୁ ପାଞ୍ଚ ପଇସା କରିବା ପାଇଁ ସେ ଆଜୀବନ ବ୍ରତ କରିଛନ୍ତି ।

ଖରାଦିନିଆ ସକାଳ । ସୂର୍ଯ୍ୟଦେବ ପୂର୍ବାକାଶରୁ ଉଇଁ ଆସୁଛନ୍ତି । ଈଷତ୍ ଲୋହିତ କିରଣରେ ମୁକନ୍ଦଗଡ଼ର ପାହାଡ଼ ଚୂଡ଼ାରେ ଛଆର ହୋଇଥିଲା ପରି ଜଣା ଯାଉଥାଏ । ନଦୀ ହୋଇ ଝରଣାର ଜଳରେ ଏହି ଲୋହିତ କିରଣ ପଡ଼ି ତରଳ ସ୍ୱର୍ଣ୍ଣ ସ୍ରୋତ ବହିଗଲା ପରି ଜଣା ପଡୁଥାଏ । କ୍ରମେ ସୂର୍ଯ୍ୟଦେବ ଉଚ୍ଚରୁ ଉଚ୍ଚକୁ ଉଠିଲେ । ଉତ୍ତାପର ମାତ୍ରା ବଢ଼ିବାକୁ ଲାଗିଲା

ସକାଳୁଆ ସ୍କୁଲ । ପ୍ରଭାତୀ ସକାଳୁ ଉଠି ସବୁ କାମ ସାରି-ଲଣି । ମେନକା ପଖାଳ ବାଢ଼ି ଦେଲା, ସେ ସେତକ ଖାଇଦେଇ ସ୍କୁଲକୁ ଚାଲିଯିବ । ପ୍ରଭାତୀ ପିଲା ହେଲେ କଣ ହେବ, ଦେହପ୍ରତି ତାର ଖୁବ୍ ଯତ୍ନ । ଦେହରେ ଟିକିଏ ଧୂଳି ପଡ଼ିବ ନାହିଁ । ଜାମା ପ୍ୟାଣ୍ଟ ଚିରା ହେଲେ ମଧ୍ୟ ତାହା ମଇଳା ହେବନାହିଁ । ମୁଣ୍ଡର ଚିକ୍କଣି କେବେ ହେଲେ ଭାଙ୍ଗିବ ନାହିଁ । ଏ ସବୁ ସୁ ନୀତି ଦେଖି ମେନକା ଅନେକ ସମୟରେ ଭାବେ—ଭଗବାନ ଗରିବ କୁଳରେ ଏପରି ଗୋଟିଏ ରତ୍ନକୁ କାହିଁକି ଦେଲେ ? ଠିକ୍ ଏହି ସମୟରେ ମେନକା କାନରେ ଯେପରି କେହି କହୁଥାଏ: ପଦ୍ମର ଉତ୍ପତ୍ତି ପଙ୍କରୁ କିନ୍ତୁ ସେଥିପାଇଁ କଣ ପଦ୍ମର ସୌନ୍ଦର୍ଯ୍ୟ ନଷ୍ଟ ହୋଇ ଯାଉଛି ନା ତାକୁ କେବେ କେହି ଅନାଦର କରୁଛି ?

ମେନକା ସୁନ୍ଦର ଭାବରେ ପ୍ରଭାତୀର ମୁଣ୍ଡ ବାନ୍ଧିଦିଏ । ପ୍ରଭାତୀ ଦିନେ ଅଳି କରିଥିଲା, ସବୁପିଲାମାନେ ବ୍ୟାଗରେ ବହିପତ୍ର ଆଣୁଛନ୍ତି । ତା ପାଇଁ ଗୋଟିଏ ବ୍ୟାଗ ଦରକାର । ବୁଢ଼ୀଆ ମଧ୍ୟ ତା ମନ ଲାଖି ଗୋଟିଏ ବ୍ୟାଗ ଆଣିଦେଇଛି । ପ୍ରଭାତୀ ସେ ବ୍ୟାଗ

ଭିତରେ ବହି ପତ୍ର ରଖି ତାଙ୍କ ବେକରେ ଝୁଲାଇ ସ୍କୁଲକୁ ବାହାରିଲେ ମେନକା ଦାଣ୍ଡ ଦୁଆରେ ଠିଆ ହୋଇ ରହେ ପ୍ରଭାତୀ ତା ଦୃଷ୍ଟିରୁ ଦୂରକୁ ଯିବା ପର୍ଯ୍ୟନ୍ତ ।

ପ୍ରଭାତୀ ସ୍କୁଲକୁ ଚାଲିଯାଇଛି । କେଉଁଆଡ଼େ କିଛି ନଥିଲା । ଆକାଶ ଖୁବ୍ ପରିଷ୍କାର ଥିଲା । ସଙ୍ଗେ ସଙ୍ଗେ ଖଣ୍ଡେ କଳା ବଉଦ ମାଡ଼ିଆସିଲା । ଖୁବ୍ ଜୋରରେ ଅସରାଏ ବର୍ଷା ମଧ୍ୟ ହୋଇ ଗଲା । ଖରାଦିନିଆ ମେଘ କେତେ ସମୟ ବା ବର୍ଷନ୍ତା । ରଘୁଆ ମେଘକୁ ଦେଖି କାମକୁ ନ ଯିବାର ଗୋଟିଏ କଳ୍ପନା କରିଗଲା । ବର୍ଷା ଯୋଗୁଁ ଟିକିଏ ଥଣ୍ଡା ପଡ଼ିଆସେ । ରଘୁଆ ଏବଂ ମେନକା ଦୁଇଜଣ ପାଖା ପାଖି ବସି କେତେ ଆଜୁ କେତେ କଥା ଗପିବାରେ ଲାଗି ଗଲେ । କଥାର ଶେଷ ନାହିଁ କି ଆରମ୍ଭ ନାହିଁ । ତା ଭିତରେ ଅନେକ ଥିଲା ପ୍ରଭାତୀର ଭବିଷ୍ୟତ ଚିନ୍ତା ।

ଜୟନ୍ତ ଏବଂ ପ୍ରଭାତୀ ଗୋଟିଏ ବେଞ୍ଚରେ ପାଖା ପାଖି ହୋଇ ବସନ୍ତି । ଅନ୍ୟାନ୍ୟ ପିଲାଙ୍କ ଅପେକ୍ଷା ଶିକ୍ଷକ ମହାଶୟ ଏ ଦୁଇଜଣଙ୍କୁ ଖୁବ୍ ସ୍ନେହ କରନ୍ତି । ଦିନେ ପାଇଁ କୌଣସି ପିଲା ଜୟନ୍ତ କିମ୍ବା ପ୍ରଭାତୀ ଗୋଳମାଳ କରୁଛନ୍ତି ବୋଲି ଶିକ୍ଷକଙ୍କ ଆଗରେ ଆପତ୍ତି କରି ନାହାଁନ୍ତି । ପାଠପଢ଼ା ପରେ ଦୁହେଁ ଏକ ସଙ୍ଗରେ ଘରକୁ ଫେରନ୍ତି ।

ରବିବାର । ପିଲା ମାନଙ୍କର ଖେଳିବାର ଦିନ । ଜୟନ୍ତ ଖେଳିବା ପାଇଁ ପ୍ରଭାତୀର ଘରକୁ ଆସିଥାଏ । ଜୟନ୍ତ ଏକାକି

ନୁହେଁ, ଅନେକ ଗୁଡ଼ିଏ ପିଲା ଖେଳିବା ପାଇଁ ପ୍ରଭାତୀ ଘରକୁ ଆସନ୍ତି । ଏହାର ଏକମାତ୍ର କାରଣ ହେଲା—ମେନକା ପିଲାମାନଙ୍କୁ ଖୁବ୍ ସ୍ନେହ ଆଦର କରେ । ପିଲାମାନେ ଯେଉଁଠାରେ ସ୍ନେହ ଆଦର ପାଆନ୍ତି ସେଠାକୁ ଦୌଡ଼ିଆସନ୍ତି । ଖେଳରେ ବୋହୂ ବୋହୂକା ଖେଳ ହେଲା ପ୍ରଧାନ । ସବୁଦିନେ ପ୍ରଭାତୀ ହୁଏ କନିଆ ଏବଂ ଜୟନ୍ତ ହୁଏ ବର । ଜଣେ ବାଜାବାଲା, ଜଣେ ବର ଯାତ୍ରୀ ହୁଅନ୍ତି । ବାହାଘର ହୁଏ, ପୁରୋହିତ ମନ୍ତ୍ରପାଠ କରେ । ଖେଳ ପରେ ଯେ ଯାହା ଘରକୁ ଫେରନ୍ତି ।

ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରଭାତୀର ଦେହର ସୌନ୍ଦର୍ଯ୍ୟ ଆଉ ବୃଦ୍ଧି ପାଇଲା । ପିଲାଦିନର ବୋହୂ ବୋହୂକା ଖେଳରେ ବୋହୂ ସାଜି ଖେଳିବାପାଇଁ ପ୍ରଭାତୀକୁ ଲଜ୍ଜାବୋଧ ଲାଗିଲା । ଜୟନ୍ତ ଅନେକ ସମୟରେ ପ୍ରଭାତୀର ଘରକୁ ଆସେ । ମେନକା ଜୟନ୍ତକୁ ଖୁବ୍ ସ୍ନେହ କରେ ।

ମାଧ୍ୟମିକ ପରୀକ୍ଷା ଶେଷ ହୋଇଥାଏ । ଫଳ ବାହାରିବା ପାଇଁ ଦୁଇଟି ଦିନ ମାତ୍ର ଥାଏ । ଜୟନ୍ତ ଯାଇ ମେନକାଙ୍କୁ ପଚାରିଲା—ମାଉସୀ ପରୀକ୍ଷା ଫଳ ତ ପଅରଦିନ ବାହାରିବ, ମୁଁ ଏବଂ ପ୍ରଭାତୀ ତ ନିଶ୍ଚୟ ପାସ୍ କରିବୁ । ବାପା କହୁଥିଲେ ମୁଁ କଟକ ଯାଇ— ସେଠାରେ ପାଠ ପଢ଼ିବ । ପ୍ରଭାତୀ କଣ ପିବ ନାହିଁ ?

ଜୟନ୍ତ କଥାରେ ମେନକା ସେ କଣ କହିବେ ? ଟିକିଏ ଚିନ୍ତିତ ହୋଇ କହିଲା—ଜୟନ୍ତ ! ତୁମର ସିନା ଟଙ୍କା ଅଛି,

ତୁମେ ସହରରେ ଯାଇଁ ପଢିବ । ଆମର ଟଙ୍କା କାହିଁ ଯେ ପ୍ରଭାତକୁ ପାଠ ପଢ଼ାଇବାକୁ ସହରକୁ ପଠାଇବୁ । ଏତିକରେ ଜୟନ୍ତର ମୁହଁ ଶୁଖିଗଲା । ପିଲା ହେଲେ କଣ ହେବ ତା ମନରେ ସେଦିନ ଖୁବ୍ ଦୁଃଖ ହୋଇଥିଲା । ଆଉ କିଛି ନକହି ସେ फେରିଗଲା ।

ଜୟନ୍ତ ଖବର କାଗଜରୁ ଦେଖିଲା—ସେ ପ୍ରଥମ ଶ୍ରେଣୀରେ ପାସ୍ କରିଛି । ତା ମନରେ ଖୁବ୍ ଆନନ୍ଦ ଆସିବାର କଥା କିନ୍ତୁ ଜୟନ୍ତ ତା ବଦଳରେ ଦୁଃଖ ଅନୁଭବ କରିଥିଲା । ତାର ଏକମାତ୍ର କାରଣ—ସେ ପ୍ରଭାତକୁ ଛାଡ଼ି କିପରି ରହିପାରିବ । ପ୍ରଭାତ ମଧ୍ୟ ଆନନ୍ଦ ହେବା ସଙ୍ଗେ ସଙ୍ଗେ ଦୁଃଖ ଅନୁଭବ କରିଥିଲା । ପ୍ରଭାତ ମନେ ମନେ ଠିକ୍ କଲା ବାପାଙ୍କୁ କହିବ ଆଉ ପଢ଼ିବା ପାଇଁ । ବାପା କଣ ମନା କରିବେ ? ବାପା ମନା କରିବେନି ସତ, କିନ୍ତୁ ପାଠ ପଢିବାକୁ ଟଙ୍କା ଦରକାର । ଏତେ ଟଙ୍କା କେଉଁଠାରୁ ମିଳିବ ଯେ ସେ ପାଠ ପଢିବ ? ତା'ର ସବୁ ଆଶା ଭରସା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

ରଘୁଆର ମନ ଖୁବ୍ ଆନନ୍ଦ ହୋଇଥାଏ, ପ୍ରଭାତ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛି ବୋଲି । କିନ୍ତୁ କଣ ହେବ, ଏତିକିରେ ତାକୁ ପୋଥିପତ୍ର ବନ୍ଦ କରିବାକୁ ପଡ଼ିବ ।

ପରୀକ୍ଷା ପରେ ପରେ ହୁଏ ଖରା ଛୁଟି । ଏହି ଛୁଟିଟି ସ୍କୁଲ୍ ମାନଙ୍କର ବଡ ଛୁଟି । ପରୀକ୍ଷା ଶେଷ ହୋଇଥାଏ । ଫଳ ମଧ୍ୟ ବାହାରି ଯାଇଥାଏ । ପିଲାମାନେ କୌଣସି ବାଧା ବନ୍ଧନକୁ ନ ମାନି ଆନନ୍ଦ ମନରେ ବୁଲନ୍ତି ।

ଖରାର ପ୍ରକୋପ ବଢିଥାଏ । କୂଅ ପୋଖରୀ ସବୁ ଶୁଖି ଯାଇଥାଏ । ସକାଳ ଦଶଟା ବାଜିଗଲେ ଘରୁ ବାହାରି ହୁଏ ନାହିଁ ।

ପବନର କୋମଳ ପରଶ ଏତେ ଶୁଷ୍କ ଏବଂ ଗରମ ହୋଇଯାଏ ଯେ ଦେହର ଚମଡ଼ା ପୋଡ଼ିଗଲା ପରି ଲାଗେ । ନିଶ୍ୱାସ ବନ୍ଦ ହୋଇ ଆସେ । ସୂର୍ଯ୍ୟ ରଶ୍ମି ଦୂର ଗହ୍ୱରରେ ସୃଷ୍ଟିକରେ ମରୀଚିକା । ପଥିକ ଭ୍ରାନ୍ତ ଧାରଣା ନେଇ ଜଳସ୍ରୋତ ବୋଲି ଦଉଡ଼େ । ମାତ୍ର ଦଉଡ଼ି ଦଉଡ଼ି ଜଳସ୍ରୋତର ସନ୍ଧାନ ପାଏନି । ବନର ହଂସ, ଜନ୍ତୁ ପଲ ଜଳ ଆଶାରେ ମରଣକୁ ଭୟ ନକରି ଗାଁ ପାଖର ଜଳାଶୟ ନିକଟକୁ ଦଉଡ଼ି ଆସନ୍ତି । ଆଶା ତାଙ୍କର ସଫଳ ହୁଏନି । ଅଗାଧ ପଙ୍କ ମଧ୍ୟରେ ପଶି ପ୍ରାଣ ହରାନ୍ତି । ବେଳବେଳକୁ ଦମକାଏ ତାତଲା ପବନ ଆସି ଦାଣ୍ଡ ମଝିରେ ସୃଷ୍ଟିକରେ ଘୂର୍ଣ୍ଣିଆ ଭୂତ । ଚଳ କାଠିକୁଟା ଖଣ୍ଡିଆ କାଗଜ ଠାରୁ ଆରମ୍ଭ କରି ସବୁ କିଛି ଉପରକୁ ଉଠାଏ । ଖାଲି ଯେ କାଠି କୁଟା ଖଣ୍ଡିଆ କାଗଜ ଉଠାଏ ତା ନୁହେଁ ତା ସଙ୍ଗେ ସଙ୍ଗେ ଘରର ଚାଳ ମଧ୍ୟ ଉଡ଼ିଯାଏ । ଗୋରୁପଲ ଖରାର ତାପ ସମ୍ଭାଳି ନ ପାରି ଗଛ ଛାଇରେ ଆଶ୍ରୟ ନିଅନ୍ତି । ସମସ୍ତେ ଏତେ କଷ୍ଟ ଅନୁଭବ କରୁଥିଲା ବେଳେ ପିଲମାନେ ଆନନ୍ଦରେ ଖେଳିବାରେ ଲାଗିଥାନ୍ତି ।

ଜୟନ୍ତ ମନରେ ସରସତା ନଥାଏ । ମା ଯେତେ ପଚାରିଲେ ଜୟନ୍ତ କିଛି କହେ ନାହିଁ । ମା ମନ ବୁଝେ ନାହିଁ କିନ୍ତୁ ଯେତେ ବୁଝାଇ ସୁଝାଇ ପଚାରିଲେ ମଧ୍ୟ କଲ୍ୟାଣୀଙ୍କର ସମସ୍ତ ଚେଷ୍ଟା ବିଫଳ ହୁଏ । ଆଉ କେତୋଟି ଦିନ ପରେ ଜୟନ୍ତ ଚାଲିଯିବ କଟକ । ପ୍ରଭାତୀକୁ ସେ ଏକାକୀ ଛାଡ଼ିଯିବ । ହୁଏତ ଆଉଥରେ ସେ ଗାଁକୁ ଫେରିଲା ବେଳକୁ ପ୍ରଭାତୀକୁ ଦେଖିବା ତା ପକ୍ଷରେ ସମ୍ଭବ ହେବ କି ନାହିଁ ? ଛୁଟି ଶେଷହେଲା । ରାତି ପାହିଲେ ଜୟନ୍ତ କଟକ ଚାଲିଯିବ କଲେଜରେ ପଢିବା ପାଇଁ । ଜୟନ୍ତ ଦୁଃଖ କରୁଥିଲା ପ୍ରଭାତୀକୁ ଛାଡ଼ି ସେ କଟକରେ ଯାଇ ରହିବ । ସମ୍ଭବ

ହେବ ନାହିଁ । ତାର ଭୁଲ ଧାରଣା କ୍ରମେ କ୍ରମେ ଅପସର ଗଲା । ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ କରିବାକୁ ହେଲେ କଲେଜରେ ପଢ଼ିବା ତାର ନିହାତି ଦରକାର । ମନ ଦୃଢ଼ କରି ଜୟନ୍ତ ପ୍ରଭାତୀଠାରୁ ବିଦାୟ ଅଣିବା ପାଇଁ ତା ଘର ଆଡ଼କୁ ବାହାରିଲା ।

ମେନକା ଘର କାମରେ ଲାଗି ପଡ଼ିଥିଲା । ପ୍ରଭାତୀ ଗୋଟିଏ ରୁମାଲରେ ଫୁଲ ପକାଉଥିଲା । ଜୟନ୍ତ ପହଞ୍ଚିବା ସଙ୍ଗେ ସଙ୍ଗେ ପ୍ରଭାତୀ ବସିବା ସ୍ଥାନରୁ ଉଠିଯାଇ ଗୋଟିଏ ଆସନ ପକାଇ ଦେଲା । ମେନକା ମଧ୍ୟ ସେଠାରେ ଆସି ପହଞ୍ଚିଲା । ଅଭିମାନିଆ ସ୍ୱରରେ ମେନକା କହିଲା—ଜୟନ୍ତ ! ଅନେକ ଦିନ ହେଲା ତୁମର ତ ଦେଖା ନ ଥିଲା । ଆଜି କିପରି ମନେ ପଡ଼ିଗଲା ?

ପ୍ରତିଦିନ ଆସିବି ଆସିବି ବୋଲି ଭାବେ । ଖରା ତାତିରେ ଆସିପାରେ ନାହିଁ । ତୁମେ ତ ଅନୁଭବ କରୁଥିବ, ତାତିରେ ବାହାରକୁ ବାହାରିଲେ କିପରି କଷ୍ଟ ହେଉଛି ।

ଜୟନ୍ତ ଚେଷ୍ଟା କରିଥିଲା ମେନକାର ଆଖିରୁ ତାର ମନର ବେଦନାକୁ ଲୁଚାଇ ରଖି ବିଦାୟ ନେଇ ହସ ହସ ବଦନରେ ଫେରିବ, କିନ୍ତୁ ମେନକା ପାଖରେ ତା ଲୁଚି ପାରିଲା ନାହିଁ । ମେନକା ପଚାରିଲା—ଜୟନ୍ତ !ତୁମର ମଳିନ ମୁଖ ଦେଖିଲେ ଜଣାଯାଏ-ତୁମେ ଅନ୍ୟ କୌଣସି ବିଷୟରେ ଚିନ୍ତାକରି ବିରସ ଦେଖାଯାଉଛ ।

ଜୟନ୍ତ ନୀରବ ରହିଲା ।

ନୀରବ ରହିଲ ଯେ । ତୁମର କଣ ହୋଇଛି କି ?

କିଛି ନୁହେଁ । ମୁଁ କାଲି କଟକ ଚାଲିଯିବି, କଲେଜରେ ପଢ଼ିବା ପାଇଁ ।

କଲେଜରେ ପଢିବ ବଡ଼ ଅଫିସର ହେବ । ସେଥିପାଇଁ ଆନନ୍ଦ ହେବା କଥା—ଦୁଃଖ କାହିଁକି ?

ସାଙ୍ଗ ସାଥୀ ଛାଡ଼ି ଏକାକୀ ବାହାରେ ରହିବା ଆଜି ପର୍ଯ୍ୟନ୍ତ ହୋଇ ନଥିଲା । ତେଣୁ ମନ ଖରାପ ଲାଗୁଛି ।

ମନ ଖରାପ ଲାଗିବାର କଥା । ହେଲେ ମଧ୍ୟ ଭବିଷ୍ୟତ ଜୀବନ ଯେଉଁଥିରେ ଭଲ ହେବ ସେଥିପାଇଁ ଆଗେଇ ଯିବା କଥା । ଦୁଃଖ କରିବାର କିଛି ନାହିଁ । ପାଠ ପଢ଼ି କଣ ଗାଁକୁ ଫେରି ଆସିବନି । ଅବଶ୍ୟ ଏତିକି ହୋଇପାରେ, ସେତେବେଳେ ବାବୁ ହୋଇ ଫେରିବ । ଏ ଗରିବଙ୍କ କଥା କଣ ସେତେବେଳେ ମନେ ପଡ଼ିବ । ସତ କହିଲ ଜୟନ୍ତ ?

ଆଜି ମୋତେ ଲଜ୍ଜିତ କରନି ମାଉସୀ । ପାଠ ପଢ଼ି ମୁଁ ବଡ଼ ଅଫିସର ହେବି । ଏହା ଯଦି ବା ସତ ହୁଏ ତେବେ ମଧ୍ୟ ମୁଁ ଯେ ତୁମର ସ୍ନେହ ଶ୍ରଦ୍ଧା ଭୁଲି ଯିବି ଏହା କେବେ ହୋଇ ନପାରେ ।

ସବୁ ସମ୍ଭବ ଏ ଦୁନିଆରେ ଜୟନ୍ତ । ସେଦିନ ଆସୁ ସେତିକି ବେଳେ ମୁଁ କହିବି ଯେ—

ଜୟନ୍ତ ମେନକା ପାଖରୁ ଯାଇ ପ୍ରଭାତୀ ପାଖରେ ବସିଲା । ବୁଣୁଥିବା ରୁମାଲଟାକୁ ଛଡ଼ାଇ ଆଣିଲା । ପ୍ରଭାତୀ ବନ୍ଧୁ ବିଚ୍ଛେଦର ଆଭାଷ ପାଇ ଅନ୍ତର ଭିତରଟା ଜଳିଗଲା ପରି ଅନୁଭବ କରୁଥିଲା । ଜୟନ୍ତକୁ ପାଖରେ ପାଇ ସେ କିଛି କହି ପାରିଲା ନାହିଁ । ତା ଅଜାଣତରେ ଆଖି କୋଣରୁ ଛୁଟି ଆସିଲା ଲୁହର ଧାର ।

ପ୍ରଭାତୀ ତୁ କାନ୍ଦୁଛୁ ।

ପ୍ରଭାତୀ ଅପ୍ରତିଭ ହୋଇ ପଡ଼ିଲା । ବାସ୍ତବିକ ସେ ଆଜି କେତେ ବଡ଼ ଭୁଲ କରି ବସିଛି । ଜୟନ୍ତ ଯାଉଛି ତାର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ କରିବାକୁ । ପ୍ରଭାତୀ ତାକୁ ସ୍ନେହ କରୁଥିଲା ।

ସ୍ନେହର କଣ ଏଇଆ ପରିଣତି ? ଯେ ହସି ହସି ଜୟନ୍ତକୁ ଆଗେଇ ଯିବାପାଇଁ ପ୍ରେରଣା ଦେବାର କଥା । କିନ୍ତୁ ଆଜି ସେ କଣ କରୁଛି ? ତା ଆଖିର ଲୁହ ଦେଖି ଜୟନ୍ତ କଣ ଭାବିବ ? ପ୍ରଭାତୀ ଆଖିର ଲୁହ ପଣତ କାନରେ ପୋଛି ପକାଇଲା । ଅଧର ଫାଙ୍କରେ ହସର ଢେଉ ଖେଳାଇ କହିଲା — ମୁଁ କାନ୍ଦିବି କାହିଁକି ? ଆଖିରେ ଗୋଟାଏ ଗୁଣ୍ଡ ପଡ଼ିଗଲା, ସେଥିପାଇଁ ........

ପ୍ରଭାତୀ ତୁ ତ ଖୁବ୍ ଫାଙ୍କିବା ପାଇଁ ଚେଷ୍ଟା କରୁଛୁ । ମୋ ଆଖିକୁ ମଧ୍ୟ ତୁ ଫାଙ୍କି ଦେବା ପାଇଁ ବସିଛୁ ।

ଫାଙ୍କିବି କାହିଁକି ? ତୁମେ ଯାଉଛ—ବହୁତ ପାଠ ପଢ଼ିବ । ବଡ଼ ବାବୁ ହୋଇ ଫେରିବ । ସେତେବେଳେ କଣ ପ୍ରଭାତୀକୁ ମନେ ପକାଇବ ?

ନିଶ୍ଚୟ ମନେ ପକାଇବି ପ୍ରଭାତୀ । ଯେତେ ବଡ଼ ହେଲେ ମଧ୍ୟ ମୁଁ ସବୁବେଳେ ସେଇ ଜୟନ୍ତ । ମାତ୍ର ମୋ କଥା ମୁଁ କହିଲି । ସତ କରି କହିଲୁ ପ୍ରଭାତୀ, ତୁ କଣ ସତରେ ମନେ ରଖିବୁ ! ଭୁଲି ଯିବୁନି ତ ? ଆଉ କହି ପାରିଲାନି ଜୟନ୍ତ । ନୀରବରେ କେବଳ ପ୍ରଭାତୀର ମୁଖ ମଣ୍ଡଳକୁ ଚାହିଁ ରହିଲା ।

ପ୍ରଭାତୀ ନିଜକୁ ସମ୍ଭାଳି ରଖି ପାରିଲାନି । ଛୋଟ ଶିଶୁଟିପରି କାନ୍ଦି ଉଠିଲା । ଜୟନ୍ତ ତାକୁ ଆଶ୍ୱାସନା ବାଣୀ ଶୁଣାଇ ବିଦାୟ ନେଇ ଘର ଆଡ଼କୁ ବାହାରିଲା । ମେନକା ଶୁଭ ଆଶିର୍ବାଦ ଦେଲା ।

ଜମିଦାର ନରହର ମହାପାତ୍ରଙ୍କ ସ୍ତ୍ରୀ ରେବତୀ ଦେବୀଙ୍କର ଦିନର ଅର୍ଦ୍ଧାଧିକ ସମୟ ଯାଏ ଈଶ୍ବର ଉପାସନାରେ । ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ପୂଜା କରିବା ପାଇଁ ସେ ସବୁବେଳେ ପାଗଳ । ତାଙ୍କ ମୁହଁରେ ସବୁବେଳେ ରାଧାକୃଷ୍ଣ ରାଧାକୃଷ୍ଣ ବ୍ୟତୀତ ସେ ଯେପରି ଅନ୍ୟ କିଛି ଜାଣନ୍ତି ନାହିଁ । ଗାଧୁଆ ତୁଠରେ ମାଇପି ମହଲରେ କଥାପଡ଼େ । କିଏ କେତେ ପ୍ରକାରରେ କୁହେ । ସର୍ବଶେଷରେ ସମାଧାନ ହୁଏ । ନରହର ବାବୁଙ୍କର ପାପ ଗୁଡ଼ାକ କଟି ଯାଉଛି ରେବତୀର ଈଶ୍ବର ଉପାସନାରେ । ତା ନହେଲେ ନରହର ଜମିଦାର ଯେତେ ଅନ୍ୟାୟ କରୁଛି ଧର୍ମ କେବେ ସହନ୍ତା ନାହିଁ । ଫଳ ନିଶ୍ଚେ ସଙ୍ଗେ ସଙ୍ଗେ ଫଳନ୍ତା । କିନ୍ତୁ ରେବତୀର ଧର୍ମ ଯୋଗୁଁ ସେ ସବୁ କିଛି ଧୋଇ ଯାଉଛି । ସମସ୍ତେ ଏଥିରେ ଏକମତ ହୁଅନ୍ତି ।

ନରହର ମହାପାତ୍ରଙ୍କର ଅତ୍ୟାଚାର ଦିନକୁ ଦିନ ବଢ଼ିବାକୁ ଲାଗିଲା । ପ୍ରଜାମାନେ ଖୁବ୍ ଅଶାନ୍ତ ହେଲେ । ରେବତୀ ଦେବୀଙ୍କ କାନକୁ ଏ ସବୁ କଥା ଆସିଲା । ସେ ବା କଣ କରିବେ ? ସ୍ବାମୀଙ୍କୁ ଯେତେ ବୁଝାଇଲେ ମଧ୍ୟ ସେ ଠିକ୍ ବାଟକୁ ଆସିଲେ ନାହିଁ । ରେବତୀ ଦେବୀ ଖୁବ୍ ଜିଦ୍‌ଖୋର ଥିଲେ । ଯାହା ତାଙ୍କ ମନରେ ଥରେ ସ୍ଥାନ ପାଉଥିଲା ତାର ସମାଧାନ ନହେବା ପର୍ଯ୍ୟନ୍ତ ସେ ଛାଡ଼ୁ ନଥିଲେ । ତାଙ୍କର ଏକମାତ୍ର ଚିନ୍ତା ହେଲା ସ୍ବାମୀଙ୍କୁ ଭଲ ବାଟକୁ ଆଣିବା । ସେ ଚେଷ୍ଟା କରିବେ, ଯଦି ତା ନ ହୁଏ ତେବେ ଆନନ୍ଦରେ ହସି ହସି ପ୍ରାଣ ବିସର୍ଜନ କରିବେ ।

ଚିନ୍ତା ଚିତାଠାରୁ ଗରୀୟାନ । ଚିତା ମଣିଷର ନିର୍ଜୀବ ଶରୀରକୁ ଜାଳି ଭସ୍ମୀଭୂତ କରିଦିଏ । ଚିନ୍ତା ଜୀଅନ୍ତା ମଣିଷର ହୃଦୟ ଭିତରକୁ ପୋଡ଼ି ପାଉଁଶରେ ପରିଣତ କରିଦିଏ । ଶେଷରେ ଜୀବନର ଦୀପଟି ଲିଭିଯାଏ । ରେବତୀ ଦେବୀଙ୍କର ଠିକ୍ ସେଇଆ ହେଲା । ନରହରି ବାବୁଙ୍କର ବ୍ୟବହାରରେ ସେ ମର୍ମାହତ ହୋଇ ପଡ଼ିଲେ । ସଂସାର ପ୍ରତି ତାଙ୍କର ବିତୃଷ୍ଣା ଆସିଲା । କ୍ରମେ ରୋଗମାନେ ପ୍ରବଳ ହୋଇ ଉଠିଲେ । ରେବତୀ ଦେବୀ ଶଯ୍ୟାଶାୟୀ ହେଲେ । ରୋଗଶଯ୍ୟାରେ ପଡ଼ି ମଧ୍ୟ ଅନେକ ଥର ସ୍ୱାମୀଙ୍କୁ ସେ ପ୍ରାର୍ଥନା କରିଛନ୍ତି ନରକ ପଥରୁ ପୁଣ୍ୟ ପଥକୁ ଫେରି ଆସିବାକୁ । କିନ୍ତୁ ନରହରି ବାବୁ ସେ ସବୁ କଥା କେବେ ଥରକ ପାଇଁ କାନକୁ ନେଇ ନାହାନ୍ତି । ଥରେ ଯେ ନିଶା ଖାଇବା ଅଭ୍ୟାସ କରିଛି ତାହା ଛାଡ଼ିବା ତା ପକ୍ଷରେ ସମ୍ଭବ ହେବ ନାହିଁ । ସେହିପରି ଥରେ ଯେ ନରକ ପଥକୁ ଉଚିତ ପଥବୋଲି ଭାବି ଆଦରି ନେଇଛି, ସେ ପଥ ଛାଡ଼ି ପୁନରାୟ ଉଚିତ ପଥକୁ ଫେରି ଆସିବା ସହଜ ନୁହେଁ ।

ସେ ଦିନ ହୋଇଥାଏ ଗୁରୁବାର । ମାର୍ଗଶୀର ଗୁରୁବାର ପୂଜା ଖୁବ୍ ସମାରୋହରେ ପାଳନ କରନ୍ତି । ଏହି ଦିନ ଗୁଡ଼ିକରେ ଘରର କାନ୍ଥ ଠାରୁ ଆରମ୍ଭ କରି ଚଟାଣ ପର୍ଯ୍ୟନ୍ତ ସମସ୍ତ ଲିପା-ପୋଛା ହୋଇ ପରିଷ୍କାର କରାଯାଏ । ଘର ଭିତରଠାରୁ ଆରମ୍ଭ କରି ଦାଣ୍ଡ ଦୁଆର ପର୍ଯ୍ୟନ୍ତ ଲକ୍ଷ୍ମୀପାଦ ଚିତାରେ ପୂର୍ଣ୍ଣ ହୋଇ-

ଥାଏ । ଦାଣ୍ଡ ଦୁଆର କାନ୍ଥରେ ଧାନ ଶିଷାର ଚିତ୍ର ହୁଏ ।
ସମସ୍ତଙ୍କର ବିଶ୍ୱାସ, ଏପରି କଲେ ସ୍ୱୟଂ ଲକ୍ଷ୍ମୀ ଦେବୀ ଆବିର୍ଭୂତା
ହୋଇ ଧନ ଆଉ ଐଶ୍ୱର୍ଯ୍ୟ ଦିଅନ୍ତି । ସାଧାରଣତଃ ଏହି ବ୍ରତ
ସ୍ତ୍ରୀମାନେ ମହାସମାରୋହରେ ପାଳନ କରନ୍ତି । ଏପରି ଗୋଟିଏ
ଉତ୍ସବ ଦିନରେ ରେବତୀ ଦେବୀ ବିଛଣାରେ ପଡ଼ି ରହିବାକୁ
ଇଚ୍ଛାକଲେ ନାହିଁ । କିନ୍ତୁ ରୋଗର ଦାଉରେ ସେ ଏତେ ଭାଙ୍ଗି
ପଡ଼ିଥିଲେ ଯେ, ବିଛଣାରୁ ଉଠି ବାହାରକୁ ଆସିବା ତାଙ୍କ
ପକ୍ଷରେ ଅସମ୍ଭବ ହୋଇଥିଲା । ବହୁ କଷ୍ଟରେ ରତନା ଗୁଆଳଣୀ
ରେବତୀ ଦେବୀଙ୍କୁ ଉଠାଇ ବାହାରକୁ ଟିକିଏ ଆଣିଲା । ଦେବୀଙ୍କର
ପୂଜା କଣ ପରଲୋକ ହାତରେ ହୁଏ, କିନ୍ତୁ ଉପାୟ କଣ ? ନିଜର
ଯେତେବେଳେ ଶକ୍ତି ନାହିଁ ସେତେବେଳେ ଭଲ ମନ୍ଦ ବିଚାର
କରି ଆଉ ବା ଲାଭ କଣ ? ରେବତୀ ଦେବୀଙ୍କ ନିର୍ଦ୍ଦେଶ ଅନୁସାରେ
ବରଜୁଆ ମା ଲକ୍ଷ୍ମୀ ପୂଜାଟି କରିଦେଲା । ରେବତୀ ଦେବୀ ଟିକିଏ
ଆଶ୍ୱସ୍ତ ହେଲେ ।

ସନ୍ଧ୍ୟାର ଆଗମନ ବାର୍ତ୍ତା ଜଣାଇ ବିହଙ୍ଗମଗଣ ନିଜ
ନିଜର ନୀଡ଼ ସ୍ଥଳକୁ ଫେରିଲେ । ଦେବାଳୟରେ ଘଣ୍ଟା ଘଣ୍ଟି ବାଜି
ଉଠିଲା । କୁଳବଧୂମାନେ ସନ୍ଧ୍ୟାର ବତୀ ଜାଳିଦେଲେ ତୁଳସୀ-
ମୂଳେ । ରେବତୀ ଦେବୀ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଦୁଇହାତ ଉଠାଇ
ଭଗବାନଙ୍କ ନିକଟରେ ପ୍ରାର୍ଥନା କଲେ । ସ୍ୱାମୀ ନିର୍ଦ୍ଦୟ ହୋଇ-
ପାରେ, ଦସ୍ୟୁ କିମ୍ବା ମଦ୍ୟପ ହୋଇପାରେ, ଯାହାକିଛି ହେଲେ
ମଧ୍ୟ ସ୍ତ୍ରୀର ଆଖିରେ ସେ ତାର ଦେବତା । ନରହରି ବାବୁ
ରେବତୀ ଦେବୀଙ୍କୁ ଯେତେ ହେୟ ଚକ୍ଷୁରେ ଦେଖିଲେ ମଧ୍ୟ
ହେଲେ କେବେ ସେ ସ୍ୱାମୀଙ୍କର ଅମଙ୍ଗଳ ପାଞ୍ଚି ନାହାନ୍ତି ।
ସବୁବେଳେ ଭଗବାନଙ୍କୁ ଜଣାଉ ଥାନ୍ତି—ସ୍ୱାମୀ କପରି ଭଲ

ବାଠିକୁ ଆସନ୍ତୁ । ଦିନ ଗଡ଼ିବା ସଙ୍ଗେ ସଙ୍ଗେ ରେବତୀ ଦେବୀଙ୍କର ଜ୍ୱର କ୍ରମେ ବଢ଼ିବାକୁ ଲାଗିଲା । ସେ ଅସ୍ଥିର ହେବାକୁ ଲାଗିଲେ । ଗୃହର ଗୃହିଣୀମାନଙ୍କ ଅନୁରୋଧରେ ନରହରି ବାବୁ ଜଣେ କବିରାଜଙ୍କୁ ଡକାଇଲେ । କବିରାଜ ଶ୍ରୀ ଲିଙ୍ଗରାଜ ପାଣି କାଖରେ ଏକ ବଟୁଆ ଝୁଲାଇ ନରହରି ବାବୁଙ୍କ ଦୁଆରେ ପହଞ୍ଚିଲେ । କବିରାଜେ ମନ ମଧ୍ୟରେ ଗୋଟାଏ ବଡ଼ ଆଶା ବାନ୍ଧି ଆସିଥିଲେ—ଜମିଦାର ଦୁଆର ଯେତେବେଳେ, ଗୋଟାଏ କିଛି ମୋଟା ଧରଣରେ ଔଷଧ ଖର୍ଚ୍ଚ ମିଳିବ । ଆଖ ପାଖ ଦଶଖଣ୍ଡ ମଉଜାରେ ତାଙ୍କର ଖୁବ୍ ନାଁ ଥିଲା । ଲୋକେ କହନ୍ତି କବିରାଜେ ସାକ୍ଷାତେ ଅଶ୍ୱିନୀ କୁମାର । ଯେଉଁ ରୋଗୀକୁ ସେ ଚିକିତ୍ସା କରନ୍ତି, ସେ ନିଶ୍ଚୟ ଭଲ ହୋଇଛି । ଏହାର କାରଣ—କବିରାଜେ ଦେଖିଶୁଣି ଚିକିତ୍ସା କରନ୍ତି । କବିରାଜେ ନରହରି ବାବୁଙ୍କୁ ଗୋଟାଏ ଦଣ୍ଡବତ କରି ନିକଟରେ ପଡ଼ିଥିବା ଖଣ୍ଡେ ଚଉକି ଅଧିକାର କରିନେଲେ । ତା ସଙ୍ଗେ ସଙ୍ଗେ ନିଜର ବାହାଦୁରି ଗାଇବାକୁ ଆରମ୍ଭ କଲେ । କେଉଁଠାରେ କିପରି ଭାବରେ କେତେ ମାରାତ୍ମକ ରୋଗ ସବୁ ଏକା ଫୁଙ୍କାରରେ ଉଡ଼ାଇ ଦେଇ—ଛନ୍ତି ଇତ୍ୟାଦି ଇତ୍ୟାଦି ।

ରତନ କାନ୍ଧ କାନ୍ଧ ନରହରି ବାବୁ ବସିଥିବା ଘର ଭିତରକୁ ପଶିଗଲା । ନରହରି ବାବୁଙ୍କୁ ଆଉ କିଛି ଅଜଣା ରହିଲା ନାହିଁ । କବିରାଜଙ୍କୁ ସଙ୍ଗରେ ଧରି ସେ ରେବତୀ ଦେବୀଙ୍କ ପାଖରେ ପହଞ୍ଚିଲେ । କବିରାଜେ ନାଡ଼ିଟାକୁ ଚିପିଧରି ଆଖିବୁଜି ଜଣ ମନକୁ ମନ ଗଣି ଯାଉଥାନ୍ତି । କେତେକ ସମୟ ପରେ ନାଡ଼ି ଛାଡ଼ିଦେଇ କବିରାଜେ ଟିକିଏ ଘୁଞ୍ଚି ଆସିଲେ । ତାଙ୍କର ମୁଖର ଭଙ୍ଗୀ ବିକୃତ ହୋଇ ଗଲା । ସେ ଆଶାକରି ଆସିଥିଲେ, ଜମିଦାରଙ୍କ ପାଖରୁ ନିଶ୍ଚୟ କିଛି ଗୋଟାଏ ମୋଟା ଧରଣରେ ଖର୍ଚ୍ଚ ମିଳିବ

କିନ୍ତୁ ସେ ସବୁ କ୍ଷଣିକ ଭିତରେ କେଉଁଆଡ଼େ ଉଭେଇ ଗଲା । ଦୀପର ଶେଷଟିଖାଟି ଜୋରରେ ଜଳି ଉଠି ଅନ୍ଧକାର ସଙ୍ଗେ ମିଳାଇ ଗଲା ପରେ, ରେବତୀ ଦେବୀ ସୁସ୍ଥପରି ଉଠି ବସିଲେ । ସ୍ତ୍ରୀଙ୍କ ଇଙ୍ଗିତରେ ନରହରିବାବୁ ପାଖକୁ ଗଲେ । ମାତ୍ର ରେବତୀ ଦେବୀ କିଛି କହି ପାରିଲେନି । ଧୀର ଧୀର ଲୁହ ଗଣ୍ଡ ଦେଶକୁ ପ୍ଲାବିତ କରି ବହି ଆସିଲା ତଳକୁ । ନରହରି ବାବୁ ନିଜକୁ ସମ୍ଭାଳି ରଖି ପାରିଲେନି । ପିଲାପରି କାନ୍ଦି ଉଠିଲେ । କାହାରି ମୁହଁରେ କଥା ନାହିଁ । ସମସ୍ତେ ନୀରବ । ରେବତୀ ଦେବୀ ଚାରି-ଆଡ଼କୁ ଥରେ ଆଖି ବୁଲାଇ ନେଇ ସ୍ୱାମୀଙ୍କର ଶାନ୍ତିମୟ କୋଳରେ ମୁଣ୍ଡଟି ରଖିଦେଲେ । ଚକ୍ଷୁ ମୁଦ୍ରିତ ହୋଇଗଲା । ନରହରି ବାବୁ କବିରାଜଙ୍କୁ ଡାକିଲେ । କବିରାଜ କଣ ଦେଖିବେ ? ସମସ୍ତ ଯେ ଶେଷ ହୋଇ ଯାଇଛି ।

ଜନ୍ମ ଆଉ ମରଣର ତଫାତ୍‌ଟା ଠିକ୍ ଆକାଶ ଆଉ ପାତାଳ । ଜନ୍ମବେଳେ ଆନନ୍ଦ, କୋଳାହଳରେ ଘର ଫାଟି ପଡ଼େ, ମରଣ ବେଳେ କ୍ରନ୍ଦନ ଧ୍ୱନିରେ ମଧ୍ୟ ଘର ଫାଟି ପଡ଼େ । ସ୍ୱାମୀକୁ ସ୍ତ୍ରୀ କେତେ ସ୍ନେହ କରେ, ମା ପୁଅକୁ, ଭାଇ ଭାଇକୁ ସ୍ନେହ ବନ୍ଧନରେ ବାନ୍ଧି ରଖିଥାଏ; କିନ୍ତୁ କି ସ୍ୱାର୍ଥପର ସମସ୍ତେ । ଭଲ ଥିଲାବେଳେ ସମସ୍ତେ ସାଥୀ । ମନ୍ଦବେଳେ କେହି କାହାରି ନୁହଁନ୍ତି । ବଞ୍ଚିଥିବା ବେଳେ କେତେ ଆଦର କେତେ ସ୍ନେହ କିନ୍ତୁ ମରିଯିବା ସଙ୍ଗେ ସଙ୍ଗେ ସବୁ ଆଦର ସ୍ନେହ ଘୃଣାରେ ପରିଣତ ହୋଇଯାଏ । ନିର୍ଜୀବ ଶରୀର ଠାକୁ ସତ୍କାର ପାଇଁ ପଠାଇଦେଇ ତା ସଙ୍ଗେ ସଙ୍ଗେ ଗୋ ମୂତ୍ରର ଛିଟିକା ପକାଇ ପବିତ୍ର କରନ୍ତି । ସମସ୍ତଙ୍କ ପାଇଁ ଏହାହିଁ ଦିନେ ନା ଦିନେ ହେବ । ମସ୍ତିଷ୍କ ସବୁ ଜାଣେ, ମାତ୍ର ନଜାଣିଲା ପରି କାମ କରେ—ଯେପରିକି ସେ ଜନ୍ମ ଗୃଳାତ ।

ନରହରି ବାବୁ ସ୍ତ୍ରୀଙ୍କର ବିୟୋଗରେ ଖୁବ୍ ଭାଙ୍ଗି ପଡ଼ିଲେ । ଖିଆ ପିଆରେ ଠିକ୍ ରହିଲା ନାହିଁ, କିନ୍ତୁ କଣ ହେବ ? ଯେ ଗଲା ତା ପାଇଁ ଦୁଃଖ କରି ଲଭ କିଛି ନାହିଁ । ଏହି କଥାକୁ ମନ ମଧ୍ୟରେ ସ୍ଥାନ ଦେଇ ନରହରି ବାବୁ ଅଳ୍ପ ଦିନ ଭିତରେ ସ୍ତ୍ରୀ ବିୟୋଗ ଦୁଃଖକୁ ଏକାବେଳକେ ପାଶୋରି ପକାଇଲେ ।

ଜୟନ୍ତର ଅନୁପସ୍ଥିତି ପ୍ରଭାତୀ ମନରେ ଭୀଷଣ ଆଘାତ ଦେଇଛି । ମନର ପରିବର୍ତ୍ତନ ପାଇଁ ସେ ଅନେକ ଆଉ ଅନେକ କଥା ଭାବୁଛି ; କିନ୍ତୁ କୌଣସିଥିରେ ମନ ପରିବର୍ତ୍ତନ ହେବା ତ ଦୂରର କଥା —ଅଧିକ ଖରାପ ଅଡ଼କୁ ଟାଣି କରୁଛି । ସେ ଅଜ ସାଥୀ ହରା । ନିଃସଙ୍ଗ ଜୀବନ କେତେ ଦୁଃଖ ଦାୟକ ପ୍ରଭାତୀ ଆଜ ନୂଆ ହୋଇ ସେ କଥା ବୁଝିଲା । ଜୟନ୍ତର ପ୍ରତ୍ୟେକ କଥା ତା ସମ୍ମୁଖରେ ପ୍ରତିଧ୍ୱନିତ ହେଲା । ପ୍ରଭାତୀ ଜାଣିଥିଲା—ଜୟନ୍ତକୁ କେବେ ସେ ନିଜର କରିପାରିବନି । ଦୁଇଜଣଙ୍କ ଭିତରେ ତଫାତ୍ ଠିକ ସ୍ୱର୍ଗ ଓ ମର୍ତ୍ତ୍ୟ । ଜୟନ୍ତ ଜଣେ ଜମିଦାର ଖାନଦାନ ପରିବାରରେ ଜନ୍ମ ଗ୍ରହଣ କରିଛି, ମାତ୍ର ପ୍ରଭାତୀ ଗରିବ ମୂଲିଆ ଘରେ । ଗରିବ ଘରେ ଜନ୍ମ ଗ୍ରହଣ କରି ବଡ଼ ଲୋକକୁ ଆଶା କରିବା ନିର୍ବୋଧତା ବ୍ୟତୀତ ଅନ୍ୟ କଣ ହୋଇପାରେ ? ଜଣେ ଜଣକୁ ସ୍ନେହ କରିବା ତ ନିର୍ବୋଧତା ହୋଇ ନ ପାରେ । ପ୍ରଭାତୀ ଯେତେ ଭାବିଲା, କଥାଗୁଡ଼ାକ ତାକୁ ସେତେ ଅଡୁଆ ଅଡୁଆ ଲାଗିଲା । ଜୟନ୍ତକୁ ସେ ଭୁଲିଯିବ ? ହଁ ତାହାକୁ ସେ କେବେହେଲେ ପାଇ ପାରିବ ନାହିଁ

ତା ପାଇଁ ଚିନ୍ତାକରି ଲାଭ ବା କଣ ? ଜୟନ୍ତ ହୁଏତ ରାଜ ହୋଇ ପାରେ । ତାଙ୍କ ବାପା ଜନ୍ମେଜୟ ପ୍ରତିହାରି କଣ ରାଜା ହେବେ ? ପୁଅକୁ ସେ କଲେଜରେ ପଢ଼ାଇବା ପାଇଁ ପଠାଇଛନ୍ତି । ଗୋଟାଏ ମୋଟା ଧରଣର ଯୌତୁକ ପାଇବା ଆଶା ନିଶ୍ଚୟ ଥିବ ; ଆଉ ଏହିପରି କେତେ କ'ଣ ଭାବୁ ଭାବୁ ସେ ନିଦ୍ରାଦେବୀଙ୍କର ଶାନ୍ତିମୟ କୋଳରେ ଆଶ୍ରୟ ନେଲା ।

ପ୍ରଭାତୀ ଯେ କେବଳ ଜୟନ୍ତକୁ ଭାବି ଅସ୍ଥିର ହେଉଥିଲା ତା ନୁହେଁ । ଜୟନ୍ତ ମଧ୍ୟ ସାଥିହରା ହୋଇ ପ୍ରଭାତୀକୁ ପାଇବା ପାଇଁ ତା ଠାରୁ ଅଧିକ ଅସ୍ଥିର ହେଉଥିଲା । ଜୟନ୍ତ ନୂଆ ହୋଇ ସହରକୁ ଆସିଛି । ସହରର ପ୍ରତ୍ୟେକ ଜିନିଷ ତାକୁ ଦେଖା ଯାଉଛି ନୂଆ । ସବୁ ଜିନିଷ ଗୁଡ଼ିକ ଥରେ ଦେଖିନେବା ପାଇଁ ତାର ଖୁବ୍ ଆଗ୍ରହ । କିନ୍ତୁ ଗୋଟିଏ ଜିନିଷ ଦେଖିଲାବେଳେ ସେ ଭାବୁଛି ପ୍ରଭାତୀ ତା ସଙ୍ଗରେ ଥାଆନ୍ତା କି ? ମନକୁ ପୁଣି ଜୟନ୍ତ ବୁଝାଏ । ଯାହା ହୋଇ ପାରିବନି ସେ କଥାକୁ ମନରେ ସ୍ଥାନ ଦେଇ ଲାଭ କଣ ? ଲାଭ ଏତିକି ହେବ ମନର ବ୍ୟଥା ବଢ଼ିବ । ପ୍ରକୃତରେ ସେ କଣ ପ୍ରଭାତୀକୁ ତା ଜୀବନର ପ୍ରକୃତ ସଙ୍ଗିନୀ କରି ପାରିବନି ? କାହିଁକି କରି ପାରିବନି ? ମନ ଥିଲେ ଉପାୟ ଆପେ ଆପେ ଆସିବ । କେହି ତାକୁ ବାଧା ଦେଇ ପାରିବେନି । ଗୋଟିଏ ଜଟିଳ ପ୍ରଶ୍ନ ତା ଆଖି ଆଗରେ ଦେଖା ଦେଲା । ବାପା ପ୍ରଭାତୀକୁ ବୋହୂ କରି ଆଣିବାକୁ କୁଣ୍ଠାବୋଧ କରିବେ, ଜୟନ୍ତ ଭଲଭାବରେ ବୁଝିଛି ବାପା ଚାହାନ୍ତି ଯୌତୁକ । ଯେଉଁଠାରୁ ଯୌତୁକ ମାତ୍ରା ଅଧିକ ମିଳିବ ସେହିଁଠାରେ ସେ ନିଶ୍ଚୟ ସମ୍ବନ୍ଧ ବାନ୍ଧିବେ । ଜୟନ୍ତ କଣ ସେ କଥାକୁ ସମର୍ଥନ କରିବ ? ନା—ତା ହେବ ନାହିଁ । ସେ ନିଶ୍ଚୟ ତାର ପ୍ରତିବାଦ କରିବ । ପ୍ରଭାତୀକୁ ଦେଖିଲ

ଦିନଠାରୁ ସେ ଠିକ୍ କରିଛି ପ୍ରଭାତୀ ହିଁ ତାର ସର୍ବସ୍ୱ । ବାପା ଯଦି ତାର ସୁଖ ପଥରେ ଅନ୍ତରାୟ ହୁଅନ୍ତି ତାହାଲେ ସେ ଚିରକୁମାର ବ୍ରତ ଅବଲମ୍ବନ କରିବ । ଦିନେ ଠିକ୍ ଏହି କଥା ସେ ପ୍ରଭାତୀ ମୁହଁରୁ ଶୁଣିଥିଲା । ସ୍ତ୍ରୀ ହୋଇ ଯଦି ଏହା କରିପାରେ ତେବେ ପୁରୁଷ ହୋଇ ଜୟନ୍ତ କଣ ଏବେ କରି ପାରିବନି ।

ଜୟନ୍ତ ପ୍ରତିହାରୀ ଦିନେ ତହସିଲ କାଗଜ ପତ୍ରଗୁଡ଼ାକ ଓଲଟ ପାଲଟ କରିବାରେ ଲାଗିଛନ୍ତି । ବୃଦ୍ଧ ସିଦ୍ଧେଶ୍ୱର ମହାନ୍ତି ବାଡ଼ିଖଣ୍ଡିଏ ଠକ ଠକ କରି ତାଙ୍କ ପାଖରେ ପହଞ୍ଚିଲେ । ଜୟନ୍ତ ସେମାନଙ୍କ ସଙ୍ଗେ ଖଣ୍ଡେ ଚଉକି ଟାଣିଆଣି ସିଦ୍ଧେଶ୍ୱରଙ୍କୁ ବସିବା-ପାଇଁ ଅନୁରୋଧ କଲେ । ବୃଦ୍ଧ ହାତରେ ପାନ ଛେଚୁରୁ କଲଠାକୁ ଠକ ଠକ କରି କହିଲେ—ଜୟନ୍ତ ମୋର ସମୟ ଖୁବ୍ କମ୍ ତେଣେ ବହୁତ ଗୁଡ଼ାଏ କାମ ବାକିଥା ପଡ଼ିଛି । ଗୋଟାଏ ଜରୁରି କାମରେ ମୁଁ ତୋ ପାଖକୁ ଆସିଛି । କଣ କହୁଛୁ । କହିଲୁ ?

କାଗଜ ପତ୍ର ଉପରୁ ମୁହଁ ଉଠାଇ ଜୟନ୍ତ କହିଲେ "କଥାଟା କଣ କହନ୍ତୁ ନା ।"

ଟିକିଏ ଗଳା ଝଙ୍କାରି ବୃଦ୍ଧ କହିଲେ "କଥାଟା କଣ କି, ରମେଶ ବାବୁଙ୍କ ଝିଅ କିରଣକୁ ତୁ ତ ଦେଖିଥିବୁ ସେ ମୋତେ ଅନେକ ଥର କହିଲେଣି । ଆମ ଜୟନ୍ତ ପାଇଁ ପ୍ରସ୍ତାବଟା ପକାଇଲେ କେମିତି ହୁଅନ୍ତା ? ବାକିଟା ସେ ନିଶ୍ଚୟ ପୂରଣ

କରିବେ । ଦାବ ବୋଇଲେ କୈଳ୍କ ୍ୟାଁ କୋଡ଼ିଏ ଭରି ସୁନା ଅଳଙ୍କାର । କ୍ୱାଇଁ ତ ତାଙ୍କର । ତାକୁ ସେ ଯାହା ଦେବେ । କଲେଜ ପଢ଼ା ବାବୁ ଯେତେବେଳେ ଦେଇ ଦେଇ ଦେବେ ଘଣ୍ଟା ଟେ ଆଉ ଗୋଟେ ମଠର ସାଇକଲ ।

ଜନ୍ମେଜୟ କହିଲେ "ମଉସା ତୁମେ ଯାହା କହୁଗଲେ ଅବଶ୍ୟ ମୁଁ ପ୍ରାପ୍ୟ ସେଥିରେ ବଡ଼ । ତେବେ ମୋ ଘରେ କଣ ଅଭାବ ଅଛି ଯେ ମୁଁ ଆଉ ଗୁଡ଼ାଏ ଦାବୀ କରିବ ? ତେବେ ହିଁ ଟୋକାଏ କଥା ରେଡ଼ିଓ ଟେ ନ ଦେଲେ ଜମ୍ବନ୍ତର ନିଶ୍ଚୟ ମନ ଊଣା ହେଇଯିବ । ଆଉ ବାଠ ଟ ଙ୍କ ପାଇଁ ଅନ୍ତତ ଟଙ୍କା ହଜାରେ ହେଲେ ଚଳିବ । କଥାଗୁଡ଼ାକ ଜନ୍ମେଜୟ ବାବୁ କହୁଥିଲା ବେଳେ ବୁଢ଼ା କେବଳ ତାଙ୍କ ମୁହଁ ଆଡ଼କୁ ଚାହିଁ ରହିଥିଲେ । ଆଉ ଅଧିକ କିଛି ନ ପଚାରି ବୁଢ଼ା ଧିରେ ଉଠି ଆସିଲେ । ରମେଶ ବାବୁ ସେତେବେଳ ପର୍ଯ୍ୟନ୍ତ ସିଦ୍ଧେଶ୍ୱର ବାବୁଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ।

ରମେଶ ବାବୁ ଆଗ୍ରହାନ୍ୱିତ ହୋଇ ପଚାରିଲେ "କଣ ହେଲା ସିଦ୍ଧେଶ୍ୱର ବାବୁ ।"

ହେବ ଆଉ କଣ ? ଦାବୀ ପୂରଣ କରି ପାରିବତ ?

ଝିଅ ଜନ୍ମ କରିବା ପାପ ନିଶ୍ଚୟ ସିଦ୍ଧେଶ୍ୱର ବାବୁ । ତେବେ କହନ୍ତୁ ନା କଣ ତାଙ୍କର ଦାବୀ ?

ଦାବୀ ସେ ପରି କିଛି ନୁହେଁ । କୋଡ଼ିଏ ଭରି ସୁନା, ଘଣ୍ଟା, ମଠର ସାଇକେଲ ତା ସଙ୍ଗେ ରେଡ଼ିଓ । ଏ ସବୁ ହେଲା ଜିନିଷ ଆକାରରେ ତା ବ୍ୟତୀତ ଗସ୍ତା ଖର୍ଚ୍ଚ ନଗଦ ଏକ ହଜାର ଟଙ୍କା । ଏହାଠାରୁ କମ୍ ହେଲେ ସେ ଜମିଦାର ଘରେ ବନ୍ଧୁ କରିବା ସମ୍ଭବ ହେବ ନାହିଁ ।

ଜମିଦାର ଘରେ ବନ୍ଧୁ ବାନ୍ଧବା ଆଜଠାରୁ ପୂର୍ଣ୍ଣ ଚ୍ଛେଦ ହେଲେ ତା ହେଲେ । ଯେଉଁମାନେ ଏବେ ଦାବୀର ଉଥ୍ଥାପନ କରୁଛନ୍ତି ସେମାନଙ୍କ ମନରେ କଣ ଚେତନା ଆସେ ନାହିଁ, ସେମାନେ ଯେଉଁ ପରି ଦାବୀ କରି ବସୁଛନ୍ତି ତାଙ୍କ ପାଇଁ ମଧ୍ୟ ଠିକ୍ ସେଇଆ ହେବ ବୋଲି । ମୋର ଯାହା ମନେ ହୁଏ ଜନ୍ମେଜୟ ବାବୁ ବୋଧେ କନ୍ୟାର ପିତା ହୋଇ ନାହାନ୍ତି ତା ଯଦି ହୋଇ ଥାଆନ୍ତେ ତାହାହେଲେ ସେ ଏତେ ଗୁଡ଼ିଏ ଦାବୀ କରି ବସି ନଥାନ୍ତେ । ମଣିଷର କେତେ ଅଧୋପତନ ହୋଇ ଗଲଣି—ଯେତିକି ଭାବିଲ ବେଳେ ଦୁଃଖ ଲାଗେ । କନ୍ୟା ସୁନ୍ଦରୀ ହେଉ କି ଅସୁନ୍ଦରୀ ହେଉ, ବିବାହ ପରେ ଦାମ୍ପତ୍ୟ ଜୀବନ ସୁଖମୟ ହେଉ କି ନ ହେଉ ସେଥିପାଇଁ କୌଣସି ପିତାମାତା ନଜର ଦିଅନ୍ତିନି । ଧନର ଲୋଭ ତାଙ୍କୁ ନରକ ଭିତରକୁ ଟାଣିନିଏ । ଯାହା ଫଳରେ ସମୟେ ସମୟେ ସେମାନେ ଜାଣି ଶୁଣି ଦାମ୍ପତ୍ୟ ଜୀବନକୁ ଦୁଃଖମୟ କରି ପକାନ୍ତି । କିନ୍ତୁ ସେମାନେ ଭାବି ପାରନ୍ତିନି ପୁଅ ଝିଅମାନଙ୍କ ମନରେ କେତେ ଆଘାତ ଦିଅନ୍ତି ।

ସିଦ୍ଧେଶ୍ୱର ବାବୁ ଉତ୍ତର ଦେଲେ" ବାବୁ ମୁଁ ଏ ସବୁ ଦେଖି ଦେଖି ବୁଢ଼ା ହେଲିଣି । ମୁଣ୍ଡର କଳା ବାଳର ରଙ୍ଗ ପରିବର୍ତ୍ତନ ହୋଇ ଧୋବର ରଙ୍ଗ ଧାରଣ କଲାଣି । ଆଉରି ମଧ୍ୟ କେତେ ଦେଖିବାକୁ ମିଳିବ । ମୋର ପିଲାଦିନ କଥା ମନେ ପଡୁଛି । ସେତେବେଳେ ଦଶଟା ଗାଇକଲ ମଠରେ ସାଇକଲ ନ ଥିଲା । କୋଉଠି କେମିତି ସାଇକଲ ଖଣ୍ଡେ ଅଧେ କାଁ ଭାଁ ହୋଇଥିଲା । ବଡଲୋକ ହୋଇଥିଲେ ସେ ବ୍ୟବହାର କରୁଥିଲା । ଖଣ୍ଡେ ସାଇକଲ ଦେଖିଲେ ଶହ ଶହ ସଂଖ୍ୟାରେ ଲୋକେ ରୁଣ୍ଡ ହୋଇ ଯାଉଥିଲେ । ଏତେ ରିକସା ମଧ୍ୟ ନ ଥିଲା । ଖାଇବା ଜିନିଷ

ଏତେ ଅଭାବ ଦେଖା ନ ଥିଲା । ଲୋକେ ବିଳାସ ବ୍ୟସନରେ ରତ ହେବା ପାଇଁ ଚେଷ୍ଟା କରୁ ନ ଥିଲେ । ପରହାତକୁ ନଚାହିଁ ନିଜ ଗୋଡରେ ନିଜେ ଠିଆ ହେବାକୁ ସମସ୍ତେ ଚେଷ୍ଟା କରୁଥିଲେ । ବିବାହରେ ଯୌତୁକର ପ୍ରଶ୍ନ ମୋଟେ ନଥିଲା । ପ୍ରଥମେ ପ୍ରଥମେ ଯୌତୁକ ଦାବି ଦେଲେ ମୁଁ ଖୁବ୍ ଦୁଃଖ କରୁଥିଲି । ଆଉ ଏବେ ସେ ସବୁ ଶୁଣି ଶୁଣି ଅଭ୍ୟାସଗତ ପଡ଼ିଗଲାଣି ତେଣୁ ମୁଁ ଆଶ୍ଚର୍ଯ୍ୟ କିମ୍ବା ଦୁଃଖ କରୁ ନାହିଁ ।

ହଁ ଦେଶଟା ଯେତିକି ଯେତିକି ଉନ୍ନତ ହେଉଛି ଲୋକଙ୍କର ନୈତିକତା ସେତିକି ସେତିକି କମୁଛି । ସମସ୍ତେ ସବୁବେଳେ ଭାବୁଛନ୍ତି ଆତ୍ମନିର୍ଭରଶୀଳ ନହୋଇ ସବୁବେଳେ ପର ହାତକୁ ଅପେକ୍ଷା କରିବାକୁ । ଯିଏ ଟିକିଏ ଇଂରେଜୀ ପାଠ ପଢ଼ିଗଲା ସେ ଖୋଜିଲା ଚାକିରି । ବଳ ବାଡ଼ିକୁ ଯିବାରେ ତାର ସମ୍ମାନ ଉପରେ ଆଞ୍ଚ ଆସିଲା । ଏ ଅଧୋପତନ ପାଇଁ ଆମର ଶିକ୍ଷା କଣ ପୂର୍ଣ୍ଣ ମାତ୍ରାରେ ଦାୟୀ ନୁହେଁ ?

ଦେଶର ତୁଙ୍ଗ ନେତାମାନଙ୍କ ଠାରୁ କୁଲି ମୂଲିଆ ପର୍ଯ୍ୟନ୍ତ ସମସ୍ତେ ଅନୁଭବ କରୁଛନ୍ତି ଶିକ୍ଷାର ପରିବର୍ତ୍ତନ ହିଁ ଦରକାର । ଏହି ଶିକ୍ଷା ପଦ୍ଧତି ଆଉ କେତେ ବର୍ଷ ଏହିପରି ଚାଲିଲେ ମଣିଷ ଏକ ପଙ୍ଗୁ ଅବସ୍ଥାକୁ ଚାଲିଯିବ । ଏହା କଣ ସତ ନୁହେଁ ରମେଶ ବାବୁ ? ଗୋଟିଏ କଥା ମୋର ବର୍ତ୍ତମାନ ମନେ ପଡ଼ିଯାଉଛି । ଟିକିଏ ଧୈର୍ଯ୍ୟ ଧରି ଶୁଣ । ସେ କଥା ମନେ ପଡ଼ିଲେ ମୋ ଅନ୍ତର ଭିତରଟା ଜଳିଯାଏ । ରାଗମଧ ଆସେ । କିନ୍ତୁ କିଛି କରି ପାରେନି । ଅନ୍ତରରେ କେବଳ ମୁଣ୍ଡ ନୋଇଁ ପଡ଼େ ଭଗବାନଙ୍କ ପାଖରେ । କାରଣ ଅମିମାଂସିତ ଜଟିଳ ଗୁଡ଼ିକୁ ଆମେ ସବୁବେଳେ ଭଗବାନଙ୍କ ଉପରେ ଲଦିଦେଇ ଟିକିଏ ଶାନ୍ତି ଅନୁଭବ କରୁ ।

ଆମ ଗାଁ ପାଖରେ କନକପୁର ବୋଲି ଗୋଟିଏ ଛୋଟ ଗାଁ । ଛୋଟ ଗାଁ ହେଲେ ମଧ୍ୟ ଶିକ୍ଷିତ ଲୋକଙ୍କ ସଂଖ୍ୟା ବେଶି । ସେଠିକାର ଜମିଦାର ଭାସ୍କର ସାଉତରାଏ । ତାଙ୍କର ଗୋଟିଏ ବୋଲି ପୁଅ-ଅଭୟକୁମାର । ଧନର ଅଭାବ ନଥିଲା । ଯଥା ସମୟରେ ବାହାଘର ହେଲା । କନ୍ୟାଟି ଯଦ୍ୟପି ସୁନ୍ଦରୀ ମାତ୍ର କନ୍ୟା ପିତାଙ୍କର ଅବସ୍ଥା ସେପରି ସ୍ୱଚ୍ଛଳ ନଥିଲା । ବଡ଼ଘରେ ବନ୍ଧୁ-ବାନ୍ଧବାର ଅଭିଳାଷ ପୂର୍ଣ୍ଣ କରିବାକୁ ଯାଇ ପ୍ରେମାନନ୍ଦ ବାବୁ ବହୁତ ଗୁଡ଼ାଏ ଯୌତୁକ ଦେବାର ପ୍ରତିଶ୍ରୁତି ଦେଇଥିଲେ । ବର୍ତ୍ତମାନ ବାଲ୍ୟବିବାହ ଉଠିଗଲାଣି । କିନ୍ତୁ ସେତେବେଳେ ଏହାର ପ୍ରଚଳନ ଥିଲା । ବାଲ୍ୟବିବାହ ହୋଇଥିବାରୁ ପ୍ରେମାନନ୍ଦ ବାବୁ ସ୍ୱୀକୃତ ଜିନିଷ ଗୁଡ଼ିକ ବିବାହ ବେଦୀରେ ଦେଇ ନଥିଲେ । ସେ ମନେ ମନେ ଭାବିଥିଲେ, ବାହାଘରଟା ହୋଇଯାଉ । ଭାସ୍କର ବାବୁଙ୍କର କଣ ନାହିଁ ଯେ, ସେ କଣ ଅଟକ କରିବେ । ଅବଶ୍ୟ ପ୍ରେମାନନ୍ଦ ବାବୁ ଦୁଇପଦ ଗାଳି ଶୁଣିବେ କିନ୍ତୁ ଝିଅଟିତ ଭଲରେ ରହିବ । ଦିନ ଗଡ଼ି ଚାଲିଲା । କିନ୍ତୁ ସବାରି ଯେତେବେଳେ ଭାସ୍କର ବାବୁଙ୍କ ଦୁଆରେ ଲାଗିଲା ସବାରିର ଦୁଆର ଖୋଲା ହେବା ପୂର୍ବରୁ ଭାସ୍କରବାବୁ ଯୌତୁକ ପ୍ରଶ୍ନ ଉଠାଇଲେ । ପ୍ରେମାନନ୍ଦ ବାବୁ କେତେକ ଅସୁବିଧା ଦେଖାଇ ଆଉ କେତେଦିନ ଡେରି କରିବା ପାଇଁ କହିଲେ । ଏତିକିରେ ଭାସ୍କରବାବୁ ନିଆଁବାଣ । ରାଗରେ ସେ ଗର୍ଜି ଉଠିଲେ । ସଙ୍ଗେ ସଙ୍ଗେ ଦାଣ୍ଡ ଦରଜା ବନ୍ଦ ହେଲା । ସବାରି ସେହିପରି ଦାଣ୍ଡଦୁଆରେ ରହିଲା । ଭାସ୍କର ବାବୁଙ୍କୁ ଯେତେ ଯେ ବୁଝାଇଲେ ତାଙ୍କର ରାଗ ଶାନ୍ତ ହେଲା ନାହିଁ । କୌଣସି ଉପାୟ ନ ଦେଖି ପ୍ରେମାନନ୍ଦବାବୁ ସବାରି ଲେଉଟାଇଲେ । ସମୁଦାୟ ଦାବି ପୂରଣ କରିବା ପାଇଁ ତାଙ୍କର ବଳ ନଥିଲା ।

ଯାହା ସମ୍ପତ୍ତି ଖଣ୍ଡେ ଥିଲା ସେତକ ସେ ଅଭାବରେ ବିକ୍ରି କରି ଦେଇଥିଲେ ।

ଭାସ୍କର ବାବୁଙ୍କ ଜିଦ୍ ରହିଲା । ସେ ସୁମତୀକୁ ବୋହୂକରି ଘରକୁ ନେଲେ ନାହିଁ । ପ୍ରେମାନନ୍ଦ ବାବୁ ମଧ୍ୟ ଯୌତୁକ ଦେଇ ପାରିଲେ ନାହିଁ । ଫଳରେ ଦୁଇଟି ଜୀବନରେ ଅଶାନ୍ତିର ଝଡ଼ ସୃଷ୍ଟି ହେଲା । ଶତ ଚେଷ୍ଟା ପରେ ଯେତେବେଳେ ପୁନର୍ବାର ବିବାହ କରିବାପାଇଁ ଅଭୟ ରାଜି ହେଲା ନାହିଁ, ସେତିକି ବେଳେ ଜିଦ୍ ଖୋର ଭାସ୍କରଙ୍କ ମନରେ ପରିବର୍ତ୍ତନ ଆସିଲା, ମାତ୍ର ସେତେବେଳକୁ ଉପାୟ କିଛି ନଥିଲା ।

ରାମପୁର ଜମିଦାର ନରହରି ମହାପାତ୍ରଙ୍କର ଜମିଦାରୀ ଭାଙ୍ଗିଗଲା । ସରକାର ସମସ୍ତ ଜମିଦାରୀ ମାହାଲ ଜମିଦାର ମାନଙ୍କଠାରୁ ଉଚ୍ଛେଦ କରି ପ୍ରଜାମାନଙ୍କୁ ଦେଇ ଦେଲେ । ପ୍ରଜାମାନେ ଜମିଦାର ମାନଙ୍କୁ ଯେଉଁ ଖଜଣା ଦେଉଥିଲେ ତାହା ବନ୍ଦ କରି ସରକାରଙ୍କୁ ଦେଲେ । ଜମିଦାର ମାନଙ୍କର ଶୋଷଣ ପ୍ରାୟ କମିଗଲା ବୋଲି କହିବାରେ ଅତ୍ୟୁକ୍ତି ହେବ ନାହିଁ । ରାମପୁରର ପ୍ରଜାକୁଳ ଶାନ୍ତି ନିଶ୍ୱାସ ମାରିଲେ । ନରହରି ମହାପାତ୍ର ଗୋଟିଏ ବୁଦ୍ଧି ପାଞ୍ଚିଲେ । ଜମିଦାରୀ ସିନା ଚାଲିଗଲା କିନ୍ତୁ ତାଙ୍କର ଯାହା ଗଚ୍ଛିତ ଧନ ଅଛି, ତାର ସଦ୍‌ବ୍ୟବହାର କରିପାରିଲେ ଅନ୍ତତଃ ତାଙ୍କ ଜୀବନ କାଳ ଭିତରେ ତାଙ୍କର ପଦ ମର୍ଯ୍ୟାଦା ଉପରେ କୌଣସି

ଆଖ ଆସିବ ନାହିଁ । ନରହରବାବୁଙ୍କର କଳ୍ପନାକୁ କାର୍ଯ୍ୟକାରି କରିବାରେ ଈଶ୍ୱରଙ୍କର ଦୟା ଥିଲା ନିଶ୍ଚୟ । ଲକ୍ଷ୍ମୀ ସେବକୁ କେତେବେଳେ ବରଦା ହୁଅନ୍ତି ନାହିଁ । ଯାହାର ଧନ ଅଛି ତାର ଧନ ଭଣ୍ଡାରକୁ ଉତ୍ତରୋତ୍ତର ବୃଦ୍ଧି କରିବା ପାଇଁ ସେ ସବୁବେଳେ ତତ୍ପର । ଜମିଦାରୀ ଉଚ୍ଛେଦରେ ନରହରବାବୁଙ୍କର ଭାଗ୍ୟଲକ୍ଷ୍ମୀର ବିପର୍ଯ୍ୟୟ ଘଟିଲା ବେଳେ କାହିଁ ମାଡ଼ିଆସିଲା ବଢ଼ିର ପ୍ରବଳ ସ୍ରୋତ । କୃଷୀ ଶରୀରର ପ୍ରତ୍ୟେକ ରକ୍ତ ବିନ୍ଦୁଟିର ବିନିମୟରେ ନିଜର ପୁତ୍ର ସନ୍ତାନଠାରୁ ଅଧିକ କରି ବଢ଼ାଇ ଥିଲା କ୍ଷେତ କିଆରୀ । ନିୟତିର ନିୟମ ଅଲଙ୍ଘନୀୟ । କ୍ଷଣିକ ଭିତରେ ହସି ଉଠୁଥିବା କ୍ଷେତ କିଆରୀ ଉପରେ ଛୁଟିଲା ପ୍ରବଳ ବନ୍ୟାର ସ୍ରୋତ । ଦିନେ ନୁହେଁ, ଦୁଇଦିନ ନୁହେଁ, ଦୀର୍ଘ ସାତଦିନ ଧରି ମେଘର ଗୁରୁ ଗମ୍ଭୀର ଗର୍ଜନ ସଙ୍ଗେ ବର୍ଷାର ଧାର ଲଗି ରହିଲା । କୃଷୀକୁଳ ଆଜିଠୁ କାଲିକୁ ଅପେକ୍ଷା କଲେ । କିନ୍ତୁ ବର୍ଷାର ଅବସାନ ହେଲା ନାହିଁ । ବେଳକୁ ବେଳ ବଢ଼ିବାକୁ ଲାଗିଲା । କ୍ଷେତ କିଆରୀରେ ହେନ୍ଦପର ପାଣି ଜମି ରହିଲା । ଧାନ ଗଛଗୁଡ଼ିକ ସୂର୍ଯ୍ୟକିରଣ ନ ପାଇଁ ପଚିସଢ଼ି ଗଲେ ।

କୃଷୀକୁଳ ପ୍ରମାଦ ଗଣିଲେ । ବଢ଼ି ଛାଡ଼ିଲା । ମାତ୍ର ପୁନର୍ବାର କ୍ଷେତ କିଆରୀକୁ ଶସ୍ୟ ଶ୍ୟାମଳା କରିବାର ଶକ୍ତି କୃଷୀର ନଥିଲା । କୃଷୀକୁଳର ଏ ବିଷାଦ ନରହର ବାବୁଙ୍କ ଉପରେ ଶୁଭାଶିଷ ବର୍ଷଣ କରିଥିଲା । ଝିଡ଼ିଟୋକ ପରି ଦଳ ଦଳ ହୋଇ ଲୋକ ପ୍ରତିଦିନ ଦଉଡ଼ିଲେ ନରହରଙ୍କବାବୁଙ୍କ ଦୁଆରକୁ । ମହାଜନ ଖୁବ ଚତୁରତାର ସହିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଲେ । ଗାଁର ମୁଖିଆ ମୁଖିଆ ମାମଲତକାର କେତେଜଣଙ୍କୁ ପ୍ରଥମେ ହାତ ମୁଠାରେ ରଖିନେଲେ । ତାପରେ ଆରମ୍ଭ କଲେ ଶୋଷଣ ।

ନରହରିବାବୁଙ୍କ ଦୁଆରକୁ ଯେ ଯେତେବେଳେ ଯାଇ ପହଞ୍ଚିଛି ସେ କାହାକୁ ଶୂନ୍ୟ ହସ୍ତରେ ଫେରାଇ ଦେଇ ନାହାଁନ୍ତି । କଥାରେ ଯଥେଷ୍ଟ ସହାନୁଭୂତି ଦେଖାଇ ଛନ୍ତି କିନ୍ତୁ ଉପରେ ଉପରେ ସହାନୁଭୂତି ଦେଖାଇ ଭିତରେ ପୁରା ବିଷ ପ୍ରୟୋଗ କରିବାପାଇଁ ନରହରି ବାବୁ ଭୁଲି ନଥିଲେ । ସାମାନ୍ୟ କିଛି ,ଟଙ୍କା କିମ୍ବା ଧାନର ବିନିମୟରେ ସମ୍ପ୍ରଦାୟ ଗାଁ ଟିର ଅର୍ଦ୍ଧାଧିକ ଲୋକଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ ହୋଇଥିଲେ ସେ ।

ରଘୁଆ ବଢ଼ର କବଳ ବିକଳରୁ ମୁକ୍ତହୋଇ ନଥିଲା । ବୃଷ ଜମି ଯିବା ସଙ୍ଗେ ସଙ୍ଗେ ନିଜର ବାସଗୃହ ଭିଟିକ ମଧ୍ୟ ମାଟି ସହିତ ମିଶି ଯାଇଥିଲା । କୌଣସି ଉପାୟ ନ ଦେଖି ରଘୁଆ ନିଜର ବିବେକର ଶତ ଚେତାବନୀ ସତ୍ତ୍ୱେ ନରହରିବାବୁଙ୍କର ଦ୍ୱାରସ୍ଥ ହୋଇଥିଲା ।

ରଘୁଆର ଉପସ୍ଥିତିରେ ନରହରିବାବୁ ଖୁବ୍ ଆନନ୍ଦିତ ହୋଇଥିଲେ । ଦୁଃଖର ଭାର ଲଘୁ କରିବା ପାଇଁ ନରହରିବାବୁ ଅନେକ ଆଉ ଅନେକ କଥା ରଘୁଆକୁ ବୁଝାଇ ଥିଲେ । ରଘୁଆ ନୀରବରେ ସବୁ ଶୁଣି ଯାଇଥିଲା । ସେତେବେଳେ ସେ ଭାବିଥିଲା ନରହରି ବାବୁଙ୍କର ଏ ଛଳନା କେଉଁଥି ପାଇଁ, ଦିନେ ନା ଦିନେ ଏହି ସହାନୁଭୂତି ଧ୍ୱଂସର ଲୀଳା ଆରମ୍ଭ କରିଦେବ । ତେବେ ଯାହା ହେଉ ବଞ୍ଚିରହିବାକୁ ପଡ଼ିବ ଓ ଆଉ ବଞ୍ଚିରହିବାକୁ ହେଲେ ପ୍ରଥମେ ଦରକାର ଧନ । ବିନା ଓଜର ଆପତ୍ତିରେ ରଘୁଆ ଘରଠାରୁ ଆରମ୍ଭକରି ଜମିବାଡ଼ି ପର୍ଯ୍ୟନ୍ତ ସମସ୍ତ କିଛି ମାତ୍ର ଶହେ ଟଙ୍କା ବିନିମୟରେ ନରହରି ବାବୁଙ୍କ ପାଖରେ ବନ୍ଧକ ହିସାବରେ ଦେଲା । ନରହରି ବାବୁ ଆଗ୍ରହରେ ରଘୁଆକୁ ଟଙ୍କାତକ ଦେଇ ଦେଲେ । ରଘୁଆର ଆଖିରୁ ଦୁଇଧାର ତପ୍ତ ଅଶ୍ରୁ ବହି-

ଆସିଲ । ଝଙ୍କାଡିକ ନେଇ ସେ ଘରକୁ ଫେରିଲ । ଦୁଃଖ, ବିପଦ ଯେତେବେଳେ ଆସେ ଏକା ହୋଇ ଆସେ ନାହିଁ । ଗୋଟିକ ପରେ ଗୋଟିଏ ଆସେ । ସେମାନେ ଯେପରି ଷଡଯନ୍ତ୍ର କରି ମଣିଷର ଅସ୍ତିତ୍ୱ ରଖିବେନି । ଠିକ୍ ସେଇଆ ହେଲ । ବସନ୍ତ, ମହାମାରି, ଜ୍ୱର ଇତ୍ୟାଦି ରାମପୁରର ଶ୍ରୀ ନଷ୍ଟ କରି ଦେଲ । ପ୍ରତିଦିନ କୋଡ଼ି କୋଡ଼ି ଶବ ଶ୍ମଶାନରେ ଜମାହେଲ । ଦାହ କରିବା ଅସମ୍ଭବ ହୋଇ ପଡ଼ିଲ । ଶ୍ମଶାନର ଭୟଙ୍କର ଦୃଶ୍ୟ କ୍ରମେ ବୃଦ୍ଧି ପାଇଲ । ଗାଁ ସାରା ହେଲ ଗୃଧ୍ର ଶୃଗାଳର କ୍ରୀଡ଼ାସ୍ଥଳ ।

ଦୁଃଖ ଚିରକାଳ ରହେ ନାହିଁ । ରାମପୁରର ପୁଣି ଭାଗ୍ୟରବି ଉଦୟ ହେଲ । ପ୍ରକୃତି ଟିକି ପୁଣି ହସି ଉଠିଲ । କ୍ଷେତ କିଆରି ଶସ୍ୟ ଭରା ହେଲ । ପବନର ଉତ୍ତାଳ ତରଙ୍ଗରେ ନାଚି ଉଠିଲ ଶସ୍ୟଶ୍ୟାମଳା କ୍ଷେତ ବାଡ଼ି । କୃଷୀ କୁଳର ହୃଦୟ ନାଚି ଉଠିଲ । ତା ମନରୁ ପୋଛି ହୋଇଗଲ ଗତବର୍ଷର ବଧିର ନିର୍ମମ ଅତ୍ୟାଚାର କୃଷୀ ମନରେ ଆଶା ବାନ୍ଧିଲ ପିଲଛୁଆ ତାର ଦିନେ ତାକେ ପିନ୍ଧି ବଞ୍ଚି ରହିବେ । ଆସ୍ତେ ଆସ୍ତେ ସେ ମହାଜନର ଦେଣାରୁ ମୁକ୍ତ ପାଇବ । ।

ରଘୁଆର କ୍ଷେତ କିଆରି ହସି ଉଠିଲ କ୍ଷେତ ହିଡ଼ ଉପରେ ବସି କ୍ଷେତକୁ ଚାହିଁ ରଘୁଆ ଆତ୍ମପ୍ରସାଦ ଲଭ କରୁଚି ।

ଦଳେ ଦଳେ ବକଉଡ଼ିଆସି ଧାନ କ୍ଷେତ ହୁଡାରେ ବସି ଧ୍ୟାନ ମଗ୍ନ ହେଲ. ପରି ଏକ ଦୃଷ୍ଟିରେ ଗୃହିଁ ରହୁଛନ୍ତି । ସୁଯୋଗ ଉଣ୍ଡି କଙ୍କଡାଟାଏ କମ୍ବା ମାଛଟାଏ ଶିକାର କରୁଛନ୍ତି । ବାଉରି ଟୋକା ନଖିଆ ବନଶୀ ଡ଼ୋରକୁ ଲମ୍ବେଇ ଦେଇଛି ବିଲ ମଝିରେ ପୋଖରୀଟାରେ । ମନେ ମନେ ଗୁଣୁ ଗୁଣୁ ହୋଇ କହୁଛି, ଆଗୁ ଥୋପଟାଏ ଦେଇଛୁ ବୋହୁଟାଏ ହେଉକି ଭାକୁରିଆଟାଏ ହେଉ ନିଶ୍ଚୟ ଆସିବ । ତା ନ ହେଲେ ଟୋଟାଏ କଛି କାଉଆ ମାଛ ନିଶ୍ଚୟ ଧରିବ । ବନଶୀର ଡ଼ୋରଟା ଟାଣୁଆ ଲାଗିଲା । ନଖିଆ ଆନନ୍ଦରେ ଅଧୀର ହେଇ ବନଶୀଟି ସାବଧାନତାର ସହିତ ଟାଣିଲା ଉପରକୁ ଟାଣି ଦେଖେତ ଗୋଟାଏ ଢେଣ୍ଡ଼ାସାପ ଥୋପଟାକୁ ଗିଳି ଦେଇଛି । ହତାଶରେ ତାର ମୁଖ ପାଣ୍ଡୁର ହେଇଗଲା । ଆଶା ତାର ଭସ୍ମିଭୂତ ହେଇଗଲା କ୍ଷଣିକରେ । ଚନ୍ଦୁଆ ଏ ସବୁ ଦେଖି ମଝିରେ ମଝିରେ ମୁରୁକି ମୁରୁକି ହସୁଥାଏ । ଏ ଦୁନିଆଟା ତାହାହେଲେ କଣ ? ମଣିଷର କଣ କଛି ଶକ୍ତି ନାହିଁ ? ପ୍ରକୃତରେ ମଣିଷର କଛି ଶକ୍ତି ନାହିଁ, ସେ କେବଳ କର୍ତ୍ତବ୍ୟର ଗୃକର । ମଣିଷ କର୍ତ୍ତବ୍ୟ କରିପିବ ମାତ୍ର ଫଳ ହେଉଛି ସୃଷ୍ଟି କର୍ତ୍ତାଙ୍କ ହାତରେ । ସମସ୍ତଙ୍କର କର୍ମରେ ଯେପରି ଈଶ୍ୱରଙ୍କର ଏକ ଅଦୃଶ୍ୟ ହାତ ରହିଛି ।

ମାର୍ଗଶୀର ମାସ ଆସିଲା । ପ୍ରତି ଘରେ ଘରେ କୂଳବଧୂମାନେ ମହା ସମାରୋହରେ ଲକ୍ଷ୍ମୀଠାକୁରାଣୀଙ୍କର ପୂଜା ଲାଗି ଆୟୋଜନ କଲେ । ପିଲଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ପୂର୍ଣ୍ଣ ଆନନ୍ଦର ଜୁଆର । କଙ୍କାଳସାର ହୋଇଯାଇଥିବା ଶରୀରରେ ପୁଣି ନୂତନବଳ ଫେରି ଆସିବ । ଲକ୍ଷ୍ମୀଠାକୁରାଣୀ ସେମାନଙ୍କର ଦୁଃଖ ଶୁଣିଛନ୍ତି । ଦୁଃଖ ନିଶ୍ଚୟ ଦୂରେଇପିବ ।

ଚାହୁଁ ଚାହୁଁ ମାର୍ଗଶୀର ଯାଇ ପୁଷମାସ ହେଲା । ସବୁଜ ରଙ୍ଗର କ୍ଷେତ ସବୁ ସ୍ୱର୍ଣ୍ଣବର୍ଣ୍ଣ ହେଲା । ଧାନ ଗଛ ଗୁଡ଼ିକ କେଣ୍ଡାର ଭାର ବହନ କରି ନପାରି କ୍ରମେ ତଳ ପଡ଼ିଲେ । ଚାଷୀର ଆନନ୍ଦ କହିଲେ ନ ସରେ । ଶୁଭ ଦିନ ଶୁଭ ,ବେଳ ନିର୍ଣ୍ଣୟ କରି ଚାଷୀ ଆରମ୍ଭ କଲା ଧାନ କାଟିବା । ଖଳା ଭାର ପୂର୍ଣ୍ଣ ହେଲା । ଆଖି ଦେଖି ଦେଖି ଯାହା ଆନନ୍ଦ ଅନୁଭବ କରିଥିଲା, କିନ୍ତୁ ମହାଜନର ଦେଣା ଦେଇ ଯେତେବେଳେ ଅମାରକୁ ଚାହୁଁଦିଏ ସେତେବେଳେ ତାର ଆଖିରେ ଆସେ ଲୁହ । ମଣିଷ ଆଶାବାଦୀ । ମନେ ମନେ ଭାବେ ଏ ବର୍ଷକ ଦୁଃଖେ ସୁଖେ କଟାଇ ଦେଲେ ଆର ବର୍ଷ ଦେଖାଯିବ ।

ରଘୁଆ ଧାନ ବିକି କରି ଟଙ୍କା ଧରି ନରହରିବାବୁଙ୍କ ପାଖରେ ପହଞ୍ଚିଲା । ନରହରିବାବୁ ରଘୁଆକୁ ଦେଖି ଖୁବ୍ ଖୁସି ହୋଇ ଗଲେ, ରଘୁଆ ପ୍ରତି ନରହରି ବାବୁଙ୍କର ସ୍ନେହ ବି ଥିଲା । ରଘୁଆ ଟଙ୍କାର ହିସାବଟା କରିବା ପାଇଁ କହିଲାଟା ନରହରିବାବୁ କହିଲେ ଟଙ୍କା ଟୋହା ଏ ହିସାବ କଣ କରିବା ତୋ ଇଚ୍ଛାରେ ତୁ କେତେ ଟଙ୍କା ଦେଉଛୁ ଦେ । ରଘୁଆ ବଡ଼ ଅଡୁଆରେ ପଡ଼ିଲା ମହାଜନଙ୍କ ପାଖରେ ଏତେବଡ଼ ଆଶ୍ଚର୍ଯ୍ୟ କଥା । ରଘୁଆ ମନେ ମନେ ଭାବିଲା ଏହା ଭିତରେ କିଛି ଦୁରଭି ସନ୍ଧି ନାହିଁ ତ ? ଯାହା ଥାଉନା କାହିଁକି ଟଙ୍କା ତ ଦେବାକୁ ହେବ ଆମେ ଯେତେ-ବେଳେ ଧାରିଥାଉଁ । ଧାର ଶୁଝିଲା ପରେ ମହାଜନ ଆମର କଣ କରିବ ? ରଘୁଆ ଟଙ୍କା ବଢ଼ାଇ ଦେଲା । ନରହରି ବାବୁ ଟଙ୍କା ଗଣିଲେ, ଟିକିଏ ହସି ଦେଇ କହିଲେ ରଘୁଆ ତୁ ଏଇ ଗାଁର ପୁଅ ନା । ଆଜି ତୋତେ ଅସମୟ ପଡ଼ିଲା ବୋଲି ତୁ ମୋ ପାଖକୁ ଦଉଡ଼ି ଆସିଲୁ । ମୁଁ ତୋତେ ସାହାଯ୍ୟ କରିଥିଲି । ତୁ ଭଲରେ ରହିଲୁ

ମୋ ସାହାଯ୍ୟ ଧନଟା ମୋତେ ଫେରାଇ ଦେଲୁ । ତା ବୋଲି ମୁଁ ତୋଠାରୁ ସୁଧ ନେବି । ତା କେବେ ନରହରି ମହାପାତ୍ର ଦ୍ୱାରାକରେ ହୋଇ ପାରିବନି । ରଘୁଆ ଆଶ୍ଚର୍ଯ୍ୟ ହେଲା । କେବଳ ନରହରି ବାବୁଙ୍କ ମୁହଁକୁ ଚାହିଁ ରହିଲା ।

ଆଉ ଚାହିଁ ରହିଲୁ କାହିଁକି ରଘୁ ? ତୋ କବଲା ଆଉ କାଗଜପତ୍ର ଗୁଡ଼ା ଭିତରେ ରହିଯାଇଛି ମୁଁ ନ ଗାଡୋଇଲେ ସେ ଘର ଆଉକୁ ଯାଏ ନାହିଁ । ଖାତାରେ ତ ଅସୁଲ ପକାଇ ଦେଲି, କାଗଜପତ୍ର କେବଳ ବାକୁ ବତା, ଆଉ କେତେବେଳେ ଆସି ନେଇଯିବୁ ।

ରଘୁଆ ଆଉବା କଣ କହିବ । ସମ୍ମତି ଜଣାଇ ଫେରିଲା । ଅନେକ ଦିନ ଗଡ଼ି ଗଲଣି, ରଘୁଆ ଅନେକ ଥର ନରହରି ବାବୁଙ୍କ ପାଖକୁ ଯାଇଛି କଥାଛଳରେ ନରହରି ବାବୁ ଅସୁବିଧା ଦେଖାଇ ରଘୁକୁ ଫେରାଇ ଦେଇ ଛନ୍ତି । ରଘୁଆ ମଧ୍ୟ ଅଶାନ୍ତିକୁ ହୃଦୟରେ ସ୍ଥାନ ଦେଇ ଫେରିଛି ନୀରବରେ ।

ରେବତୀ ଦେବୀଙ୍କ ବିୟୋଗରେ ନରହରି ବାବୁ ଭାଙ୍ଗି ପଡ଼ିଥିଲେ । ଧନ ସମ୍ପତ୍ତି ଉପରୁ ସମସ୍ତ ଆସ୍ଥା ତାଙ୍କର କମିଗଲା । ସବୁବେଳେ ଗୋଟିଏ ପ୍ରଶ୍ନ । ଏ ଧନ ଦଉଲତ କାହାପାଇଁ ? କଣ ହେବ ଏ ସବୁ ? ଗୋଟିଏ ବୋଲି ପୁଅ, ଯାହା ଯୋଗୁଁ ନରହରି ବାବୁ ସବୁ କ୍ଷେତ୍ରରେ ଅପଦସ୍ତ । ନରହରି ବାବୁଙ୍କ

ମନରେ ପୁନରପି ନୂଆକରି ଘରସଂସାର କରିବାର ପ୍ରବଳ ଇଚ୍ଛା ଜାଗି ଉଠିଲା । କାହିଁକି ବା ନ କରିବେ । କେଉଁ ଜିନିଷର ଅଭାବ ଅଛି ତାଙ୍କର । ବୃଦ୍ଧବୟସରେ ପୁନର୍ବାର ବିବାହର ଲାଳସାକୁ ସମସ୍ତେ ଘୃଣା କରିବେ । କରନ୍ତୁ, ପରକଥାରେ କାନ ଦେଇ ଲାଭ କ'ଣ ହେବ । ମନକୁ ମନ କଳ୍ପନା କରିଗଲେ ନରହରି ବାବୁ । ଯଦି ବା ସେ ନୂଆ ସଂସାର ନ କରିବେ ଏତେବଡ଼ ଘରକୁ ସମ୍ଭାଳିବ କିଏ । ଏଇ ଗୃହର ଗୃହିଣୀ ଯାହାଙ୍କର ଉଦ୍ଦେଶ୍ୟ ସବୁବେଳେ ନିଜ ଘରକୁ ଧନ ଦଉଛନ୍ତି, ଯାହା ଯେତେବେଳେ ମିଳିଲା ସବୁ ଟୋକି ନେବା । ସେ ଯେତେ ଯେତେ ଭାବିଲେ ବିବାହର ଲାଳସା ତାଙ୍କୁ ସେତେ ବ୍ୟତିବ୍ୟସ୍ତ କରି ପକାଇଲା । ଲୋକେ କହିବେ ବୁଢା ହେଲେଣି ବୋଲି, ମୁଣ୍ଡର ବାଳ ଧଳା ହୋଇ ଗଲେଣି ବୋଲି—ଏଇଆ ତ । ମୁଣ୍ଡର ବାଳ ଗୁଡାକ ଅକାଳରେ ପାଚିଗଲା । ବୟସ ବା କେତେ ହୋଇଗଲାଣି ପଚିଶ ପଞ୍ଚାବନ ହେବ । ଅଧିକ କଣ ହୋଇ ଗଲା । ନରହରି ବାବୁ ମନ ଭିତରେ ଯୌବନର ସ୍ୱପ୍ନ ଦେଖିଲେ । ଢଳ ଢଳ ଯୌବନା ଗୋଟିଏ ସୁନ୍ଦରୀ ଷୋଡଶୀର ସୌନ୍ଦର୍ଯ୍ୟ ତନୁଶ୍ରୀ ଫୁଟି ଉଠିଲା ତାଙ୍କ ଆଖି ଆଗରେ । ଲୋଭ ସମ୍ଭାଳି ହେଲାନାହିଁ । ଏହାର ଗୋଟିଏ ମୀମାଂସା ଦରକାର । ମନ ଉଦବିଗ୍ନ ହେଲା । କଚେରି ଘରେ ଗୋଟିଏ ଆରାମ ଚଉକିରେ ସେ ଯାଇ ବସି ଗଲେ ।

ଗୃହରଟୋକା କୁଳିଆଟା ଦାଣ୍ଡପଟେ ଘରଟାରେ ବସି ଢୁଲାଉ ଥିଲା । ଦନେଶ ଚଉଧୁରିଏ ଆସି ପଚାରିଲେ "କିରେ କୁଳିଆ ରାତିରେ କଣ ନିଦ ନ ଥିଲା ଯେ ଏତେବେଳଠାରେ କଣ ଢୁଲାଉଛୁ" କୁଳିଆର ଗୋଟାଏ ସ୍ୱଭାବ ସେ ଟିକିଏ

ବସିଲେ କି ସ୍ଥିର ହୋଇ ଟିକିଏ ଠିଆ ହେଇ ପଡ଼ିଲେ ତାଙ୍କୁ ସଙ୍ଗେ ସଙ୍ଗେ ନିଦ ଆସିଯିବ । ଖାଲି ଦେଖିବାକୁ ତ ନୁହେଁ ଘୁଙ୍ଗୁଡ଼ି, ଘୁଙ୍ଗୁଡ଼ିବ ଯେ ପାଖଘରେ ସମସ୍ତେ ଅନିଦ୍ରା ରହିବେ । ଚୋର ତ ମୋଟେ ଆସିବ ନାହିଁ । ଚଉଧୁରିଏ ଯେତେ ପଚାରିଲେ କୁଳିଆ କିଛି ଉତ୍ତର ଦେଲି ନାହିଁ । ତା ନିଦ ମୋଟେ ଭାଙ୍ଗିଲି ନାହିଁ । ଚଉଧୁରିଏ ବାଧ ହେଇ ଗୋଟାଏ ଚୋଇଠା ପକାଇଲେ । କୁଳିଆ ଆଖି ମଳି ମଳି ଉଠିଲି । ଚଉଧୁରିଏ ପଚାରିଲେ—"ବାବୁ କେଉଁଠାରେ ଅଛନ୍ତି । ?"

କୁଳିଆ କହିଲି "ବାବୁ କଚେରୀଘରେ ବସିଛନ୍ତି ।"

ଦିନେଶ ବାବୁ ସିଧା ସିଧା କଚେରୀଘର ଆଡ଼କୁ ଚାଲିଲେ । ନରହରି ବାବୁ ସମସ୍ତ ଶରୀରର ଭରଟାକୁ ଆରାମ ଚଉକୀଟାରେ ଲଦିଦେଇ ଆଖି ବନ୍ଦ କରି ପଡ଼ିରହିଛନ୍ତି । ରମେଶବାବୁ ଏ ଦୃଶ୍ୟ ଦେଖି କିଛି ଗୋଟାଏ ଘଟଣା ନିଶ୍ଚୟ ଘଟିଛି ବୋଲି ଅନୁମାନ କରି ନେଇ ଥିଲେ । କଚେରୀଘର ଭିତରକୁ ଯିବେ କି ନ ଯିବେ ଏହାହିଁ ଭାବୁଛନ୍ତି, ନରହରି ବାବୁ ଆଖି ଖୋଲିଲେ । ରମେଶ ବାବୁଙ୍କୁ ଦୁଆରେ ଅପେକ୍ଷା କରିବାର ଦେଖି ଭିତରକୁ ଆସିବାକୁ ଡାକିଲେ ଏବଂ ବସିବା ପାଇଁ ଗୋଟିଏ ଚଉକି ଦେଖାଇ ଦେଲେ । ନରହରିବାବୁ ଅନେକ ଆଉ ଅନେକ କଥା ଆରମ୍ଭ କରନ୍ତି । ଆଜି ବଡ଼ ଆଶ୍ଚର୍ଯ୍ୟ କଥା ସେ କିଛି ନକହି ଚୁପ ହୋଇ ଆଗପରି ଆରାମ ଚଉକିଟି ଉପରେ ପଡ଼ି ରହିଲେ ।

ଦିନେଶ ବାବୁ ପଚାରିଲେ "ଦେହ କିଛି ଖରାପ ଅଛିକି ? ସେହିପରି ଦେଖା ଯାଉଛି ।

ନା ଦେହ କିଛି ଖରାପ ନାହିଁ । କିନ୍ତୁ ମନର ଅଶାନ୍ତିହିଁ ବଢ଼ିଛି ।

ଅଶାନ୍ତି ! ପୁଣି ମନର ଅଶାନ୍ତି । ନରହରି ବାବୁଙ୍କ ପାଇଁ ଏ ଯେ ଆଜି ନୂଆ କଥା" ଅଶାନ୍ତିର କାରଣଟା କହିଲେ କିଛି କ୍ଷତି ହେବ ନାହିଁ ତ ?

କ୍ଷତି ଆଉ କଣ ? ତେବେ ଏତିକି କଥା ରେବତୀ ଦେବୀଙ୍କ ବିୟୋଗ ପରଠୁ ଏ ଘର ଚଳିବାରେ ଅନେକ କିଛି ଅସୁବିଧା ହେଉଛି । ଚାକର ଚାକରାଣୀ ଗୁଡ଼ାକ କଥା ଶୁଣୁ ନାହାନ୍ତି । ବଡ଼ ଉଦ୍ଧତ ହୋଇ ଗଲେଣି । ଚାକରାଣୀ ହାତରେ ଖାଇବା କଣ ଶାନ୍ତି ଦାୟକ ହୋଇପାରେ ?

ଠିକ୍ ଏଇ କଥା କେତେଥର କହିବି କହିବି ବୋଲି ଅନେକଥର ଭାବିଛି । ହେଲେ ମନ ମୋର ଦବି ଯାଉଥିଲା, କାଳେ ଆପଣ କଣ ଭାବିବେ । ଆଗରେ ନ କହିଲେ ପଛରେ କହିବେ ଦିନେଶ ମୋତେ ଥଟ୍ଟା କରୁଛି । ଖୋଷାମଦ୍‌ରେ ଚିନ୍ଦ ଦେଉଛି । ସେଇଥି ପାଇଁ ମୁଁ ଆଜି ପର୍ଯ୍ୟନ୍ତ କିଛି କହି ନ ଥିଲି । ଆସ୍ତୁ ନରହରିବାବୁ ଆପଣ ଯଦି ନୂଆ ଘରସଂସାର କରନ୍ତେ ତାହାହେଲେ କେମିତି ହୁଅନ୍ତା । ଅନ୍ତତଃ ଏ ଅସୁବିଧା ଗୁଡ଼ାକ ତ ଦୂର ହୋଇ ଯାଆନ୍ତା ।

ମୁଁ ସେଇକଥା ବସି ବସି ଭାବୁ ଥିଲି କିନ୍ତୁ କହିବାକୁ ଗଲେ ମୁଁ ବର୍ତ୍ତମାନ ବୁଢ଼ା ।

ନରହରିବାବୁଙ୍କ ପାଟିରୁ କଥା ଛଡ଼ାଇ ନେଲା ପରି ଦିନେଶ ବାବୁ କହିଲେ "କିଏ କହିବ ଆପଣ ବୁଢ଼ା ବୋଲି । ଆପଣଙ୍କ ବୟସର ଲୋକେ କଣ ବାହା ହେଉ ନାହାନ୍ତି । ଅନେକେର ବା କଣ ନାହିଁ ।"

ସବୁ ଅଛି ଦିନେଶ । ତେବେ ମୋତେ କିଏ ଝିଅ ଦେବ । ତାହା ଦେଲେ କେହିଏ ଝିଅ ଅଛି ସୁଖି ହୋଇ ପାରିବନି । ଅନ୍ତତଃ ମୋ ରଙ୍ଗ

ଏବଂ ଆଭିଜାତ୍ୟ ବଜାୟ ରହିଲା ଭଲ ଗୋଟିଏ ଘରୁ ଝିଅଟିଏ ଆଣିବା ଦରକାର ।

ସେ ସମସ୍ତ ଯୋଗାଡ଼ ମୋ ଉପରେ ଛାଡ଼ି ଦିଅନ୍ତୁ ନରହରି ବାବୁ । ମୁଁ ସମସ୍ତ କିଛି କରିଦେବି । କେବଳ ଆପଣଙ୍କର ସ୍ୱୀକୃତି ହିଁ ମୋର ଲୋଡ଼ା ।

ମୁଁ ଆପଣଙ୍କୁ କଥା ଦେଉଛି । ଆପଣ ଯୋଗାଡ଼ରେ ଲାଗି ପଡ଼ନ୍ତୁ । ଯାହା କିଛି ଅସୁବିଧା ପଡ଼ିବ ସେସବୁରେ ମୁଁ ସାହାଯ୍ୟ କରିବି ।

ଦିନେଶ ଚୌଧୁରୀ ଖୁବ୍ ହସଟାଏ ହସିଲେ ମନେ ମନେ । ପ୍ରତିଶୋଧ ନେବାର ସୁବିଧା ତାଙ୍କୁ ଏତେ ଦିନକେ ମିଳିଛି । ରଘୁଆର ଦମାକ୍‌ଟା ସେ ଏହିଠାରେ ପରୀକ୍ଷା କରିନେବେ । ରଘୁଆ ଦାଣ୍ଡର ମୂଲିଆଃ।—ଏବେ ବା ଜମି ଖଣ୍ଡିଏ କରି ପକାଇଛି ବୋଲି ମୂଲିଆ କାମ ଛାଡ଼ି ଦେଇଛି । କେତେବଡ଼ ଆଘାତ ନଦେଲା । କହିଲା —ସୁକାନ୍ତ ପରି ପିଲା ଯେ କି ମାଇନରରୁ ମାଟ୍ରିକ୍ ଧାରି ଧାରିନି ସେ ବିବାହ କରିବ ମୋ ଝିଅ ପ୍ରଭାତୀକୁ । ଏବେ ଦେଖିବି କେଉଁ ଜୟନ୍ତ ଆସି ପିଠିରେ ପଡ଼ିବ ।

ଆଚ୍ଛା ! ନରହରି ବାବୁ, ମୁଁ କଣ କହୁଥିଲି କି—ରଘୁଆର ଝିଅଟାତ ବିବାହ ଯୋଗ୍ୟ ହେଇ କେଉଁ ଦିନଠାରୁ ରହିଲାଣି, ପ୍ରସ୍ତାବଟା ସେଇଠାରେ ପକାଇଲେ କିଛି ଅସୁନ୍ଦର ତ ହୁଅନ୍ତାନି ।

ଦିନେଶ ! ଛୋଟ ପାଟର ବିଷ ଉକୁଟିତର । ତୁମେ ରଘୁଆକୁ କମ୍ ମନେ କରନି । ମୋପରି ଗୋଟାଏ ବୃଦ୍ଧ ହାତରେ ସେ ତାର କନ୍ୟାକୁ ଅର୍ପଣ କରି ଦେବ—ଏ ବିଶ୍ୱାସ ମୋର ନାହିଁ ।

କିନ୍ତୁ ମୋର ବିଶ୍ୱାସ ଅଛି ନରହରି ବାବୁ ! ଆପଣଙ୍କ ନାଁ ଶୁଣିଲେ ସେ ନିଶ୍ଚୟ ରାଜି ହୋଇଯିବ । ଯଦି ଭଲରେ ରାଜି ନହୁଏ

ତେବେ ଛଳେ ବଳେ କୌଶଳେ ଗଣ୍ଠି କରାଇବା ପାଇଁ ଦିନେଶ ଚଉଧୁରୀ କେବେ ପଛ ଘुଞ୍ଚା ଦେବ ନାହିଁ । ମୁଁ ଯେଉଁ କାମରେ ହାତ ଦେଇଛି ସେ କାମ କେବେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡ଼ି ନାହିଁ କି ହାରିଯିବା ମୋ ଜାତକରେ ଲେଖାନାହିଁ ।

ନରହରି ବାବୁଙ୍କର କାମ ଲାଳସା ଉଦ୍ଦୀପ୍ତ ହୋଇ ଉଠିଲା । ପ୍ରଭାତୀକୁ ସେ ଅନେକ ଥର ଦେଖିଛନ୍ତି । ସାକ୍ଷାତ ଲକ୍ଷ୍ମୀ ପ୍ରତିମାଟିଏ ସେ । ସେପୁଣି ହେବ ତାଙ୍କର ଅଙ୍କଲକ୍ଷ୍ମୀ । ଏହାଠାରୁ ବଳି ଆଉ କଣ ହୋଇପାରେ । ମନକୁ ମନ ଗୁଡାଏ ହସିଲେ ନରହରି ବାବୁ । ଏହା କଣ ସମ୍ଭବ ହୋଇପାରେ ?

ନରହରି ବାବୁ, ନୀରବ ରହିଲେ ଯେ—ଆପଣ ଥରେ ସମ୍ମତି ଦିଅନ୍ତୁନା, ମୁଁ ଯୋଗାଡରେ ଲାଗିଯିବି ।

ମୋର କିଛି କହିବାର ନାହିଁ ଦିନେଶ ! ପ୍ରଭାତୀକୁ ପାଇଲେ ଯେ କୌଣସି ଲୋକ ସୁଖି ହେବ । କିନ୍ତୁ ସେ ଭାଗ୍ୟ ଥିଲେ ତ ।

ଆପଣ ନିଶ୍ଚିନ୍ତ ରହନ୍ତୁ, ତାର ସମସ୍ତ ବ୍ୟବସ୍ଥା ମୁଁ କରି ଦେଉଛି । ରହିଆ ପରି ଲୋକ—ସେ ପୁଣି ଦିନେଶ ଚଉଧୁରୀର ଚକ୍ରାନ୍ତରୁ ରକ୍ଷା ପାଇଯିବ ?

ରାତି ନ ପାହୁଣୁ ଶୁଭ କୁଆଁଟା ଘର ମଥାନ ଉପରେ ରାଉ ରାଉ ହେଲା । ପ୍ରଭାତୀ ଶେଯ ଛାଡି ଉଠିଲା । କୁଆଁଟାକୁ ଯେତେ ଉଡ଼ାଇଲା ସେ ଟିକିଏ ଉଡ଼ିଯାଇ ପୁଣି ସେଇ ସ୍ଥାନରେ ଆସି ବସିଲା । ପ୍ରଭାତୀ ଥରକୁ ଥର କୁଆଁଟାକୁ ପଚାରୁ ଥାଏ କାହାର ବାର୍ତ୍ତା

ନେଇ ଆସିଛି । ଶୁଭ କି ଅଶୁଭ । ପକ୍ଷୀଜନ୍ତୁଟା, ସେ ବା କଣ ଉତ୍ତର ଦେବ ? ପ୍ରଭାତୀ କେତେ ଲୋକଙ୍କଠାରୁ ଶୁଣିଛି କୁଆ ରାବିଲେ ତାକୁ ପ୍ରଶ୍ନ କରି ଚାଉଳ ଦିଅନ୍ତି । ସେ ଘରକୁ ଦଉଡ଼ିଗଲା । ଚାଉଳ ମୁଠିଏ ଆଣିଲା । ଚାଉଳକୁ ତିନିଭାଗ କରି ଦେଲା । ଶୁଭ ଖବର ଆଉ ଅଶୁଭ ଖବର । ବାକି ଦୁଇଟି ଭାଗରୁ ଗୋଟିଏ ଜୟନ୍ତ ପାଇଁ ଏବଂ ଅନ୍ୟଟି ଅନ୍ୟାନ୍ୟ ବନ୍ଧୁମାନଙ୍କ ପାଇଁ । ଧୀରେ ସେଠାରୁ ଚାଲି ଆସିଲା । କିଛି କ୍ଷଣ କୁଆଟି ଏ ପଟ ସେ ପଟକୁ ଚାହିଁ ଉଡ଼ି ଆସିଲା ତଳକୁ । ପ୍ରଭାତୀ ଅପେକ୍ଷା କରିଥାଏ କେଉଁ ଭାଗରେ କୁଆ ପ୍ରଥମେ ଥଣ୍ଟ ମାରୁଛି । କୁଆ ସବୁ ଭାଗ ଗୁଡ଼ିକ ଛାଡ଼ି ଜୟନ୍ତପାଇଁ ଥୁଆ ହୋଇଥିବା ଭାଗରୁ ଖୁମ୍ପାଏ ଚାଉଳ ପ୍ରଥମେ ନେଇ ଗଲା । ଏହା ଦେଖି ପ୍ରଭାତୀର ଆନନ୍ଦ ଉଛୁଳି ଉଠିଲା । ତା ମନରେ ଦୃଢ଼ ବିଶ୍ୱାସ ହେଲା—ଜୟନ୍ତ ନିଶ୍ଚୟ ଆସିବ । ସେ ମଧ୍ୟ ରାତିରେ ତା'ର କଥା ସ୍ୱପ୍ନ ଦେଖିଛି । କୁଆଟା ମଧ୍ୟ ଠିକ୍ ମନ ଜାଣି ଜୟନ୍ତ ଭାଗରୁ ଚାଉଳ ଖୁମ୍ପାଏ ନେଇଛି ।

ପୂର୍ବଦିଗକୁ ଲୋହିତ ରଙ୍ଗରେ ରଞ୍ଜିତ କରି ତପନ ଦେବତା ଉଇଁ ଆସିଲେ । ପ୍ରିୟର ବିରହାନଳରେ ଦଗ୍ଧୀଭୂତ ହେଉଥିବା ପଦ୍ମର ମୁଖଶ୍ରୀ ଉଜ୍ଜ୍ୱଳ ଦେଖାଗଲା । କ୍ରମେ ପଦ୍ମର ବିକାଶ ସଙ୍ଗେ ସଙ୍ଗେ ମଧୁପର ଗୁଞ୍ଜନ ଲୀଳା ବାୟୁ ମଣ୍ଡଳକୁ ମୁଖରିତ କଲା । ଦିଗ୍‌ବଳୟ ସୀମା ରେଖାକୁ ଡେଇଁ ତପନ ଦେବତା କ୍ରମେ ମଥାନ ଉପରକୁ ଉଠିଲେ । ତେଜ ରଶ୍ମିରେ ପୃଥିବୀ ନିର୍ଯାତିତ ହେବାକୁ ଲାଗିଲା । ପ୍ରଭାତୀ ଚାହିଁ ରହିଛି ଜୟନ୍ତର ଆସିବା ପଥକୁ । ତେବେ କୁଆ କ'ଣ ମିଛରେ ଜୟନ୍ତର ଚାଉଳ ଭାଗରେ ଥଣ୍ଟ ମାରିଲା ? ନା ତା କେବେ ନୁହେଁ । ସେ ନିଶ୍ଚୟ ଆସିବେ । ପ୍ରଭାତୀର ଅନ୍ତର ଭିତରୁ ବାହାରି ଆସିଲା ଏକ ହର୍ଷୋତ୍ଫୁଲ୍ଲ ଉଚ୍ଛ୍ୱାସ ।

ଏହାର ଭିତରେ ଛଅଟି ମାସ କଟି ଗଲଣି । ଜୟନ୍ତ ପ୍ରଭାତୀର କୌଣସି ଖବର ରଖି ପାରନି । ଚିଠି ଖଣ୍ଡେ ଲେଖିବ ଲେଖିବ ବୋଲି ଲେଖି ମଧ୍ଯ ପାରି ନାହିଁ । ପ୍ରଭାତୀ କଣ ବୋଲି ଭାବୁଥିବ ? ଆସିଲବେଳେ ସେ ପ୍ରଭାତୀକୁ କଥା ଦେଇ ଆସିଥିଲା, ସେ କେବେ ତାକୁ ଭୁଲିଯିବନି । ସେ ତ କଥା ଦେଇ କଥା ରଖିଲା ନାହିଁ । ଯାହା ହେବାର ହୋଇଗଲଣି । ସେ ଗାଁକୁ ଯାଇ ପ୍ରଥମେ ପ୍ରଭାତୀକୁ ଦେଖା କରି ସବୁକଥା ତା ଆଗରେ ବୁଝାଇ କହିବ । ପ୍ରଭାତୀ କେବେ ତା ଉପରେ ଅଭିମାନ କରିବନି । ଅନେକ ଆଉ ଅନେକ କଥା ମନେ ପଡ଼ି ସାରା ରାତ୍ରୀ ନିଦ ହେଲା ନାହିଁ । ସକାଳ ହେଲା । ସକାଳର ସମସ୍ତ କାମ ତତ୍ପରତା ଶେଷ କରି ଜୟନ୍ତ ଟ୍ରେନ ଉଦ୍ଦେଶ୍ୟ ବାହାରି ପଡ଼ିଲା ।

ପଶ୍ଚିମାକାଶର ଦୂର ପାହାଡ଼ ସେ ପାଖରେ ସୂର୍ଯ୍ୟଦେବ ମୁହଁ ଲୁଚାଇ ଦେଲେ । ଧିରେ ଧିରେ ପୃଥିବୀ ବକ୍ଷରେ ବନ୍ଧନେ କଳା ପରଦା ଢାଙ୍କି ହୋଇଗଲା । ଜୟନ୍ତ ଗାଡ଼ିରୁ ଓହ୍ଲାଇଲା ବେଳକୁ ଅନ୍ଧାର ହୋଇ ଯାଇ ଥିଲା । ଷ୍ଟେସନଠାରୁ ଦୀର୍ଘ ପାଞ୍ଚ ମାଇଲ ଚାଲିକରି ଯିବା ବ୍ୟତୀତ ଅନ୍ୟ କୌଣସି ଯାନ ବାହାନର ସୁବିଧା ନାହିଁ । ଜୟନ୍ତ ଗାଁ ଭିତରକୁ ଯାଇ ଗୋଟିଏ ଲୋକ ଠିକ୍ କଲା । ଝଟ୍ ଲଣ୍ଠିଟି ପରିଷା କରିନେଇ ସେମାନେ ରାମପୁର ଅଭିମୁଖେ ଚାଲିବା ଆରମ୍ଭ କରିଦେଲେ ।

ରାମପୁରରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ନଅଟା ହୋଇ ଯାଇଥିଲା । ଛଅ ମାସ ପରେ ପୁଅ ଘରକୁ ଆସିଛି, କଳ୍ୟାଣ

ଦେବୀଙ୍କର ମନ କୁଣ୍ଣେ ମୋହ । ତାଙ୍କ ଆନନ୍ଦ କହିଲେ ନ ସରେ । ଇସ୍ୱନ୍ତ ଗୋଡ଼ ହାତ ଧୋଇ ମା'ଙ୍କ ଅନୁରୋଧରେ ଜଳଖିଆ ଟିକିଏ ଖାଇ ନେଲା । ବାହାରେ ବୁଲିଆସିବା ବାହାନାକରି ପ୍ରଭାତୀର ଘର ଆଡ଼େ ଗଲା ।

ରଘୁଆ ଦିନସାରା ବିଲରେ ଖଟି ଖଟି ଆସି କ୍ଳାନ୍ତ ଶରୀରଟାକୁ ବିଛାଇ ଦେଇଥାଏ ଖଟିଆ ଉପରେ । ମେନକା ଘର କାମ ଶେଷ କରି ଦୁଆରେ ବସିଛି । ଏବେ କେତେ ଦିନ ହେଲା ପ୍ରଭାତୀ ମଥୁରାମଙ୍ଗଳ ବୋଲି ବାପ ମା'ଙ୍କୁ ଶୁଣାଉଛି । ଲଣ୍ଠନ ଟିଏ ଜଳୁଛି । ରଘୁଆ ଖଟିଆ ଉପରେ ଏବଂ ମେନକା ଦୁଆରେ ବସି କାନ ଡେରି ଭକ୍ତି ଭରରେ ଶୁଣୁଛନ୍ତି । ସେ ଦିନ ପଢ଼ୁଥାଏ । କଂସର ଆଦେଶରେ ଅକ୍ରୁର ରଥବାହି ଗୋପପୁରରୁ ମଥୁରାକୁ କୃଷ୍ଣଚନ୍ଦ୍ରଙ୍କୁ ନେବାପାଇଁ ଆସିଥାଏ । କଂସର ନିଷ୍ଠୁରତା ଗୋପପୁରବାସୀଙ୍କୁ ଅବଦିତ ନ ଥିଲା । କିନ୍ତୁ ତାର ଆଦେଶ ଅମାନ୍ୟର ଫଳ ଫଳ ଭଲ ହେବ ନାହିଁ ବୋଲି ଗୋପପୁରର ରାଜା ନନ୍ଦ ବାଧ୍ୟ ହୋଇ ରାଜି ହୋଇଥିଲେ କୃଷ୍ଣଙ୍କୁ ଅକ୍ରୁର ସଙ୍ଗରେ ଛାଡ଼ିବା ପାଇଁ । କୃଷ୍ଣ ଗୋପପୁର ଛାଡ଼ି ମଥୁରା ଯିବେ, ଏହି କଥା ଯେତେବେଳେ ଗୋପ ପୁରରେ ବ୍ୟସ୍ତ ହୋଇଗଲା—ଗୋପପୁରର ଯୁବତୀକୁଳକୁ ଏ ଗୋଟାଏ ଚଡ଼କ ପଡ଼ିଲା ପରି ସେମାନେ ଭାବି ନେଲେ । ଅକ୍ରୁର ରଥରେ ବସାଇ ରାମ, କୃଷ୍ଣ ଦୁଇ ଭାଇଙ୍କୁ ମଥୁରାକୁ ନେବାକୁ ପ୍ରସ୍ତୁତ ହେଲା । ଏଠାରେ ମଥୁରା ମଙ୍ଗଳର "କୃଷ୍ଣଙ୍କ ଗମନ ଦେଖି ଛନ ଛନ ହୁଅନ୍ତି ସର୍ବ ଗୋପାଙ୍ଗନା" ପ୍ରଭାତୀ ଆଉ ଆଗକୁ ପଢ଼ି ପାରିଲା ନାହିଁ, ତାର ଆଖିରୁ ଲୁହ ଝରି ଆସିଲା । ଆଖିର ଲୁହ ପଣତ କାନିରେ ପୋଛି ଦେଇ ବହିଟିକୁ ଥୋଇବାକୁ ଯାଉଛି—ଦାଣ୍ଡ ପଟରୁ ମାଉସୀ ମାଉସୀ ଡାକ ଶୁଭିଲା । କାହାରି

ଉତ୍ତରକୁ ଅପେକ୍ଷା ନ ରଖି ଜୟନ୍ତ ଘର ଭିତରକୁ ପଶି ଆସିଲା । ଏତେ ରାତିରେ ମେନକା ଜୟନ୍ତକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ପ୍ରଥମେ ତା'ର ତୁଣ୍ଡରୁ କଥା ଫୁଟିଲା ନାହିଁ । ଜୟନ୍ତ ମେନକାକୁ ନମସ୍କାର କଲା । ମେନକାର ଆନନ୍ଦ କହିଲେ ନ ସରେ । ଦୀର୍ଘ ଛମାସ ପରେ ସେ ଆଜି ଜୟନ୍ତକୁ ଦେଖିବାକୁ ପାଇଲା । ଜୟନ୍ତ ପୁଣି ତାକୁ ମନରୁ ପାଶୋରି ଦେଇନି । ଆନନ୍ଦରେ ତା' ଆଖିରୁ ବହି ଆସିଲା ଗୋଟିଏ ଲୁହର ଧାର । ମେନକା କହିଲା "ଜୟନ୍ତ ! ତୁମେ ତାହାହେଲେ ଏ ଗରିବ ମାଉସୀକୁ ଭୁଲି ଯାଇନ ?"

ଜୟନ୍ତ ଯେ କେତେବେଳେ ତାର ମାଉସୀକୁ ଭୁଲିଯିବ ଏ ବିଶ୍ୱାସ କଣ ତୁମର ଥିଲା ?

ଜୟନ୍ତ କଥା ଉପରେ ମେନକାଙ୍କର ଆଉ କିଛି କହିବାର ନ ଥିଲା । ସେ ନୀରବ ରହିଲେ ।

ପ୍ରଭାତୀ ବସିଥିବା ଯାଗାରେ ଜୟନ୍ତ ଯାଇ ବସି ପଡ଼ିଲା । ତା ହାତରୁ ବହି ଖଣ୍ଡିକ ଛଡାଇ ଆଣି କହିଲା—"କେଉଁ ଦିନ ଠାରୁ ଧର୍ମ ଆଡକୁ ତୋ ମନ ଧାଇଁଲାଣି ଶୁଣେ ?"

ପ୍ରଭାତୀ କହିଲା—"ଧର୍ମ ଆଡ଼କୁ ମନ ବଳାଇବା କଣ ଦୋଷ ?"

ଦୋଷ ବୋଲି ତ ମୁଁ କହୁନାହିଁ । ତେବେ ସାଧାରଣତଃ ଦେଖାଯାଏ ବୃଦ୍ଧକାଳରେ ଲୋକ ଧର୍ମ ଆଡକୁ ମନ ବଳାନ୍ତି ?

ତେବେ ପିଲାବେଳୁ ଧର୍ମ ପୁସ୍ତକ ଇତ୍ୟାଦି ପଢିଲେ ପାପ ହୁଏ, ନୁହେଁ ? ହଉ ସେ ଯାହା ହେଉ । ଛଅମାସ ପରେ ଆଜି କିପରି ମନେ ପଡ଼ିଲା ?

ଅନେକ ଚେଷ୍ଟା କରିଛି ପ୍ରଭାତୀ, ଥରଟିଏ ପାଇଁ ଆସି ବୁଲି ଯିବା ପାଇଁ । କିନ୍ତୁ କୌଣସି ପ୍ରକାର ସୁବିଧା ପାଇ ନାହିଁ । ଆଜି ରାତି ନଅଟା ବେଳେ ଆସି ଘରେ ପହଞ୍ଚିଲା ।

ପ୍ରଭାତୀର ମାନ ଅଭିମାନ ସବୁ ଭାଙ୍ଗିଗଲା । ଜୟନ୍ତ ଏଇକ୍ଷଣି ଘରକୁ ଆସି ତା ପାଖକୁ ସଂଗେ ସଙ୍ଗେ ଆସିଛି—ଏହାଠାରୁ ବଳି ସ୍ନେହ ଆଉ କଣ ଅଛି ? ପ୍ରଭାତୀର ମନ ଜୟନ୍ତର ପାଦ ତଳେ ନଇଁ ପଡ଼ିଲା । ସବୁ କଥା ଯେ ପର ତା'ର ଅକୁହା ରହିଗଲା ।

ମେନକା ଦେବୀ ପ୍ରଭାତୀ ଉପରେ ଚିଡ଼ି ଉଠି କହିଲେ— ପିଲାଟା କଣ ଖାଇ କରି ଆସିଥିଲା କି ନାହିଁ, ରାତି ଦଶଟା ବେଳେ କଟକରୁ ସେ ଫେରିଛି । ଖାଇବାକୁ ଦିଇଟା କଣ ନ ଦେଇ ଗପ ଆରମ୍ଭ କରି ଦେଲୁ ଯେମିତିକି ନାହିଁ ।

ମା'ଆଙ୍କ କଥାରେ ପ୍ରଭାତୀ ଖାଇବା ଜିନିଷ ଆଣି ଜୟନ୍ତ ପାଖରେ ରଖିଲା । ଜୟନ୍ତ ପ୍ରଥମେ ପ୍ରଥମେ ଅରାଜି ହେଉଥିଲା, ମାତ୍ର ମେନକାର କଥା ଭାଙ୍ଗି ନ ପାରି ଖାଇବା ପାଇଁ ବସିଲା । ପ୍ରଭାତୀକୁ ଜୟନ୍ତ ଡାକିବାରୁ ପ୍ରଭାତୀ ମନା କଲା । ଜୟନ୍ତ ପ୍ରଭାତୀର ପଣତ କାନିଟାକୁ ଟାଣି ଆଣି ବସାଇଲା । ମେନକା ଦେବୀ ମଧ୍ୟ ଜୟନ୍ତର କଥାକୁ ସମର୍ଥନ କଲେ । ଦୁହେଁ ଖାଇ ବସିଲେ ।

ପ୍ରଭାତୀ ମନେ ମନେ ଠିକ୍ କରିଥିଲା—ଜୟନ୍ତକୁ ପାଖରେ ପାଇଲେ ସେ ତାର ଅନ୍ତରର ସମସ୍ତ କଥା ଗୋଟି ଗୋଟି କରି କହିବ । କିନ୍ତୁ କୌଣସି କଥା ଆରମ୍ଭ କରିବା ପାଇଁ ଯେପରି ସେ ଆଜି ଅକ୍ଷମ । ମନ ତାର ଭାଙ୍ଗି ପଡ଼ୁଛି । ନିଜର ଦୁର୍ବଳତା ସେ କାହିଁକି ଜଣାଇବ ? ହୁଏତ ଜୟନ୍ତ ଅନ୍ୟ କିଛି ଭାବି ପାରେ । ପ୍ରଭାତୀ ଶେଷ ନିଷ୍ପତ୍ତିରେ ପହଞ୍ଚିଲା । ଜୟନ୍ତ ପାଇଁ ସେ ନିଜର ଜୀବନ ଦେଇ ପାରେ, ମାତ୍ର କ୍ଷଣିକ ଉତ୍ତେଜନାରେ ସେ ନିଜର

ଦୁର୍ବଳତାକୁ ଜଣାଇ ଦେବ ନାହିଁ । କେତେ ସମୟ କଟିଗଲା—ଦୁହେଁ ନୀରବ । ଦୁହିଁଙ୍କ ମସ୍ତିଷ୍କ ଚିନ୍ତାରେ ଭରପୁର । ମାତ୍ର ନିଜ ନିଜର ଅନ୍ତର ଭିତରର କଥାକୁ କେହି କାହାକୁ ଜଣାଇବା ପାଇଁ ପ୍ରସ୍ତୁତ ନୁହନ୍ତି ।

ପ୍ରଭାତୀର ସୁକୋମଳ ଅଧର ଫାଙ୍କରେ କ୍ଷିଣ ହସର ରେଖା ଆଙ୍କି ହୋଇ ଗଲା । ସେ ଜୟନ୍ତକୁ ପଚାରିଲା । ଜୟନ୍ତ ଭାଇ "ନୂଆ ବୋହୂଟିଏ କେବେ ଘରକୁ ଆଣୁଚ ? ଭୋଜଟାଏ ମିଳିବତ ?"

ପ୍ରଭାତୀର ଏ ଆକସ୍ମିକ ପ୍ରଶ୍ନରେ ଜୟନ୍ତ ଅପ୍ରସ୍ତୁତ ହୋଇ ପଡ଼ିଲା । ପ୍ରଭାତୀର ଏ ପ୍ରଶ୍ନ କାହିଁକି ! ଉତ୍ତରରେ ଜୟନ୍ତ କହିଲା—"ନୂଆ ବୋହୂଟିଏ ପାଇଁ ତୋର ଏତେ ଦରଦ କାହିଁକି ? ଅଜଣା ଅଚିହ୍ନା ନୂଆ ବୋହୂଟିଏ ବଦଳରେ ମୁଁ ଯଦି ତୋ ପରି ପରିଚିତ ବୋହୂଟିଏ ବାଛିନିଏ ?

ଲଜ୍ଜ୍ୟାରେ ପ୍ରଭାତୀର ମସ୍ତକ ଅବନତ ହୋଇ ପଡ଼ିଲା । ଏତେ ଶୀଘ୍ର ଯେ ସେ ଜୟନ୍ତ ଆଗରେ ଧରା ପଡ଼ିଯିବ, ସେ ସ୍ୱପ୍ନରେ ସୁଧା ଭାବି ନ ଥିଲା ।

ପ୍ରଭାତୀର ମନୋଭାବ ଜୟନ୍ତକୁ ଅଜଣା ରହିଲାନି । ସେ ତାର ଅତି ନିକଟକୁ ଘୁଞ୍ଚିଗଲା । ଲଜ୍ଜ୍ୟାବନତ ରକ୍ତିମ ସୁକୋମଳ ଗଣ୍ଡଦେଶରେ ଆଙ୍କିଦେଲା ଏକ ସ୍ନେହ ଚୁମ୍ବନ । କ୍ଷଣିକ ପାଇଁ ପ୍ରଭାତୀର ସର୍ବାଙ୍ଗରେ ଖେଳିଗଲା ଏକ ଅପୂର୍ବ ଶିହରଣ ।

କିଛି ସମୟପରେ ଜୟନ୍ତ ବିଦାୟନେଇ ନିଜ ଘରକୁ ଗଲା । ପ୍ରଭାତୀ ମନର ଉତ୍ତେଜନା କ୍ରମେ କମି ଆସିଲା । ନିଜର ବିବେକ ତାକୁ ଚେତାଇ ଦେଲା । ସେ ଭୁଲ୍‌କରି ବସିଛି । ଅବସନ୍ନ ଶରୀରଟାକୁ ଖଟଟି ଉପରେ ମେଲି ଦେଇ ପ୍ରଭାତୀ ଭାବି ଚାଲିଲା କେତେ ଆଉ

କେତେ କଥା । ବର୍ତ୍ତମାନ ଆଉ ଭବିଷ୍ୟତ । ଗଣି ଗଣି , ଚିନ୍ତା ମନ ଭିତରଟାକୁ ଆନ୍ଦୋଳିତ କରି ପକାଇଲା । ଖଟଟି ଉପରେ ପ୍ରଭାତୀ ପଡ଼ି ରହି କେବଳ ସ୍ୱପ୍ନ ରାଜ୍ୟରେ ବିଚରଣ କରିବାକୁ ଲାଗିଲା । ଜନ୍ମାନ୍ତର କଥା ଭାବି ଭାବି ସେ ଶାନ୍ତିମୟୀ ନିଦ୍ରାଦେବୀଙ୍କର କୋଳ-ରେ ନିଜକୁ ହଜାଇ ଦେଲା ।

ବହୁତ ପୁରୁଣା କାଳିଆ କଥା । ଝିଅ ଆଉ ଘିଅ ଏ ଦୁଇଟି ବେଶୀ ଦିନ ରହିଲେ ଘରକୁ ଭଲ ନୁହେ । ରଘୁଆ ଆଉ ମେନକା ଏ ଦୁଇଜଣଙ୍କ ମନରେ ଏକ ସଙ୍ଗରେ ଏ ପ୍ରଶ୍ନର ସମାଧାନ ପାଇଁ ଚିନ୍ତା ଉଠିଛି । ରଘୁଆ ମନରେ ପୂର୍ବର ହସ ନାହିଁ । ସେ ମେନକାକୁ ହସି କଥା କହେ ନାହିଁ । ସବୁବେଳେ ଯେପରି ସେ ଚିନ୍ତାଗ୍ରସ୍ତ । ରଘୁଆର ଦେହର ଶକ୍ତି କ୍ରମେ କମିଯାଉଛି । ମେନକା ଏସବୁ ଦେଖି ଅନେକ ସମୟରେ ସ୍ୱାମୀକୁ ଅନେକ ପ୍ରକାରରେ ବୁଝାଇଛି କିନ୍ତୁ ରଘୁଆର ମନ ବୁଝେ ନାହିଁ । ରଘୁଆ ଗୃହୁଁଥିଲା, ପ୍ରଭାତୀର ଭବିଷ୍ୟତ ଜୀବନକୁ ସୁଖମୟ କରିବା ଲାଗି । କିନ୍ତୁ ପ୍ରଭାତୀର ଯୋଗ୍ୟ ବରପାଏଟିଏ ପାଇବା ରଘୁଆ ପରି ଏକ ଦରିଦ୍ର ଲୋକ ପକ୍ଷରେ ଯେ କେତେ ଦୁରୂହ ସେ ତାହା ମର୍ମେ ମର୍ମେ ଅନୁଭବ କରିଥିଲା । ରଘୁଆର ଅଛି କଣ ? ସେ କେବଳ ବର୍ଷ ସାରା ଗଣ୍ଡେ ଖାଇବା ପାଇଁ ପାଇବା ବ୍ୟତୀତ ଆଉ ଅଧିକ ତାର କଣ ଅଛି ? କନ୍ୟା ସୁନ୍ଦର ହେଉ କିମ୍ବା ଅସୁନ୍ଦର ହେଉ ସେ କଥା ବିଗୁର ପଛରେ । ପ୍ରସଙ୍ଗ ପଡ଼ିବା ମାତ୍ରେ ଆଗ ଦିବା ନ ବାର ପ୍ରଶ୍ନ । ସେ ପ୍ରଶ୍ନ

ଣ୍ଟି ଏତେ ଜଟିଳ ଯାହାକି ଗରିବ ଲୋକ ପକ୍ଷରେ ତାର ସମାଧାନ ଏକାନ୍ତ ଅସମ୍ଭବ । କେଉଁ ବଳରେ, କେଉଁ ଆଶାରେ ରଘୁଆ ପ୍ରଭାତୀ ପାଇଁ ଯୋଗ୍ୟ ବରର ଅନ୍ୱେଷଣ କରି ପାରିବ ବୋଲି ଆଶା ରଖିବ । ଜୟନ୍ତ ପ୍ରଭାତୀ ପାଇଁ ଯୋଗ୍ୟ ହେବ ନିଶ୍ଚୟ । ଜୟନ୍ତକୁ ପାଇଲେ ପ୍ରଭାତୀ ସୁଖି ହୋଇ ପାରିବ ଏ କଥା ରଘୁଆ ବେଶ୍ ଜାଣିଥିଲା । କିନ୍ତୁ ଜୟନ୍ତ ଯେ ଜମିଦାର ଘରର ପୁଅ । ଉଚ୍ଚ ଶିକ୍ଷିତ । ତାର ମାନ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବାକୁ ହେଲେ ଯୌତୁକର ଭାର ରଘୁଆ ପରି ଲୋକ ବହନ କରିବା ଅସମ୍ଭବ ହୋଇ ପଡ଼ିବ । ହଁ, ଯୌତୁକ ଦେବା ପାଇଁ ସେ ପଛେଇବ ନାହିଁ । ତାର ଆଉ କଅ ଅଛି ? ଯାହା ଜମିବାଡ଼ି ଅଛି ତାକୁ ବିକି କରି ସେ ସବୁ ଯୌତୁକ ପୂରଣ କରିବ । ନିଜେ ଭିକାରି ସାଜି ଗାଁ ଛାଡ଼ି ଚାଲିଯିବ । ଗଣ୍ଡାଏ ଖାଇବାକୁ କଣ ଏ ଦୁନିଆଁରେ ଅଭାବ ହେବ ? କିନ୍ତୁ ଜମିଦାର ଜନ୍ମେଜୟ ବାବୁ କଣ ଏ ପ୍ରସ୍ତାବରେ ରାଜି ହେବେ ? ଖାଲି ତ ଯୌତୁକ ପୂରଣ କରିଦେଲେ ହେବ ନାହିଁ । ଜମିଦାର ସଙ୍ଗେ ସମ ଅବସ୍ଥା ସମ୍ପନ୍ନ ଆଉ ଜଣେ ଜମିଦାରର ହିଁ ଆବଶ୍ୟକ । ସେ ଦିନ ସେ ସିଦ୍ଧେଶ୍ୱର ବାବୁଙ୍କ ଠାରୁ ସବୁ ଶୁଣିଛି । ରମେଶ ବାବୁଙ୍କର ବା କଣ ନାହିଁ ? ତାଙ୍କ ପରି ଲୋକ ଜନ୍ମେଜୟବାବୁଙ୍କ ସାଙ୍ଗରେ ବନ୍ଧୁ ବାନ୍ଧିବା ପାଇଁ ପଛେଇ ରହିଲେ । ତେବେ କେଉଁ ଆଶାରେ ସେ ତାଙ୍କ ସାଙ୍ଗରେ ବନ୍ଧୁ ବାନ୍ଧିବ ବୋଲି ପ୍ରସ୍ତାବ ଉଠାଇବ । ପ୍ରସ୍ତାବ ଉଠାଇଲେ ଜନ୍ମେଜୟ ବାବୁ ନିଶ୍ଚୟ ଅପମାନ ଦେବେ । ମୂଲିଆ ବୋଲି ଗାଳି ଦେବେ । ତାକୁ ସେ କଥା ସବୁ ନିଶ୍ଚୟ ବାଧିବ । ଯାହା କିଛି ହେଉନା କାହିଁକି ଥରକ ପାଇଁ ସେ ଚେଷ୍ଟା କରି ଦେଖିବ । ରଘୁଆ ମନରେ ପ୍ରଶ୍ନ ଉଠିଲା—ପ୍ରସ୍ତାବଟାକୁ କି ପ୍ରକାରରେ ସେ ଉଠାଇବ । ରଘୁଆର ଅନ୍ତରଙ୍ଗ ବନ୍ଧୁ ଗିରିଶ ।

ଗିରିଶ ବ୍ୟତୀତ ରଘୁଆ ଅନ୍ୟ କାହାକୁ ବିଶ୍ୱାସ କରେନାହିଁ । ଗିରିଶର ମଧ୍ୟ ଜ୍ଞାନେନ୍ଦ୍ରଜୟ ବାବୁଙ୍କ ସହିତ ଭଲ ମନ ମିଳୁଥିଲା । ଗିରିଶର ବାପ ଗୋସବା ଅମଳରୁ ଜ୍ଞାନେନ୍ଦ୍ରଜୟ ବାବୁଙ୍କ ଜମିଦାରୀରେ କାମ କରି ଆସୁଥିଲେ । ଗିରିଶ ମଧ୍ୟ ତାଙ୍କ ଜମିଦାରି କିଛିଦିନ ପାଇଁ ବୁଝାସୁଝା କରିଥିଲା । ଜମିଦାରି ଚାଲିଯିବା ଦିନଠାରୁ ଜ୍ଞାନେନ୍ଦ୍ରଜୟବାବୁଙ୍କ ଦୁଆରୁ ଚାକିରି ଛୁଟିଛି । ହେଲେ ମଧ୍ୟ ଗିରିଶକୁ ସେ ସ୍ନେହ କରନ୍ତି ।

ରଘୁଆ ଗିରିଶ ଆଗରେ ସମସ୍ତ କଥା କହିଲା । ଗିରିଶ ସବୁ ଶୁଣି ରଘୁଆକୁ କହିଲା "ମୁଁ ଜ୍ଞାନେନ୍ଦ୍ରଜୟ ବାବୁଙ୍କ ପାଖରେ ଏ ପ୍ରସ୍ତାବ ଉଠାଇବି କିନ୍ତୁ ଫଳ ଫଳିଲା ପରି ବୋଧ ହେଉନାହିଁ । କଥାଅଛି ଶଶା ହୋଇ ଚନ୍ଦ୍ର ଧରିବାକୁ ଗଲା ଭଳି ହେବ । ଯାହା ହେଉନା କାହିଁକି ମୁଁ ଯଥାସାଧ୍ୟ ଚେଷ୍ଟା କରିବି । ରଘୁଆ ଗିରିଶକୁ ଅପେକ୍ଷା କରି ବସି ରହିଲା ।

ଗିରିଶ ଜ୍ଞାନେନ୍ଦ୍ରଜୟ ବାବୁଙ୍କ ପାଖରେ ପହଞ୍ଚିଲା ବେଳକୁ ସେ କଚେରୀଘରେ ଏକାକୀ ବସି କଣ ଗୁଡ଼ାଏ କାଗଜପତ୍ର ଓଲଟାଇବାରେ ଲାଗିଛନ୍ତି । ଠିକ ସମୟରେ ଗିରିଶ ପହଞ୍ଚିଛି । କାଳ ବିଳମ୍ବ ନ କରି ସେ କଚେରୀଘର ଭିତରକୁ ଗଲା । ଜ୍ଞାନେନ୍ଦ୍ରଜୟ ବାବୁ ଗିରିଶକୁ ଦେଖି ଖୁସି ମନରେ ବସିବା ପାଇଁ ଗୋଟିଏ ଚଉକି ଦେଖାଇଦେଲେ । ସଙ୍ଗେ ସଙ୍ଗେ ଘରର ଭଲ ମନ୍ଦ ଠାରୁ ଆରମ୍ଭ କରି ସମସ୍ତ ସୁବିଧା ଅସୁବିଧା କଥା ପଚାରି ଗଲେ । ଗିରିଶ ଅଳ୍ପ ବହୁତ ଭଲ ମନ୍ଦ କରି ସମସ୍ତ ପ୍ରଶ୍ନର ଉତ୍ତର ଦେଲା । ଯେଉଁ କାମ ପାଇଁ ଗିରିଶ ଆସିଛି ସେ ପ୍ରସ୍ତାବ ଉଠାଇବା ପାଇଁ ସେ ସୁଯୋଗ ଖୋଜୁଥିବ । ଜ୍ଞାନେନ୍ଦ୍ରଜୟବାବୁ ଯୋଗକୁ ଠିକ ସେଇ କଥା ଆରମ୍ଭ କଲେ । ଆଖିରୁ ଚଷମାଟାକୁ ଖୋଲି ଟେବୁଲ୍

ଉପରେ ରଖି ଦେଲେ । କାଗଜ ପତ୍ର ଗୁଡ଼ିକୁ ଯଥା ସ୍ଥାନରେ ରଖି କହିଲେ " ଗିରିଶ, ମୁଁ ବର୍ତ୍ତମାନ ଏକ ଜଟିଳ ସମସ୍ୟାରେ ଉପସ୍ଥିତ । ଆଜି କାଲିକା ପ୍ରତିବାଦର ଘଟଣା ତୁମକୁ ତ ଅବିଦିତ ନଥିବ । ଖବର କାଗଜ ଗୁଡ଼ାକରେ ପ୍ରତିବାଦ ଯେଉଁ ହରଣଚାଲି, ନାରୀ ଧର୍ଷଣ ସବୁ ବାହାରୁଛି ସେ ସବୁ ପଢ଼ି ମୋ ମନରେ ଅନେକ ସମୟରେ ନାନା ପ୍ରକାର ସନ୍ଦେହ ହୁଏ । ଜୟନ୍ତ ମା'ର ବର୍ତ୍ତମାନ ଜିଦ୍ ଯେ ଜୟନ୍ତର ବିବାହଟା କରିଦେବା ପାଇଁ । ମୋର ପ୍ରଥମେ ପ୍ରଥମେ ଇଚ୍ଛା ହେଉ ନ ଥିଲା, ପିଲାଟା ପାଠ ପଢ଼ୁଛି ଅଉ କିଛିଦିନ ଗଡ଼ାଇ ଦେଲେ ଭଲ ହୁଅନ୍ତା । କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ସେ ସବୁ କଥା ଛାଡ଼ି ଶୀଘ୍ର କାମଟା ତୁଟାଇ ଦେବା ପାଇଁ ଭାବୁଛି । ତୁମେ କଣ ଭାବୁଛ କହିଲ ?

ଗିରିଶ କଥାଟାର ଗୁରୁତ୍ୱ ବଢ଼ାଇ କହିଲା "ଆପଣ ଯାହା ସନ୍ଦେହ କରୁଛନ୍ତି ବା ଭାବୁଛନ୍ତି ତାହା ଅମୂଳକ ନୁହେଁ ତେବେ ଜୟନ୍ତ ପରି ପିଲା ପକ୍ଷରେ ସେ ସବୁ ଭୟନାହିଁ ।

ତା ହୋଇପାରେ ଗିରିଶ, ତେବେ ମଧ୍ୟ ପରିସ୍ଥିତିରେ ସୁଯୋଗ ନେଇ ଯେ ଅସମ୍ଭବ ସମ୍ଭବରେ ପରିଣତ ନ ହେବ ଏ କଥା କିଏ କହି ପାରିବ ?

ଗିରିଶ ଠିକ୍ ବୁଝି ପାରିଥିଲା — ଜନ୍ମେଜୟବାବୁ ନିଶ୍ଚିତ ଯେ, ଜୟନ୍ତର ବାହାଘର କାମଟା ସେ ଶୀଘ୍ର କରିଦେବେ । ସୁଯୋଗ ପାଇ ଗିରିଶ ଆରମ୍ଭ କଲା — ଆପଣ କିଛି ଭାବିବେନି, ଗୋଟାଏ ପ୍ରସ୍ତାବରେ ମୋ ମନଟା ଖୁବ ମାନୁଛି । ହୁଏତ ଯୌତୁକଟା ସେତେ ନମିଳିପାରେ କିନ୍ତୁ, କନ୍ୟା ଭିତରେ ଗୋଟିଏ ରତ୍ନ ପାଇବେ ।

ଜନ୍ମେଜୟ ବାବୁଙ୍କର ମୁଖର ରଙ୍ଗ ବଦଳି ଗଲା । ଯୌତୁକ ନ ପାଇ ସେ ବନ୍ଧୁ ବାନ୍ଧିବେ, ଏହା କେବେ ସମ୍ଭବ ହେବ ନାହିଁ । ଗିରିଶ ବେଶ ଲକ୍ଷ କରି ଥିଲା । ଆଉ କହିବାର ପ୍ରୟୋଜନତା ସେ ନ ଦେଖି କଥାଟା ସେଇଠାରେ ବନ୍ଦ କଲା । ଏତିକି ବେଳେ ଜୟନ୍ତର ମା ଆସି ପହଞ୍ଚିଲେ । ଗିରିଶ ପ୍ରସ୍ତାବର କିଛି ଅଂଶ ତାଙ୍କ କାନରେ ପଡ଼ିଥିଲା । ସେ ଗିରିଶକୁ ବାଧ୍ୟ କଲେ ପ୍ରସ୍ତାବଟାକୁ ଖୁବ ପୁରି କହିବା ପାଇଁ । ଗିରିଶ ତାଙ୍କ ଅନୁରୋଧରେ କହିଲା—ମୁଁ କହୁଥିଲି ପ୍ରଭାତୀ କଥା । ଆପଣତ ତାକୁ ଦେଖିଥିବେ । ଗିରିଶର କଥାକୁ ସମର୍ଥନ କରି ଜୟନ୍ତର ମା କହିଲେ, ମୁଁ ଠିକ ସେଇଆ ଅନେକ ଦିନରୁ ଭାବୁଥିଲି । ପ୍ରଭାତୀକୁ ବୋହୂ କରି ଆଣିବାକୁ ମୋର ଏକାନ୍ତ ଇଚ୍ଛା ।

ଜନ୍ମେଜୟ ବାବୁ ରାଗରେ ଗର୍ଜି ଉଠିଲେ । ଗିରିଶକୁ ଲକ୍ଷ୍ୟ କରି କହିଲେ—କଣ କହିଲ ଗିରିଶ ! ରଘୁଆ ପରି ମୂଲିଆ ଘରେ ମୁଁ ବନ୍ଧୁ ବାନ୍ଧିବି ? ତୁମେ ଏକଥା କହିବା ପାଇଁ ତୁମକୁ ଟିକିଏ ସଙ୍କୋଚ ଲାଗିଲା ନାହିଁ ? ଜମିଦାର ଜନ୍ମେଜୟ ପ୍ରତାପସିଂର ଆଜି ଜମିଦାରୀ ନାହିଁ—ହେଲେ ମଧ୍ୟ ତାର ପୂର୍ବ ପୁରୁଷର ଆଭିଜାତ୍ୟକୁ ସେ କେବେହେଲେ ତଳେ ପକାଇ ଦେବ ନାହିଁ । ଜନ୍ମେଜୟ ବାବୁ କହି ଚାଲିଯାନ୍ତି ଗିରିଶ କଚେରୀଘରୁ ଦ୍ରୁତ ପଦ କ୍ଷେପରେ ବାହାରି ଚାଲିଗଲା । ମନରେ ରାଗ, ତା ସଙ୍ଗେ ସଙ୍ଗେ ଦୁଃଖ । କଣ ସେ ରଘୁଆକୁ କହିବ ? ଜାଣି ଶୁଣି କାହିଁକି ସେ ନିଆଁ ଭିତରକୁ ପଶିବାକୁ ଯାଉଛି । ବ୍ୟସ୍ତ ମନରେ ସେ ରଘୁଆ ପାଖକୁ ଗଲା ।

ଗିରିଶକୁ ଦେଖି ରଘୁଆ ଘଟଣାଟା ଜାଣିବା ପାଇଁ ବସିଥିବା ଯାଗାରୁ ଉଠି ପଡ଼ିଲା । ମାତ୍ର ଗିରିଶଠାରୁ ଯାହା ଶୁଣିବାକୁ ପାଇଲା

ସେଥିରେ ତାର ଆଶାର ମିନାର ଚୁରମାର୍ ହୋଇଗଲା । ରଘୁଆ କିଛି ନ କହି ଘରକୁ ଫେରିଲା ।

ରଘୁଆର ବିଷର୍ଣ୍ଣ ମୁଖ ମେନକା ମନରେ ଖୁବ୍ ଆଘାତ ଦେଲା । ମେନକା ବହୁ ଚେଷ୍ଟା କରି ତାର କୌଣସି କୂଳ କିନାରା ପାଇଲା ନାହିଁ । ବହୁତ ଥର ସେ ସ୍ୱାମୀଙ୍କୁ ପଚାରି ଲାଣି କିନ୍ତୁ ସେ ସବୁବେଳେ ଗମ୍ଭୀର । କଥା ଉହ୍ୟାଉଛନ୍ତି, ରଘୁଆ ନ କହିଲେ ମଧ୍ୟ ଗାଁ ମାଇପି—ମହଲରେ କଥାଟା ଚହଲ ହୋଇଗଲା । ଯେ ଶୁଣିଲା ସେ ଅବଶ୍ୟ ଦୁଃଖ କଲା ।

ପୋଖରୀ ତୁଠରେ ନରିଆ ମା ପିତଳ ବାହୁଟା ବାଲି ମୁଠାକରେ ମାଜୁ ମାଜୁ କହିଲା—ମଲା, ଜମିଦାର ଲୋକ ପଇସାକୁ ନ ଚାହିଁ କଣ କରିଆ ଚାହାନ୍ତା ? ହେଲେ ଜୟନ୍ତ ପାଇଁ ପ୍ରଭାତୀ ଏକା ମନ ଲାଖି ।

ଶାବିଆ ନାନୀ । ଗାଁ ଟା ସାରା ସମସ୍ତେ ତାକୁ ନାନୀ ବୋଲି ଡାକନ୍ତି । ତାର କର୍ମଟା ଏତେ ମନ୍ଦ ଯେ ବାହା ହେଇ ଦିନ କେଇଟା ଶାଶୁ ଘରକୁ ଯାଇଛି କି ନାହିଁ କାହୁଁ ଠାକୁରାଣୀ ମାଡ଼ି ଆସିଲେ, ଦିନ ଆଠଟାରେ ମଥାର ସିନ୍ଦୂର ଲିଭିଗଲା । ତା ବୁଢ଼ା ବାପ ଅନେକ ଚେଷ୍ଟା କରିଛି ଆଉଥରେ କୂଳରେ ଲଗାଇବା ପାଇଁ କିନ୍ତୁ ସେ ସେଥିରେ ରାଜି ହୋଇନି । ଦୁଃଖ କଥା ପଡ଼ିଲେ ଶାବିଆ କହେ—ଜଣଙ୍କର ହାତ ଧରି ତ ସୁଖି ହେଇ ପାରିଲିନି, ଆଉ କାହାଁକି ସେ ଆଉଜଣକୁ ମନ ଦେବ ? ପୋଡ଼ିଗଲା ଡିଅଁରେ ଆଉ କଣ ସୁଆଦ ଥାଏ । ଗୁଡ଼ାଖୁ ଢେଲାଟା ଦାନ୍ତରେ ଘସୁ ଘସୁ ସେ କହିଲା—ଦେଖିବୁନି ନରିଆ ମା, ମରିଗଲେ ତ ଯିବା— ଯଦି ବଞ୍ଚି ଥିବା ତେବେ ଦେଖିବୁ ମୋର ଯେମିତି ମନେ ହୁଏ ପ୍ରଭାତୀ କନ୍ୟା ହେଇଛି ଖାଲି ଜୟନ୍ତ ପାଇଁ । ଜମିଦାର ଜନ୍ମେଜୟ

ବାବୁ ଯେତେ ମନା କଲେ କଣ ହେବ । ସବୁ କର୍ମର ଫଳ କର୍ମରେ ଥିଲେ ମନା କଲେ କଣ ହେବ । ଯିଏ ଯାହାପାଇଁ ଜନ୍ମ ହୋଇଥିବ ନା, ସେ ତାର ନ ହୋଇ କଣ କେବେ ଆଉ କାହାର ହେବ ?

ଦଲେଇ ବଡ଼ ଜେନା ଝିଅ ସୁକ୍ଷ୍ମ ଲୁଗାଟା ଅଧା ଚପୁଡ଼ା କରି କହିଲା ଶାଗୁଆ ନାନୀ ! ଯୋଉ କଥା କହିଲୁ ସତ, ହେଲେ କାହିଁ ଆକାଶ କାହିଁ ପାତାଳ । ଜମିଦାର ଜନ୍ମେଜୟ ବାବୁ ଆଉ ରଘୁଆ, ଏହା ଭିତରେ ତଫାତଟା ଠିକ ସେହି ପରି । କଣ କହୁଛୁ ନରିଆ ମା ?

ସବୁକଥା ଚୁପ ହୋଇ ଶୁଣୁଥିଲା ସରଦେଇ । କାଚ ମୁଠାଟା ଝଣ ଝଣ କରି ଟିକିଏ ରସିକତା ଦେଖାଇ କହିଲା—ଆଲୋ ତମେ ସମସ୍ତେ ତ ଉପରେ ଉପରେ ଭାସୁଛ, ହେଲେ ଭିତର କଥା ତ ମୋତେ ଜାଣିନ ।

ନରିଆ ମା ଗାଧୋଇ ସାରି ଧରମ ଦେବତାଙ୍କୁ ପାଣି ଆଞ୍ଜୁଳା ଦେଉଥାଏ । ସାରିଆ ପଚାରିଲା—ସରଦେଇ ଅପା ଭିତର କଥାଟା କଣ ଟିକିଏ କହନା ।

ଗାଁଟା ଯାକ କିଏ ନ ଜାଣିଛି ଯେ ତୁ ଉକୁଟେଇ ହେଉଛୁ । କାଲେ ପ୍ରଭାତୀର ଫିଲଦାନରୁ ଜପୁନ୍ତର ଗୋଟିପଣେ । ସେ କୋଉଠି ପ୍ରଭାତୀକୁ କଥା ଦେଇଛି ନିଶ୍ଚୟ ବାହା ହେବ ବୋଲି । ବର କନିଆ ଯେତେବେଳେ ରାଜି ହୁଜା, ବାପ ମା ବା କ'ଣ କରିବେ ?

ପାଣି ଆଞ୍ଜୁଳି ଦେଇ ସାରି ନରିଆ ମା କହିଲା—ତୋ ତୁଣ୍ଡ ଭଲ ସୁତୁଣ୍ଡ ହୁଅନ୍ତା । ପ୍ରଭାତୀକୁ ଦେଖିଲେ ମୋ ମନଟା ଭରି ଉହକ ବିକଳ ହୁଏ । ଭଗବାନେ ତା ଭଳି ଝିଅଟିଏ ଗରିବ ଘରେ

କାହାଁକି ଜନ୍ମ ଦେଲା ? ଦାଣ୍ଡରେ ଦେଖିଲେ ତାକୁ ଗରିବ ଘରର ଝିଅବୋଲି କିଏ ଠଉରେଇବ କହିଲୁ ।

ଦାନ୍ତକାଠି ଦ ଭେଣ୍ଡା ଦାନ୍ତରେ ମାରି, ଗୋଡ ଗୋଇଠିକୁ ପଥରରେ ଘସୁ ଘସୁ ହେମ କହିଲା—ତମେ ସମସ୍ତେ ତ ଏତେ କଥା କହିଗଲ କାଲି କଣ ହୋଇଛି ଜାଣିଛ ? ଏ କଥାରେ ସମସ୍ତେ ହେମ ଆଡକୁ ଚାହିଁ ରହିଲେ କଥାଟା କଣ ବୋଲି । ହେମ ସମସ୍ତଙ୍କୁ ତାଗିଦା କରି କହିଲା—କହିବା ଯେ, ହେଲେ କଥାଟା ଯେମିତି ଫୁଟିଆସି ନ ହୁଏ ।

ସରଦେଇ ମୁଁହ ଟେକିଆଣି କହିଲା—କଥାଟା ନ କହି କେତେ ଢଙ୍ଗ କରୁଛୁ ହେଉଛୁ, ବେଳ କେତେ ହେଲାଣି ତତେ କଣ ଜଣା ପଡୁ ନାହିଁ ?

ହେମ ଚୁପ ଚୁପ କରି କହିଲା—କାଲି ଗିରିଶ ଜମିଦାରଙ୍କ ଆଗରେ ପ୍ରଭାତୀ କଥା, କଥା ପ୍ରସଙ୍ଗରେ ଉଠାଇଥିଲା । ଜମିଦାର ବାବୁ ସେ କଥା ଶୁଣି ନିଆଁ ବାଣ ହେଇଗଲେ । ରଘୁଆକୁ ମୂଳିଆ ବୋଲି ଗାଳି ଦେଲେ । ରଘୁଆ ଏ କଥା ସବୁ ଶୁଣି ଗୁମ ମାରି ରହିଛି—ଖା ପିଆ ନାହିଁ ।

ହେମର କଥା ସରି ନାହିଁ ପ୍ରଭାତୀ ପୋଖରୀ କୂଳରେ ଆସି ପହଞ୍ଚିଲା । ହସ ହସ ମୁହଁ । ହେମ ଆଡ଼କୁ ଲକ୍ଷ୍ୟ କରି ପ୍ରଭାତୀ କହିଲା—ହେମ ଅପା ! କଣ ଏତେ ବେଳେ ଯାଏ ଗାଧୋଇ ନାହଁ—ଆଜି ପୋଖରୀ କୂଳର ସଭାରେ ସଭାନେତ୍ରୀର ସ୍ଥାନ କିଏ ଅଧିକାର କରିଥିଲା କି ?

ସମସ୍ତେ ଏକାଥରକେ ହସି ଉଠିଲେ ।

ପ୍ରଭାତୀ ପୁଣି ପଚାରିଲା—ହଁ ହେମ ଅପା କା କଥା ପଡ଼ିଥିଲା କି ?

ହେମ ବଡ଼ ବିପଦରେ ପଡ଼ିଲା, କଣ ସେ ପ୍ରଭାତୀକୁ କହିବ ? ପ୍ରଭାତୀକୁ ଫାଙ୍କି ଦେବା ତ ମହତ୍ତ୍ୱ ନୁହେଁ । ତେବେ ମନରେ ଦମ୍ଭ ବାନ୍ଧି ସେ ଆରମ୍ଭ କଲା । ଚୋର ବାହାଘର କଥା ପଢ଼ିଥିଲା ।

ପ୍ରଭାତୀ ଆଶ୍ଚର୍ଯ୍ୟ ହେଲା—ହେମର ନିର୍ଭୀକତା ଦେଖି । ଆଉ କିଛି ପଚାରିଲାନି ସେ । ବିଷାଦର ଘନ ଅନ୍ଧକାରରେ ତାର ମୁଖ ମଣ୍ଡଳ ପାଣ୍ଡୁର ହୋଇ ଆସିଲା । ସମସ୍ତେ ଯେ ଯାହା ଘରକୁ ଗଲେ ।

ଇନ୍ସପେକ୍ଟର ବାବୁଙ୍କର କଥା ଶୁଣି ରଘୁଆ ଗୁମ୍ ମାରି ରହିଛି । ଖା ପିଆର ଠିକ୍ ନାହିଁ । ହେମର ଏଇ କେତୋଟି ପଦ ପ୍ରଭାତୀ ପ୍ରାଣରେ ତୀବ୍ର ଆଘାତ ଦେଲା । ପ୍ରଭାତୀର ମସ୍ତିଷ୍କ କ୍ଷଣିକ ପାଇଁ ଘୂରାଇ ଦେଲା । ମନେ ହେଲା ସେ ଯେପରି ଏହି ପୁଷ୍କରିଣୀରେ ସଲିଳ ସମାଧି ନେବ । ତା ଯଦି ହୁଅନ୍ତା ଭାବିବାକୁ କିଛି ପଡ଼ନ୍ତା ନାହିଁ । ନିୟତିର ଅଦେଖା ହାତ ସବୁ କ୍ଷେତ୍ରରେ ସଜାଗ ରହିଛି । ମଣିଷ କୃତ କର୍ମର ଫଳ ନିଶ୍ଚୟ ଭୋଗ କରିବ । କୌଣସି ଚେଷ୍ଟା ବା ସାହାଯ୍ୟ ତାର ପ୍ରତିରୋଧ କରି ପାରିବନି । ପ୍ରଭାତୀ ପ୍ରକୃତିସ୍ଥ ହେଲା । ପିତା ମାତାଙ୍କର ସ୍ନେହ ତା ଆଖି ଆଗରେ ନାଚି ଉଠିଲା । କିନ୍ତୁ ଆଜି କଣ ସେ ଶୁଣିଲା । ତାର ମଙ୍ଗଳ ପାଇଁ ପିତାଙ୍କର ଖା ପିଆ ବନ୍ଦ । ଧନ୍ୟ ଭଗବାନ୍ ଧନ୍ୟ ତୁମର ଶାସନ । ସମସ୍ତେ କହନ୍ତି ତୁମେ ମଙ୍ଗଳ ମୟ । କରୁଣାର ଆଧାର । କିନ୍ତୁ ଏ କ୍ଷେତ୍ରରେ ତୁମର କରୁଣା କେଉଁ ଆଡ଼କୁ ଗଲା ? ନା-ଅକାରଣରେ କାହିଁକି ସେ ଏତେ

ଏତେ କଥା ଭାବି ଯାଉଛି । ବାପଙ୍କୁ ସେ କଣ ଏତକ୍କା ବୁଝାଇ ଦେଇ ପାରିବନି । ମନରେ ଶକ୍ତି ସଞ୍ଚୟ କରି ପ୍ରଭାତୀ ଘରକୁ ଗଲା । ମନେ ମନେ ଠିକ୍ କଲା ବାପାଙ୍କୁ ଜଣାଇ ଦେବ ସେ କେବେ ବିବାହ କରିବ ନାହିଁ । ଦରକାର ପଡ଼ିଲେ ସେ ଚାକିରି କରିବ ।

ଦୁଇଦିନ ହେଲା ରଘୁଆକୁ ସନ୍ଧ୍ୟାବେଳକୁ ଟିକିଏ ଜର ଆସୁଛି । ବିଲ ବାଡ଼ିର ଖବର ବୁଝିବା ପାଇଁ ସେ ଯାଇ ପାରୁ ନାହିଁ । ମନରେ ବାଉଆଡୁ ବାର ଚିନ୍ତା ପଶି ମନଟା ଗୋଳେଇ ଘାଣ୍ଟି ହେଉଛି । ତା ସଙ୍ଗେ ଦିନକୁ ଦିନ ଜ୍ୱର ମଧ୍ୟ ବଢ଼ିବାରେ ଲାଗିଛି । ପ୍ରଭାତୀ ଜ୍ୱର ମାପକ ଯନ୍ତ୍ରରେ ଦେଖିଲା ତାତି ପ୍ରାୟ ୧୦୪ ଡ଼ିଗ୍ରି ପର୍ଯ୍ୟନ୍ତ ଅଛି । ଦେହରୁ କେତେବେଳେ ହେଲେ ତାତି ଓହ୍ଲାଉ ନାହିଁ । କାଳ ବିଳମ୍ବ ନ କରି ପ୍ରଭାତୀ ଗାଁ ବଇଦଙ୍କ ପାଖକୁ ଗଲା । ବଇଦ ଆସି ରଘୁଆକୁ ଦେଖି ସେପରି କିଛି ହୋଇ ନାହିଁ ବୋଲି ସାନ୍ତ୍ୱନା ଦେଇ ଦୁଇପାନ ଔଷଧ ଦେଇ ଚାଲି ଗଲେ । ପ୍ରଭାତୀକୁ କହିଦେଇ ଗଲେ ଜ୍ୱର କାଲିକୁ ପ୍ରାୟ ଛାଡ଼ିଯିବ । ଯଦି ବା କାଲିକୁ ଆଉ ଥରେ ଜ୍ୱର ଆସିବ ତେବେ ଘରୁ ଯାଇ ଆଉ ଦୁଇପାନ ଔଷଧ ନେଇ ଆସିବ । ପ୍ରଭାତୀ ସମ୍ମତି ଜଣାଇଲା । ବଇଦ ଆପଣେ ଘରକୁ ଫେରିଗଲେ । ସତକୁ ସତ ତା ଆରଦିନ ରଘୁଆ ଦେହରୁ ଜର ଓହ୍ଲାଇ ଗଲା । ସେ ସୁସ୍ଥ ଅନୁଭବ କଲା ।

ଗତ ଦଶହରା ହେବ । ସନ୍ଧ୍ୟା ବେଳଟାରେ ମେଘଅନ୍ଧାରରେ ରାସ୍ତା ଘାଟ ସବୁ କାଦୁଅ ହୋଇଥାଏ । ମେଘ ଅନ୍ଧାରରେ

ମୁହଁକୁ ମୁହଁ ଦେଖା ଯାଉ ନଥାଏ । ଚଞ୍ଚଳ ଖାଇବା କାମଟା ଶେଷ କରି ଦେଇ ଯେ ଯାହାର ବିଶ୍ରାମ ନେଲେଣି । ଦିନେଶ ଚଉଧୁରୀଙ୍କ ଘରେ ଗୋଟିଏ ଗୁପ୍ତ ମନ୍ତ୍ରଣା ସଭା ବସିଥିବାର ଦେଖାଗଲା । ଦିନେଶ ବଡ଼ ଗମ୍ଭୀର ଦେଖାଯାଉଥିଲେ । ପ୍ରଥମେ ସେ କହିଲେ ଦେଖ ବୀର ତମ ମାନଙ୍କୁ ଆଜି ମୁଁ ଏଠାକୁ ଡାକିବାର କାରଣ ହେଉଛି ତୁମେ-ମାନେ ମୋର ସବୁଠାରୁ ବେଶି ବିଶ୍ୱାସୀ । ମୁଁ ମଧ୍ୟ ସବୁବେଳେ ତୁମର ମଙ୍ଗଳ ଚାହେଁ । ତୁମେମାନେ ଯଦି ମୋ କଥା ମାନି କାମ କରିବ ତାହାହେଲେ ତୁମର କୌଣସି ଅଭାବ ରହିବ ନାହିଁ ।

ଏହା ଶୁଣି ବୀରର ଛାତି ଗର୍ବରେ ଫୁଲି ଉଠିଲା । ସମସ୍ତେ ଏକସ୍ୱରରେ କହି ଉଠିଲେ—ଦିନେଶ ବାବୁ ! ଆମେ କଣ କେବେ ତୁମ କଥାରୁ ବାହାର ହେଉଛୁ ?

ଦିନେଶ ଚଉଧୁରି ଖୁବ୍ ହସଟାଏ ହସିଲେ । ବୀରର ପିଠିରେ ହାତ ବୁଲାଇ ଆଣି କହିଲେ"—ବୁଝିଲ ବୀର, ମୁଁ ବର୍ତ୍ତମାନ ଗୋଟାଏ ବଡ଼ ଜଟିଳ କାମରେ ହାତ ଦେବାକୁ ଯାଉଛି । କଥାଟା ଯଦି ସୁବିଧାରେ ତୁଟିଗଲା ତ ହାଁ ନହେଲେ ତ ଭଲ ନଦେଖି ଯେ କୌଣସି ଉପାୟରେ କାମ ହାସଲ କରିବାକୁ ହେବ । ଆଜି ତୁମେମାନେ ଏ କାମ ହାସଲ ପାଇଁ ନିଶ୍ଚୟ ମୋତେ ସାହାଯ୍ୟ କରିବ ।

ବୀର କହିଲା — କଥାଟା କଣ ନ କହି..............

ଦିନେଶଚଉଧୁରୀ କଥାଟା କହିଲେ—କଣ କି, ନରହରି ଜମିଦାରଙ୍କର ଇଚ୍ଛା ସେ ରଘୁଆର ଝିଅ ପ୍ରଭାତକୁ ବିବାହ କରିବେ ।

ବୀର ଏତିକି ଶୁଣି ଚିତ୍କାର କରି ଉଠିଲା ।—କଣ କହିଲେ ଦିନେଶ ବାବୁ ? ଏ ବୃଦ୍ଧ ବୟସରେ ନରହରି ବାବୁ ପ୍ରଭାତୀକୁ ବିବାହ କରିବେ ? ଧର୍ମ ସହିବନି ଦିନେଶ ବାବୁ ଧର୍ମ ସହିବନି ।

ଦିନେଶ ବାବୁ କହିଲେ — "ମୁଁ ଜାଣେ ବୀର, ତୁମେ କଥାଟାକୁ ପସନ୍ଦ କରିବନି, ହେଲେ ନରହରି ଜମିଦାର କଥା ତୁମକୁ କଣ ଅଜଣା ? ସେ ଯାହା ଭାବନ୍ତି ତାହା ନ କରି ଛାଡନ୍ତି ନାହିଁ । ଆମର ସେଥିରେ ଯାଏ ଆସେ କେତେ ? ବାହାଘରଟା ହୋଇଗଲେ ଜମିଦାର ମୋତେ ଶୁଝେଇ ଦେଇଛନ୍ତି ପାଞ୍ଚଶହ ଟଙ୍କା ଦେବେ । ମୁଁ ମଧ୍ୟ ଆଜି ପ୍ରତିଶ୍ରୁତି ଦେଉଛି, ସେ ସମସ୍ତ ଧନ ଆମେ ସମସ୍ତେ ସମାନ ଭାବରେ ବାଣ୍ଟି ନେବା । କଣ କହୁଛ, ଏହା ଯଦି ନ ହୁଏ ଜମିଦାରର କଷ ଦୃଷ୍ଟି ତୁମମାନଙ୍କ ଉପରେ ନିଶ୍ଚୟ ପଡିବ । ତା ହେଲେ କଣ ଫଳ ହେବ ଜାଣିଛ ? ତୁମମାନଙ୍କର କେବଳ ଖଣ୍ଡ ମାନ ସବୁଦିନ ପାଇଁ ଜମିଦାର ହାତରେ ରହିଯିବ । ତୁମକୁ ଦାଣ୍ଡର ଭିକାରୀ ହେବାକୁ ପଡ଼ିବ କିନ୍ତୁ କାର୍ଯ୍ୟରେ ସଫଳତା ଲାଭ କଲେ ତମା ଜଳର ଆପତ୍ତିରେ ତୁମର କେବଳ ତୁମ ମାନଙ୍କ ନିକଟକୁ ଆମେ ଆପେ ଫେରି ଆସିବ । ଖାଲି ସେତିକି ନୁହେଁ, ତା ସଙ୍ଗେ ଏକ ଶହ ଟଙ୍କା ପୁରସ୍କାର ମିଳିବ । କେଉଁଟାକୁ ତୁମେ ପସନ୍ଦ କରୁଛ ? କୁହ, ଚୁପ ରହିଲ କାହିଁକି ?

କ୍ଷଣିକ ପାଇଁ ବୀର ଭାବି ଚାଲିଲା କେତେ ଆଉ କେତେ କଥା । ପିଲା ଛୁଆଙ୍କ ମୁହଁରେ ଆହାର ଦେବାକୁ ହେଲେ ତାକୁ ଦିନେଶ ଚଉଧୁରିର କଥାରେ ରାଜି ହେବାକୁ ହେବ । ନଚେତ ଖଣ୍ଡିଆ ଭୂତରେ ଉପର ଗୃହ ଖଣ୍ଡିକ ମୁହୂର୍ତ୍ତକ ଭିତରେ ଉଡ଼ିଗଲା । ପରି ତାକୁ ଏ ଗାଁ ରୁ ଉଡ଼ିଯିବାକୁ ହେବ ।

ଦିନେଶବାବୁ ଗମ୍ଭୀର ହୋଇ କହିଲେ—ତାହାହେଲେ ତୁମେ ମୋ କଥାରେ ରାଜି ନୁହଁ, ତୁମର ମଙ୍ଗଳ ପାଇଁ ମୁଁ କହୁଥିଲି, ଏବେ ନହେଲେ ତୁମେ ଏଥର ଯାଇପାର ।

ବୀର ମନେ ମନେ ଅନେକ ଭାବିଲା । ଜୀବନ ବଞ୍ଚାଇ ରଖିବା ପାଇଁ ଖାଦ୍ୟ ଦରକାର । ଧନ ଦରକାର । ତାକୁ ହାତ ଗଇଠ କରିବା ପାଇଁ ମଣିଷ ଯେ କୌଣସି ଜଘନ୍ୟ କାର୍ଯ୍ୟ କରିପାରେ । ବୀର ଦିନେଶ ବାବୁଙ୍କୁ ପ୍ରତିଶ୍ରୁତି ଦେଲା । ତାଙ୍କୁ ସେ ପୂର୍ଣ୍ଣ ସାହାଯ୍ୟ ଦେବ । ଦରକାର ପଡ଼ିଲେ କାର୍ଯ୍ୟ ସାଧନ ପାଇଁ ଜୀବନ ଗଲେ ମଧ୍ୟ ପଛେଇବ ନାହିଁ । ଅନ୍ୟ ତିନୀଜଣ ମଧ୍ୟ ସ୍ୱୀକୃତି ଜଣାଇଲେ । ଦିନେଶ ବାବୁ ମନେ ମନେ ହସିଲେ । ସଭା ଭାଙ୍ଗିଲା, ମେଘ ଅନ୍ଧକାର ଭିତରେ କିଏ କେଉଁ ଆଡ଼େ ରାସ୍ତା ଧରି ନିଜ ନିଜ ଘରକୁ ଗଲେ ।

ନରହରିବାବୁ ଅନେକ ଥର ଦିନେଶ ଚଉଧୁରିଙ୍କୁ ଡକାଇ ପଠାଇଲଣି । କିନ୍ତୁ ଗୋଟାଏ ଠିକ୍ ନକରି ଯାଇ ନରହରି ବାବୁଙ୍କୁ କଣ କହିବେ ବୋଲି ସେ ଯାଇ ପାରୁ ନାହାନ୍ତି । ତାଙ୍କ ମୁଣ୍ଡରେ ହଠାତ୍ ଗୋଟାଏ ବୁଦ୍ଧି ପହଞ୍ଚି ଗଲା । ସେ ମନେ ମନେ ଠିକ୍ କଲେ, ରଘୁଆର କୌଣସି କ୍ଷତିକରିବା ପୂର୍ବରୁ ତାକୁ ଥରେ ଅନ୍ତତ ପ୍ରସ୍ତାବଟା ଜଣାଇ ଦେଲେ ଭଲ ହେବ । ଯଦି ଧନସମ୍ପତ୍ତିର ଲୋଭରେ ସେ ରାଜି ହୋଇଯାଏ, ତାହାହେଲେ ଗୁଣ୍ଡା ଶ୍ରେଣୀର ଲୋକଙ୍କ ସାହାଯ୍ୟ ଦରକାର ପଡ଼ିବ ନାହିଁ । ଦିନେଶ ଚଉଧୁରି ନିଜେ ଥରେ ତାଙ୍କ ପୁଅର ପ୍ରସ୍ତାବ ଉଠାଇ ଯଥେଷ୍ଟ ପାଇଛନ୍ତି । ଆଉ ପୁଣି ଅପମାନ ପାଇବା ପାଇଁ ଯିବେ ? ନା, ବୀରକୁ ପଠାଇବେ । ଯଦି ଭଲରେ ଭଲରେ କଥାଟା ନ ତୁଟି ଯାଏ ତାହାହେଲେ କଳେ ବଳେ କୌଶଳେ କାମ ହାସଲ କରିବାକୁ ହେବ ।

ବର୍ଷାପରେ ପରେ ଶୀତ କ୍ରମେ ମାଡ଼ି ଆସୁଥାଏ । ସୁବମାସାରେ ଶୀତ ପଡ଼ି ନ ଥାଏ । କଅଁଳିଆ ସବୁଜ ଘାସ ପତ୍ରରେ ବିନ୍ଦୁ ବିନ୍ଦୁ କାକର ପଡ଼ୁଛି । ଶିର ଶିର ପବନ ଉତ୍ତର ଦିଗରୁ ବହିଲାଣି ।

ରଘୁଆ ରୋଗା ହେଲା ଦିନୁ ସକାଳୁ ଉଠି ପାରେ ନାହିଁ । ନିଦ ଭାଙ୍ଗିଗଲେ ମଧ୍ୟ ବିଛଣାରେ ପଡ଼ି ରହିଥାଏ । ଥଣ୍ଡା ପବନ ଦେହରେ ଲାଗିଲେ ଜର କାଳେ ଫେଣ୍ଟିବ । ବୀର ରଘୁଆର ଦୁଆର କବାଟରେ ଆଘାତ କଲା । ରଘୁଆ ଘରେ ଥାଇ ବୀରର ପାଟି ବେଶ ବାରି ପାରିଥିଲା, କିନ୍ତୁ ରଘୁଆ ପ୍ରଥମେ ଭାବିନେଲା ବୀରର ତ ଦିନେ କାଳେ ତା ପାଖରେ କାମ ନ ଥାଏ, ଆଜି ପୁଣି ଏତେ ସକାଳୁ କି କାମ ? ଏଥିରେ ନିଶ୍ଚୟ କିଛି ଗୂଢ଼ ରହସ୍ୟ ଅଛି । ଯାହାହେଉ ଭଗବାନଙ୍କର ଯାହା ଇଚ୍ଛାଥିବ ତାହାହିଁ ହେବ । ରଘୁଆ ଦୁଆର ଫିଟାଇବା ପାଇଁ ଗଲା ବେଳକୁ ପ୍ରଭାତୀ ଦୁଆର ଖୋଲି ଦେଇ ବୀର ବସିବା ଲାଗି ଗୋଟିଏ ଆସନ ପକାଇ ଦେଲା । ରଘୁଆ ପହଞ୍ଚିବା ସଙ୍ଗେ ସଙ୍ଗେ ବୀର ଉଠି ନମସ୍କାର ଜଣାଇଲା ।

ରଘୁଆ ପଚାରିଲା—କିରେ ବୀର ଏତେ ସକାଳୁ ସକାଳୁ କୁଆଡ଼େ ?

ବୀର ସବୁ କଥା ଜାଣିଥିଲେ ମଧ୍ୟ କୌଣସି କଥା ନ କହି ଦିନେଶ ଚଉଧୁରି କହିଥିବା କଥା ରଘୁଆକୁ କହିଲା । ନରହରି ଜମିଦାର ତୁମକୁ ସଙ୍ଗେ ସଙ୍ଗେ ଡାକି ନେବାପାଇଁ ପଠାଇଲେ । ତାଙ୍କର କଣ ଗୋଟାଏ ଜରୁରି କାମ ଅଛି ବୋଲି ମୋତେ କହିଲେ । ବୀରର କଥା ଶୁଣି ରଘୁଆ ଅନେକ କଥା ଭାବିଗଲା । ନରହରି ଜମିଦାରର ତା ପାଖରେ କାମ କଣ ? ପୁଣି

ବୀର କହୁଛି ଜହ୍ନୁଂସ୍ତ୍ରୀ ବାପ । ବନ୍ଧକ କାଗଜ ଯେ ଦଶଥର ଦଉଡ଼ିଲେ ଦେଉ ନାହିଁ ସେ ଏବେ ମଜାକୁ ଡ଼କାଇ ପଠାଇଛି ଦେବାପାଇଁ—ତା ତ କେବେ ନୁହେଁ । ତା ହେଲେ କାମଟା କଣ ହୋଇ ପାରେ—ରଘୁଆ କିଛି ଠିକ୍ କରି ପାରିଲା ନାହିଁ ।

ଆଚ୍ଛା ବୀର, କଣ କାମ ଅଛି ତୁ ଜାଣି ନାହିଁ ?

ସତ କହୁଛି ରଘୁ ଭାଇ, ମୁଁ ଜାଣିଥିଲେ କହନ୍ତି ନାହିଁ ?

ତୁ ଆସିଲାବେଳେ ତାଙ୍କ ପାଖରେ ଆଉ କିଏ ଥିଲା ?

କଚେରୀ ଘରେ କିଏ ଥିବ—ମୁଁ ଭିତରକୁ ଆଖି ପକାଇ ନାହିଁ । ତେବେ କିଏ ଜଣେ ଥିଲା ।

ମୁଁ ପଛେ ପଛେ ଯାଉଛି, ତୁ ଯାଆ ଜମିଦାରଙ୍କୁ କହିଦେବୁ ।

ବୀର କ୍ରୁର ହସଟାଏ ହସି ପ୍ରଭାତୀ ଆଡ଼କୁ ଥରକ ପାଇଁ ଅନାଇଁ ଚାଲିଗଲା ।

ନରହରିବାବୁଙ୍କର କଚେରୀ ଘରଟି ନୂଆଁ କରି ସାଜସଜ୍ଜା ହୋଇଛି । ଟେବୁଲ ଉପରେ ସୁନ୍ଦର ନୀଳ ରଙ୍ଗର ଟେବୁଲ କ୍ଲଥଟିଏ ପଡ଼ି ହୋଇଛି । ଫୁଲଦାନୀ ଦୁଇଟିରେ ଗୋଲାପ ଫୁଲ ଗୁଚ୍ଛଏ ସଜା ହୋଇଛି । ଖୁବ୍ ଦାମିକା କାର୍ପେଟ ଗୋଟିଏ ଚଟାଣରେ ପଡ଼ିଛି । ଘରଟି ଭିତରେ ଆଠ ଦଶଟି ଚଉକି ଦୁଇ ଧାଡ଼ି ହୋଇ ପଡ଼ିଛି । ଟେବୁଲ ପାଖରେ ନରହରି ବାବୁ ଏବଂ ପାଖକୁ ଲାଗି ଦିନେଶ ଚଉଧୁରି । ନରହରିବାବୁଙ୍କ ବେଶଭୂଷାରେ ପରିବର୍ତ୍ତନ ମଧ୍ୟ ଯଥେଷ୍ଟ ପରିମାଣରେ ପରିଲକ୍ଷିତ ହେଉଥିଲା । ଯେଉଁ ବାଳ ପାକି ଗଲଣି, ସେଥିରେ ଯେତେ କଳା ବୋଳିଲେ କଣ ହେବ ? ଦାନ୍ତ ଯାହାର ପଡ଼ିଗଲାଣି, ଯେତେ ସୁନାରେ ତିଆରି ଦାନ୍ତ ଲଗାଇଲେ କଣ ହେବ ? ପ୍ରକୃତ କଥା କଣ ଲୁଚି ଯିବ ? ବାର୍ଦ୍ଧକ୍ୟ ସମୟରେ ଯୌବନର ତୁଳନା କଲେ ଅପମାନ ପାଇବା ବ୍ୟତୀତ

ଆଉ କଣ ହୋଇ ପାରେ ? କିନ୍ତୁ ନରହରି ବାବୁ ବୃଦ୍ଧ ବୋଲି ସେ ଏକାବେଳେକେ ଭୁଲି ଯାଇ ଥିଲେ । ବୟୋବୃଦ୍ଧନଠାରୁ ଉଡ଼ିଯାଇଥିବା ଦାନ୍ତ ଗୁଡ଼ିକ ବଦଳରେ ସୁନାର ସୁନ୍ଦର ସୁନ୍ଦର ଦାନ୍ତ ଗୁଡ଼ିଏ ଅତି ଯତ୍ନରେ ବସି ଲଗାଇଛନ୍ତି । ମୁଣ୍ଡର ଧଳାବାଳରେ କଳାରଙ୍ଗ ଦେଇ ଟିକିଏ ପରିବର୍ତ୍ତନ କରି ନେଇଛନ୍ତି । କାମର ଲାଳସା ତାଙ୍କୁ ଏ ନରକପଥକୁ ଟାଣି ନେଇଛି । କିନ୍ତୁ ଏହାର ପରିଣତି କଣ ହେବ କିଏ ଜାଣେ ?

ଗୃହକରଟା ଆସି ନରହରି ବାବୁଙ୍କୁ କହିଲା—ବାବୁ ଆପଣଙ୍କ ସଙ୍ଗେ ଦେଖା କରିବା ପାଇଁ କିଏ ଜଣେ ଦୁଆରେ ଅପେକ୍ଷା କରିଛି । ଗୃହକରଟି ନୂଆ ହୋଇ ରହି ଥାଏ, ତେଣୁ ସେ ରଘୁଆକୁ ଚିହ୍ନି ନ ଥିଲା । ନରହରି ବାବୁଙ୍କ ଆଦେଶ ପାଇ ରଘୁଆ କଚେରୀରେ ପହଞ୍ଚିଲା । କଚେରୀ-ଘରର ଅପୂର୍ବ ସାଜ ସଜ୍ଜା ତା ସଙ୍ଗେ ସଙ୍ଗେ ନରହରି ବାବୁଙ୍କର ରୂପର ପରିବର୍ତ୍ତନ ରଘୁଆକୁ ଆଶ୍ଚର୍ଯ୍ୟ ଲାଗିଲା । ରଘୁଆ କିଛି ନ ପଚାରି ଠିଆହୋଇ ଥିଲା । ରଘୁଆର ଆଖି ଦିନେଶ ଚଉଧୁରୀଙ୍କ ଉପରେ ପଡ଼ି ନ ଥିଲା । ଦିନେଶ ଚଉଧୁରୀଙ୍କୁ ଦେଖି ରଘୁଆ ପ୍ରମାଦ ଗଣିଲା । ନିଶ୍ଚୟ ଗୋଟାଏ କିଛି ବଡ଼ ଧରଣର ଚକ୍ରାନ୍ତ, ନଚେତ ଏ କାଳସର୍ପର ଉପସ୍ଥିତି ଏଠାରେ କାହିଁକି ? ରଘୁଆର ହୃଦୟର ନିଗୁଢ଼ତମ ପ୍ରଦେଶରୁ ବାହାରି ଆସିଲା ଗୋଟାଏ ଦୀର୍ଘ ନିଶ୍ୱାସ ।

ନରହରି ବାବୁ ସହାନୁଭୂତି ଦେଖାଇ କହିଲେ—ରଘୁ, ଠିଆ ହେଲୁ କାହିଁକି ? ବସିବା ପାଇଁ ଚଉକିଟିଏ ଦେଖାଇ ଦେଇ ନିଜେ ଅନ୍ୟ କାମର ବାହାନା କରି ସେଠାରୁ ଚାଲି ଗଲେ । ଗଲା-ବେଳେ କହି ଗଲେ—ରଘୁ, ତୁମେ ଦିନେଶବାବୁଙ୍କଠାରୁ ସମସ୍ତ କଥା ବୁଝି ପାରିବ ମୁଁ କିଛି ସମୟ ପରେ ଆସୁଛି ।

ରଘୁଆ ଦିନେଶ ବାବୁଙ୍କୁ ଦେଖିଲା—ସେ ଯେପରି ଚିନ୍ତାଗ୍ରସ୍ତ । କୌଣସି କଥା କହିବା ପାଇଁ ତାଙ୍କର ସାହସ ଯେପରି ନାହିଁ । ଅନ୍ୟ ଉପାୟ ନ ଦେଖି ରଘୁଆ ପଚାରିଲା—ଜମିଦାର କାହିଁକି ଡକାଇଥିଲେ ଦିନେଶବାବୁ, କହିପାରିବେ କି ?

ଦିନେଶ ବାବୁ କୃତ୍ରିମ ହସଟାଏ ହସି ତାଚ୍ଛଲ୍ୟଭରା କଣ୍ଠରେ କହିଲେ—କିଛି ଭାବିବ ନାହିଁ, ସବୁ ତୁମର ମଙ୍ଗଳ ପାଇଁ । ମାତ୍ର ତୁମେ ରାଜି ହେଲେ, ହେଲା ।

କଥାଟା ଖୋଲି ଖୋଲି କହିଲେ ତ ଚଳିବ, ଏତେ ମଙ୍ଗଳ ଅମଙ୍ଗଳ କଥା କାହିଁକି ? ରଘୁଆ କେବେ କାହାରି ପାଖରେ ହାତ ପତେଇନି । ଦୁଃଖେ ସୁଖେ ସେ ତାର ସଂସାର ଚଳେଇଛି । ସୁଖ ସମୟରେ ଆନନ୍ଦରେ ବିଭୋର ହେଇନି କି ଦୁଃଖ ସମୟରେ ବିବ୍ରତ ହେଇ ପଡ଼ିନି । ସର୍ବ ଶକ୍ତିମାନ ଈଶ୍ୱରଙ୍କ ନିର୍ଦ୍ଦେଶରେ ସେ ତାର ଭଙ୍ଗା ନାଆଖଣ୍ଡ ଅତଳ ଦରିଆରେ ମେଲି ଦେଇଛି, କିଏ ଜାଣେ ତା କୂଳରେ ଲାଗିବ କି ନାହିଁ ? ତେଣୁ ଏ ଦରିଦ୍ର ପାଇଁ ଆପଣଙ୍କର ଦରଦ ଆଜି ନୂଆ କଥା ।

ଦିନେଶ ବାବୁଙ୍କର ଠାଣ ଭାଙ୍ଗିଗଲା ରଘୁଆର କଥା ଶୁଣି । ରଘୁଆକୁ ସେ ସାମାନ୍ୟ ମୂଲିଆ ବୋଲି ବିଚାରି ଥିଲେ, କିନ୍ତୁ ପ୍ରକୃତରେ ସେ ତା ନୁହେଁ । ନରହରି ବାବୁଙ୍କର କଥା ଅକ୍ଷରେ ଅକ୍ଷରେ ସତ । କ୍ଷୁଦ୍ର ସର୍ପର ବିଷ ଉତ୍କଟତର । ଯାହା ହେଉନା କାହିଁକି ଯେ କୌଣସି ପ୍ରକାରରେ କାମ ହାସଲ କରିବାକୁ ହେବ । ଦିନେଶ ବାବୁ ଆରମ୍ଭ କଲେ—ମୁଁ କଣ କହୁଥିଲି କି, ତୁମର ଝିଅଟିତ ଏତେ ଗୁଡାଏ ଦିନ ରହିଲାଣି । ଆଜି କାଲି ଯୁଗରେ ଯୌତୁକର ଯେଉଁ ଦାବି ସେଥିରେ କନ୍ୟା ପିତାମାନେ ଏକା-ବେଳକେ ଭାଙ୍ଗି ପଡୁଛନ୍ତି । ତୁମର ଅବସ୍ଥା ଯାହା ସେଥିରେ

ଯୌତୁକର ଭାର ବହନ କରିବା ଯେ କେତେଦୂର ସମ୍ଭବ ହେବ ତା ମୁଁ ଅନୁମାନ କରି ପାରୁନାହିଁ ।

ଆଉ କହିବା ଦରକାର ପଡୁ ନାହିଁ । ରଘୁଆ ଦିନେଶ ବାବୁଙ୍କ କଥା ଉପରେ କହିବାକୁ ଲାଗିଲା । ତୁମେ କହିବ ବୃଦ୍ଧ ନରହରି ଜମିଦାର ହାତରେ ଅର୍ପଣ କରିଦିଅ—ଏଇଆତ ? ମନେ ରଖ ଦିନେଶ ବାବୁ, ତୁମ ଭଳି ଲୋକଙ୍କୁ ସେ ଶୋଭା ପାଏ । ମାତ୍ର ରଘୁଆ ମୂଲିଆ ହେଲେ ମଧ୍ୟ ତା ଜାତିକରେ ସେତିକ ନାହିଁ । ରଘୁଆ ବଞ୍ଚିଥିବା ଭିତରେ କାହାରି ସାଧ ନାହିଁ ପ୍ରଭାତୀର ଅନିଷ୍ଟ କରିବା ପାଇଁ । ରଘୁଆ ଆଉ ମୁହୂର୍ତ୍ତକ ପାଇଁ ସେଠାରେ ନ ରହି ଝଡ ବେଗରେ ବାହାରି ଆସିଲା ଦୋକାନୁ । ତାର ବଢିଯାଇଥିବା ମୁଣ୍ଡଟା ଟିକିଏ ସଜାଡ଼ି ହୋଇ ଆସିଲା । ତାର ଯେପରି ମନେ ହେଉଥିଲା ଦିନେଶ ଚଉଧୁରିର ମୁଣ୍ଡ ସେହି ମୁହୂର୍ତ୍ତରେ ଗଣ୍ଡିଠାରୁ ଅଲଗା କରି ଦେବାକୁ; କିନ୍ତୁ ଦୁନିଆରେ ତାର କେତେ କାମ ଯେ ଅପୂର୍ଣ୍ଣ ରହିଯାଇଛି ।

ରଘୁଆର କଥା ଗୁଡ଼ାକ ଦିନେଶ ଚଉଧୁରିଙ୍କୁ ଖୁବ୍ ବାଧିଲା । ନିଜେ ଅର୍ଜିଲା କର୍ମ ନିଜେ ଭୋଗ ନ କରି ଆଉ କିଏ ତାଙ୍କ ପାଇଁ ଭୋଗ କରନ୍ତା ? ସେ ଗୁମମାରି ବସିଛନ୍ତି । ଭବିଷ୍ୟତର କାର୍ଯ୍ୟକ୍ରମ ଠିକ୍ କରି ନେଉଛନ୍ତି । କଣ କଣ କରିବାକୁ ହେବ । ନରହରିବାବୁ ସମସ୍ତ ଶୁଣିଥିଲେ ମଧ୍ୟ ଦିନେଶ ବାବୁଙ୍କ ପାଖରୁ ଆଉ ଥରେ ଶୁଣିବା ପାଇଁ ପଚାରିଲେ—ରଘୁଆ କଣ ବକ୍ରି ହେଲା ?

ଆଜ୍ଞା ଲଜ୍ଜ୍ୟା ଦିଅନ୍ତୁନି ନରହରି ବାବୁ ! ଆପଣଙ୍କ କଥାରେ ମୁଁ ସେତେଟା ଗୁରୁତ୍ୱ ଦେଇ ନ ଥିଲି । ହେଲେ ଲୋକଟା ଏତେ ଉଦ୍ଧତ । ତାର କୌଣସି କଥାକୁ ଡ଼ରି ଭୟ ନାହିଁ ଦେଖୁଛି, ହେଲେ ବାଘ ହାବୁଡରୁ ସହଜେ ଖସିଯିବା ସମ୍ଭବ ନୁହେଁ ।

ଆପଣଙ୍କ ପାଖରେ ତାର ଯେଉଁ ବନ୍ଧକ ପଟ୍ଟା ଥିଲା , କଣ ତାକୁ ଫେରାଇ ଦେଲେଣି ।

ନରହର ବାବୁ ଉତ୍ତରରେ କହିଲେ – ନା ?

ଗଭୀର ସମୁଦ୍ର ଭିତରୁ ରତ୍ନ ପାଇଲା ପରି ଦିନେଶ ବାବୁ ମନେ କଲେ । କହିଲେ—ଏଥର ଉଦ୍ଧାର ଆଉ ହେଇ ପାରିବେ ନାହିଁ । ସବୁ ବୁଦ୍ଧି ଅକଲ ଏଥର ଗୁଡୁମ୍ ହୋଇଯିବ ଯେ ।

"କଣ ହେଲା ଦିନେଶ ବାବୁ ।"

"ହେବ ଆଉ କଣ । ଆପଣ ଗୋଟାଏ ମକଦ୍ଦମା ଦାଏର କରି ଦିଅନ୍ତୁ ।"

"ମକଦ୍ଦମା ! ଏତେ ବଡ଼ ଅନ୍ୟାୟ ମୁଁ କରିପାରିବିନି ।"

ଅନ୍ୟାୟ ତ କିଛି ନୁହେଁ । କାମ ହାସଲ କରିବା ପାଇଁ ଯେ କୌଣସି ବୁରୁହ କାମ କରାଯାଇ ପାରେ । ସେଥିରେ କୌଣସି ପାପ ନାହିଁ । ଆପଣ ମହାଭାରତରେ ଶୁଣିଥିବେ । ଦ୍ରୋଣଙ୍କୁ ମାରିବା ପାଇଁ କୃଷ୍ଣଙ୍କ ଚକ୍ରାନ୍ତରେ ଯୁଧିଷ୍ଠିର ମଧ୍ୟ ମିଛ କହିଥିଲେ । ତେବେ ଆପଣ ଏହି ସାମାନ୍ୟ କଥା ପାଇଁ ଏତେ ଭୟ କରୁଛନ୍ତି କାହିଁକି ? ସଫଳତା ହାସଲ ପାଇଁ ମନ ଏବଂ ଦେହକୁ ପଥର କରିବାକୁ ପଡ଼ିବ ।

ଏକ ପକ୍ଷରେ ପ୍ରଭାତୀର ଢଳ ଢଳ ଯୌବନ । ଅନ୍ୟ ପକ୍ଷରେ ପାପର ନରକ କୁଣ୍ଡ । କେଉଁଟା ନରହରବାବୁଙ୍କ ପକ୍ଷରେ ଉଚିତ ପଥ ? କାମର ଲାଳସା ପ୍ରବଳ ହେଇ ଉଠିଲା, ପ୍ରଭାତୀକୁ ପାଇବାର ଆଶା ଦୃଢ଼ ହେଇ ଉଠିଲା । ଦିନେଶ ବାବୁଙ୍କ କଥାରେ ନରହର ବାବୁ ରାଜି ହେଇଗଲେ । ମକଦ୍ଦମା ଦାଏର କରାଗଲା ।

ନରହର ଜମିଦାରଙ୍କ ଏତାଦୃଶ କାର୍ଯ୍ୟକଳାପରେ ପିଲାଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଛି ଛି କରୁଛନ୍ତି । ବୁଡାଟା

ମଲା ବେଳକୁ ମଧ୍ୟ ନିଜ ପ୍ରକୃତି ଛାଡ଼ିଲେନି । ସମସ୍ତେ ପଛରେ କହନ୍ତି । ମୁହଁରେ କହିଲେ—ଆଜି ରଘୁଆର ଦଶା ଯାହା ହେବାକୁ ଯାଉଛି ସମସ୍ତଙ୍କର ଅବସ୍ଥା ସେଇଆ ହିଁ ହେବ । ପରପାଖରେ ଥରେ ମୁଣ୍ଡ ବଙ୍କାଲେ ଆଉ କଣ ନିଜତ୍ୱ ରହେ ? ଏତେବଡ଼ ଅନ୍ୟାୟର ପ୍ରତିବାଦ କାହାରି ପାଟିରୁ ବାହାରିଲାନାହିଁ ।

ରଘୁଆର ହଲକ ଶୁଖିଗଲା । ମାଧ ଉପାୟ କଣ ? ନରହରି ଜମିଦାର ଭାବୁଛି ରଘୁଆ ତ ତା'ମେଘରି ଝିଅଟାକୁ ତା ପାଦତଳେ ସମର୍ପି ଦେଇ ଆସିବ । ନଇଲେ ବାହାପିଛି ସେ କମି କରିଥିଲା । ବୋକାମିରୁ ସେତିକ ଯିବ—ଯାଉ । ଦୁଃଖ କଣ ? ତେବେ ଦୁନିଆରୁ ଧର୍ମ କଣ ଲୋପ ପାଇଗଲା ? ରଘୁଆ ଭାବିଗଲା ସତ, କିନ୍ତୁ ଭବିଷ୍ୟତର ଫଳାଫଳ ଯେ ଭୟଙ୍କର ଏହା ସୁନିଶ୍ଚିତ ।

କାହିଁ କିଛି ନଥିଲା, ହଠାତ୍ ରଘୁଆର ଦେହ ସାରା କମ୍ପି ଉଠିଲା । ସେ ସ୍ଥିର ହୋଇ ଠିଆ ହୋଇ ପାରିଲା ନାହିଁ । ମେନକା ଗୋଟିଏ ଶେଜ ବିଛାଇ ଦେଲା, ରଘୁଆ ସେହି ଶେଜରେ ପଡ଼ି ରହିଲା । ପ୍ରଭାତୀ ଡାକରେ ଗାଁ ବଇଦ ଆସି ଔଷଧ ଦେଇ ଗଲେ । ରାତିର ଘନ ଅନ୍ଧକାରର ବୃଦ୍ଧି ସଙ୍ଗେ ସଙ୍ଗେ ରଘୁଆର ଜର ବୃଦ୍ଧି ପାଇଲା । ସେ କେବଳ ପ୍ରଲାପ କରିବାକୁ ଲାଗିଲା—ଘଟି ଯାଇଥିବା ଘଟଣା ଗୁଡ଼ାକ । ସେ ସବୁ ଶୁଣି ପ୍ରଭାତୀ ଆଖିରୁ ଲୁହ ଗଡ଼ାଉ ଥାଏ । ମେନକା ଯେତେ ମନା କଲେ ମଧ୍ୟ ରଘୁଆ କୌଣସି କଥା ଶୁଣୁ ନ ଥାଏ ।

ବାଗ ପଟେଟାରେ ଭେରଣ୍ଡାଟାଏ ବିକଟ ଚିତ୍କାର କରି ଉଠିଲା । ପ୍ରଭାତୀର ଦେହ ଭୟରେ ଥରିବାକୁ ଲାଗିଲା । ମେନକା ପ୍ରମାଦ ଗଣିଲେ । କାହୁଁ ପେଚାଟାଏ ଉଡ଼ିଆସି ଘର ମଥାନ ଉପରେ ରାବିକଲା । ଏତିକି ନୁହେଁ ତା ସଙ୍ଗକୁ ପାଳି

ଧରି ହୁଁ ହାଁ ପକ୍ଷୀଟା ବାରି ଆମ୍ବଡାଳରେ ଛାନ ଧରିଲା । ଏକାଥରକେ ଏତେ ଗୁଡାଏ ଅଲକ୍ଷଣ, ମେନକା ଦେବୀଙ୍କୁ ବିଚଳିତ କରି ପକାଇଲା । ପ୍ରଭାତୀ ଭୟରେ ମା'ଙ୍କ ପାଖ ଛାଡୁ ନ ଥାଏ । କେତେ ଆଡୁ କେତେ ପଚାରିଲେ ମେନକା କହନ୍ତି ପକ୍ଷୀ କିନ୍ତୁ ଗୁଡାକ ଯେଉଁଠାରେ ହେଲେ ତ ବସି ବୋବାଇବେ, ଏଠାରେ ଅବା ବସିଗଲେ ସେଥିରେ ତୋତେ ଏତେ ଭୟ ଲାଗୁଛି କାହିଁକି ? ମେନକା ଦେବୀ ଏତିକି ବୁଝାଉଥିଲାବେଳେ, ତେଣେ ଅନ୍ତର ଭିତର ପୋଡ଼ି ଯାଉଥିଲା । ରଘୁଆର ଶରୀର କ୍ରମେ ଅବଶ ହୋଇ ଆସୁଥାଏ, କଥା କହିବାର ଶକ୍ତି ନ ଥାଏ । ଏକ ଲକ୍ଷ୍ୟରେ ସେ ପ୍ରଭାତୀକୁ ଚାହିଁ ଥାଏ । ପ୍ରଭାତୀ ବାପାଙ୍କର ହାତ ଦୁଇଟି ଆଉଁସି ଦେଉଥାଏ । ମେନକା ପାଣି ଟିକିଏ ପିଆଇ ଦେଉ ଥାଆନ୍ତି, ହଠାତ ରଘୁଆ ଉଠି ପଡ଼ିଲା । କିନ୍ତୁ ପରମୁହୂର୍ତ୍ତରେ କଚଡ଼ି ହୋଇ ପଡ଼ିଲା । ଥରକ ପାଇଁ ମେନକା ଆଡ଼କୁ ଏବଂ ପ୍ରଭାତୀ ଆଡକୁ ଆଖି ବୁଲାଇ ଆଣିଲା । ବାସ୍ ସେତିକି । ତା ପରେ ଆଖି ଦୁଇଟି ଆପେ ଆପେ ବନ୍ଦ ହୋଇଗଲା । ପ୍ରଭାତୀ, ମେନକା, ଦୁହେଁ ମୁଣ୍ଡ କଚାଡ଼ିଲେ କିନ୍ତୁ ରଘୁଆ ଆଉ ତାର ପ୍ରତିବାଦ କଲାନାହିଁ ।

ଦୁନିଆଟା ବଡ଼ ଜଟିଳ । ତା ସବଙ୍ଗଙ୍କ ମସ୍ତିଷ୍କ ଜାଣିବା ଆହୁରି ଜଟିଳ । ଜଣେ ଜଣଙ୍କର ସୁଖ ଦେଖି ପାରେନା । ଦୁଃଖ ବେଳେ ଉପରେ ଉପରେ ସହାନୁଭୂତି ଦେଖାଏ । ମାତ୍ର ଅନ୍ତର ଭିତରେ

ଆନନ୍ଦ ଅନୁଭବ କରେ । ନିଜର ସୁଖ ସ୍ୱଚ୍ଛନ୍ଦ୍ୟ ପାଇଁ ଅହରହ ଲାଗିପଡ଼େ ।

ସ୍ୱାମୀହରା ହୋଇ ମେନକା ଦେବୀ ପାଗଳିନୀ । କେତେବେଳେ ସେ କଣ କହୁଛନ୍ତି ତାର କିଛି ଠିକଣାହିଁ । ପ୍ରଭାତୀର ମନ ଖରାପ ନ ହେଉ, ଏଥିପାଇଁ ଅନେକ ସମୟରେ ସେ ଚେଷ୍ଟା କରୁଛନ୍ତି କିନ୍ତୁ ନିଜକୁ ସମ୍ଭାଳି ପାରି ନାହାନ୍ତି । ପ୍ରଭାତୀର ଆଖିରୁ ଅହରହ ଲୁହ ଝରୁଛି । କଣ ତାର ହେଲା ? ତାର ପାଇଁ ତାର ଅତି ଆଦରର ପିତୃଦେବ ଚିର ଦିନ ପାଇଁ ବିଦାୟ ନେଇ ଚାଲିଗଲେ । ସବୁ ମାୟା ମମତା ପଛରେ ପଡ଼ି ରହିଲା । ତାର ଭବିଷ୍ୟତର ଭାଗ୍ୟ ନିୟନ୍ତ୍ରଣ କରିବ କିଏ ? ମା'ତାର ବର୍ତ୍ତମାନ ପାଗଳିନୀ । କଣ କହି ମା ଙ୍କର ମନକୁ ସେ ପରିବର୍ତ୍ତନ କରିବ ? ଖାଲି ଭାବି ଚାଲେ, କିଛି କହି ପାରେନି । ଭାବନାର ଉଦୟ ଯେଉଁଠାରୁ ହୋଇଥାଏ ଠିକ ସେହିଠାରେ ବିଳୟ ଭଜେ । ଜୟନ୍ତ ପାଖକୁ ସେ ଖଣ୍ଡେ ଚିଠି ଦେଇ ପାରିନି । ଏତେବଡ଼ ବିପଦ ସମୟରେ ସେ ଟିକିଏ ଆସି ପାରିଲେନି । ଖାଲି ମୁହଁରେ ଅମୃତ କିନ୍ତୁ ଭିତରେ ଗରଳ । ହଁ ସେ ଖବର ଦେଇ ପାରି ନାହିଁ । ହେଲେ ଏକଥା କଣ ସେ ଶୁଣି ନ ଥିବେ ? ପ୍ରଭାତୀର ସବୁ ରାଗ ଅଭିମାନ ଜୟନ୍ତ ଉପରେ । ଯେ ଯାହାକୁ ଭଲ ପାଉଥିବ ସେ ତା ଉପରେ ରାଗ, ଅଭିମାନ ନ କରିବତ ଆଉ କାହା ଉପରେ କରିବ ? ଖାଲି ତ ଜୟନ୍ତକୁ ଦୋଷ ଦେଲେ ହେବ ନାହିଁ, କିଏ କାହିଁକି ତାଙ୍କୁ ଏ ଦାରୁଣ ଖବର ଦେବ ? ଯାହା ହେଉନା କାହିଁକି ଏ ଶୁଷ୍କ ମରୁପଥକୁ ଅତିକ୍ରମ କରିବାକୁ ହେଲେ ଜୟନ୍ତଙ୍କର ସାହାଯ୍ୟ ଏକାନ୍ତ ଦରକାର । ସେ ଯଦି ସାହାଯ୍ୟ ନ କରନ୍ତି ତେବେ ସେ ନିଜ ଗୋଡ଼ରେ ଠିଆ ହେବା

ପାଇଁ ଚେଷ୍ଟା କରିବ । ପଣତ କାନରେ ଆଖିର ଲୁହ ପୋଛିଲା । ଅତି ସନ୍ତର୍ପଣରେ ଜୟନ୍ତ ପାଖକୁ ଗୋଟିଏ ଚିଠି ଲେଖିଲା । ଘନ ଅନ୍ଧକାର ଜୀବନର ଚନ୍ଦ୍ରାଲୋକ ତୁମେ ହେ ପ୍ରିୟତମ !

ଚିଠି ଲେଖିବାକୁ ଯାଉଛି ସତ, ମାତ୍ର କଲମ ମୋର ଅଟକି ଯାଉଛି । ଦିନେ ପ୍ରଭାତୀକୁ ତୁମେ କଥା ଦେଇଥିଲ ତାକୁ ଭୁଲିଯିବନି । ସେ କଥା ଏବେ ମନେ ଅଛି କି ନାହିଁ କିଏ କହିପାରିବ ? ଏ ପତ୍ର ପ୍ରିୟ ପାଇଁ ନୁହେଁ, ପ୍ରଭାତୀ ଆଜ ପୂଜାଫୁଲ ତାର ଅନ୍ତର ଦେବତାଙ୍କ ପାଇଁ ପଠାଉ ନାହିଁ, ଆଖି ଲୁହରେ ଅନ୍ତର ବେଦନା ଜଣାଉଛି । ପଥରର ଦେବତା ଅନ୍ତର ବେଦନା ଶୁଣୁଛନ୍ତି—ତୁମେ କଣ ଶୁଣିବ ନାହିଁ ? ମୁଁ ବଡ଼ ହତଭାଗିନୀ । ମୋର ପାଇଁ ମୋର ଭବିଷ୍ୟତ ଜୀବନ ସୁଖମୟ କରିବାକୁ ଯାଇ ଅତି ନିଷ୍ଠୁର ପିତୃଦେବଙ୍କୁ ମୁଁ ଆଜି ହରାଇ ବସିଛି । ମୁଁ ଆଜି ପଥହରା । ଯେଉଁ ଆଡେ ମୁଁ ଆଖି ଫେରାଇ ଚାହୁଁଛି ସେଇ ଆଡେ ଖାଲି ବାଲି । ଏ ବାଲି ସମୁଦ୍ର ପାରିହେବାର ଆଶା ନାହିଁ କି ବଳ ନାହିଁ । ତୁମେହିଁ ଏକମାତ୍ର କର୍ଣ୍ଣଧାର । ତୁମରି ଆଶା ଭରସା ମୋତେ କେବଳ ଏ ବିରାଟ ମରୁଭୂମିକୁ ଅତିକ୍ରମ କରିବାର ପଥ ଦେଇପାରେ । ମା ବର୍ତ୍ତମାନ ପାଗଳିନୀ ତୁମେ ଅନ୍ତତଃ ଥରକ ପାଇ ଆସି ଦେଖିଯାଅ । ଏତିକି କଣ କରିପାରିବନି ?

ତୁମର ପରିଚିତା—

ପ୍ରଭାତୀ

ପଢ଼ା ପଢ଼ିର ସୁବିଧା ହେବ ବୋଲି ହଷ୍ଟେଲରେ ଗୋଟିଏ ସ୍ୱତନ୍ତ୍ର କୋଠରି ନେଇ ଜୟନ୍ତ ଏବଂ ପ୍ରେମାନନ୍ଦ ରହନ୍ତି ।

କଲେଜ ଜୀବନର ଅଳ୍ପ କେତେଟା ଦିନ ଭିତରେ ଏ ଦୁଇଜଣଙ୍କର ସମ୍ପର୍କ ଖୁବ୍ ଘନିଷ୍ଠ ହୋଇ ଉଠିଛି । ଦୁହିଁଙ୍କ ସ୍ୱଭାବ ଏବଂ ଚରିତ୍ରରେ କୌଣସି ପ୍ରଭେଦ ନ ଥିଲା । ପ୍ରେମାନନ୍ଦ ବାହାରୁ ଫେରି ନଥାଏ । ଜୟନ୍ତ ମାସିକ ପତ୍ରିକା ପୃଷ୍ଠା ଓଲଟାଉଛି ପାଖ କାଠଘର ସରୋଜ ଚିଠିଖଣ୍ଡେ ଆଣି ଜୟନ୍ତଙ୍କୁ ଦେଖାଇଲା । ଜୟନ୍ତ ପତ୍ରିକାଟି ଉପରୁ ମୁହଁ ଉଠାଇ ସରୋଜ ଆଡ଼କୁ ହାତବଢ଼ାଇଲା ।

ହଷ୍ଟେଲ ଛାତ୍ର ମାନଙ୍କ ମଧ୍ୟରେ ସରୋଜ ବଡ ମେଳାପି ଓ ଊିନ୍ଦ୍ । କଲେଜରେ ସମସ୍ତଙ୍କୁ ସେ ପ୍ରାୟ ଚିହ୍ନାଏ । ଯେ ଯାହା ଭାବୁ ତାର ସେଥିରେ କିଛି ଭାବନା ନ ଥାଏ । କାହାର ଖଣ୍ଡେ ଚିଠି ତା ହାତରେ ପଡ଼ିଲାତ ସେ କିଛି ହେଲେ ଗୋଟାଏ ଆଦାୟ କରିବା କଥା । ବେଶି କିଛି ନ ହୋଇ ପାରିଲେ ଅନ୍ତତଃ ସିଗାରେଟ ଖଣ୍ଡେ ନିଶ୍ଚୟ । ଜୟନ୍ତଙ୍କୁ ଏ କଥା ଭଲଭାବରେ ଜଣାଥିଲା । ତେଣୁ ସେ ସରୋଜଙ୍କୁ କିଛି କହିବା ପୂର୍ବରୁ ସିଗାରେଟଟାଏ ବାହାର କରି ତା ହାତକୁ ବଢ଼ାଇଦେଲା । ସରୋଜ ସିଗାରେଟରେ ଅଗ୍ନି ସଂଯୋଗ କଲା । ସେ ସିଗାରେଟ ଖାଇବାରେ ଏକାବେଳକେ ଅଭ୍ୟସ୍ତ । ସିଗାରେଟର ଧୂଆଁକୁ କୁଣ୍ଡଳାକୃତି କରି ଛାଡ଼ିବାରେ ତାର ଖୁବ୍ ବାହାଦୁରି ମଧ୍ୟ ।

ଜୟନ୍ତ ଲଫାଫାଟି ଖୋଲି ଚିଠିଟି ଏକା ନିଶ୍ୱାସକେ ପଢ଼ିଗଲା । ଚିଠିଟି ତା ହାତରୁ ଖସିପଡ଼ିଲା । ଛୋଟ ଶିଶୁଙ୍କ ଭଳି ଜୟନ୍ତ କାନ୍ଦି ଉଠିଲା । ସରୋଜ ଏ ସବୁ ଦେଖି ଅବାକ୍ । ଜୟନ୍ତ ପାଖକୁ ଯାଇ ସରୋଜ କଥାଟା କଣ ହୋଇଛି ବୋଲି ଯେତେ ପଚାରିଲା—ଜୟନ୍ତ କୌଣସି କଥା କହି ପାରିଲା ନାହିଁ । ପ୍ରେମାନନ୍ଦ ଏତିକି ବେଳେ ଆସି ପହଞ୍ଚିଲା । ଏ ପରିସ୍ଥିତିର କାରଣ କଣ ସେ

ପ୍ରଥମେ କିଛି ବୁଝି ପାରିଲାନି । ଟେବୁଲ ତଳୁ ଚିଠି ଖଣ୍ଡିକ ଗୋଟାଇ ଆଣି ଦେଖିଲା । ତାର ଆଉ କିଛି ଅବୁଝା ରହିଲାନାହିଁ ।

ଜୟନ୍ତ ଭାବିଲା ଦିନକ ପାଇଁ—ଅନ୍ତତଃ ସେ ପ୍ରଭାତୀର ଅବସ୍ଥା ଦେଖି ଆସିବ । ମେନକା ଦେବୀଙ୍କୁ ସାନ୍ତ୍ୱନା ଦେଇ ଆସିବ । ସେତେକ ପଦ ସେ ନକହିବାରେ ମେନକା ଦେବୀ କଣ ମନେ କରିବେ ? ପ୍ରଭାତୀ କେତେ ଦୁଃଖରେ ଚିଠି ଖଣ୍ଡିକ ଲେଖିଛି । ତାର ମନ କଣ ହେବ ? ସେ ଯାଇ ପହଞ୍ଚିଲେ ହୁଏତ ପ୍ରଭାତୀର ଭଙ୍ଗା ମନ ନିଶ୍ଚୟ ସାନ୍ତ୍ୱନା ପାଇବ । ଜୟନ୍ତ ମନର ଅବସ୍ଥା ଦେଖି ପ୍ରେମାନନ୍ଦ ମଧ୍ୟ ତା ସଙ୍ଗରେ ଯିବା ପାଇଁ ବାହାରିଲା ।

ଦୁହେଁ ଦିନ ଦଶଟା ବେଳେ ରାମପୁରରେ ପହଞ୍ଚିଲେ । ଘରେ ପହଞ୍ଚିବା ସଙ୍ଗେ ସଙ୍ଗେ ମା'ଙ୍କ ଠାରୁ ଜୟନ୍ତ ପ୍ରଭାତୀର ସମସ୍ତ ଖବର ପାଇଲା । ଜୟନ୍ତ ଏବଂ ପ୍ରେମାନନ୍ଦ ଦୁହେଁ ଜଳଖିଆ କିଛିଏ ଖାଇନେଇ ପ୍ରଭାତୀର ଘର ଆଡ଼କୁ ବାହାରିଲେ ।

ଦୁଇଦିନ ହେଲା ମେନକା ଦେବୀ ଅସୁସ୍ଥ । ଶୋଇଥିବା ଶେଯରୁ ସେ ଉଠିପାରୁ ନାହାନ୍ତି । ପ୍ରଭାତୀ ନ ଖାଇ ନ ପିଇ ମେନକା ଦେବୀଙ୍କ ପାଖରେ ବସି ରହିଛି । ଜୟନ୍ତ କାହାକୁ ନ ଦେଖି ସିଧା ଘର ଭିତରକୁ ଗଲା । ଜୟନ୍ତ ଯାଇ ଦେଖେତ—ପ୍ରଭାତୀ ଆଖିରୁ ଲୁହ ଗଡ଼ାଉଛି ତଳକୁ ମୁହଁ କରି ମେନକା ଦେବୀଙ୍କ ପାଦ-ତଳେ ବସିଛି । ମେନକା ଦେବୀ ଖଟଟି ଉପରେ ଶୋଇ ରହି ପ୍ରଳାପ କରୁଛନ୍ତି ।

ଜୟନ୍ତକୁ ଦେଖି ପ୍ରଭାତୀ ଆଖିର ଲୁହକୁ ଲୁଗୁଇବାକୁ ଚେଷ୍ଟାକଲା କିନ୍ତୁ ପାରିଲା ନାହିଁ । ତାର ଯେ ସମସ୍ତ ସୁଖ ଶାନ୍ତି ଉଭେଇ ଯାଇଛି; ସେ ଆଜି ଦାଣ୍ଡର ଭିକାରୀଠାରୁ ଆହୁରି ହୀନ । ସେ ଯେତେ ଭାବୁଛି ଦୁଃଖର ଭାର କ୍ରମେ ଅଧିକ ହୋଇ ଯାଉଛି ।

ଆଖି କୋଣରୁ ଅବିରାମ ଗତିରେ ଛୁଟୁଛି ଲୁହର ଧାର । ସେ ତ ଲୁହ ନୁହେଁ ଲହୁ । ଜୟନ୍ତ ଘରକୁ ଆସିଲେ ପ୍ରଭାତୀର ମନ କୁଳୁକୁଳ ହୁଏ । ଆଜି ମଧ ସେ ଆନନ୍ଦ ଅନୁଭବ କରୁଛି, ମାତ୍ର ଦୁଃଖ ରୂପକ ଘନ ଅନ୍ଧକାର ଭିତରେ ଆନନ୍ଦର ଆଲୋକ ରେଖାଟି ଏକାବେଳକେ ମିଳାଇ ଯିବାପାଇଁ ବସିଛି ।

ଜୟନ୍ତ ଖଟିଟି ପାଖରେ ଠିଆ ହୋଇ ରହିଲା—ଯେପରି କି ସେ ଏକ ନିର୍ଜୀବ ବସ୍ତୁ । ମନରେ ଅସଂଖ୍ୟ ଭାବନା ସବୁ ଖେଳୁଛି । ଗୋଟିଏ ମାଟିର ସଂସାର । ସମସ୍ତେ ମାଟିରେ ଜନ୍ମ । ପୁଣି ସମସ୍ତେ ଏହି ମାଟିରେ ମିଶିଯିବେ । ବୋଉଆଠାରୁ ବିଦାୟ ନେଇ ସେ କେତେ ହସ ଖୁସିରେ ଯାଇଥିଲା; କିନ୍ତୁ କେତେ ଦିନ ଏବା ହେବ ? ଆସି ଦେଖେ-ସେ ଚିରଦିନ ପାଇଁ ପୃଥିବୀପୃଷ୍ଠରୁ ବିଦାୟ ନେଇ ଯାଉଛି ।

ମେନକାଦେବୀ ଆଖିଖୋଲି ଦେଖିଲେ—ଜୟନ୍ତ ଠିଆ ହୋଇ ରହିଛି । ପଣତ କାନିରେ ସେ ଆଖିର ଲୁହ ପୋଛି ଖଟିଉପରୁ ଉଠି ପଡ଼ିଲେ । କେତେବେଳୁ ବାପ ମୋର ଆସି ଠିଆ ହେଲଣି ବୋଲି କହି ଜୟନ୍ତର ଦେହ ସାରା ହାତ ବୁଲାଇ ଆଣିଲେ ।

( ସ୍ନେହର ବନ୍ଧନ । ଦୁନିଆର ସମସ୍ତ ବନ୍ଧନ ଠାରୁ ଶ୍ରେଷ୍ଠ । ମଣିଷ ଯେଉଁଠାରୁ ସ୍ନେହ ପାଏ ସେଇଠିକୁ ଦଉଡ଼ିଆସେ । କୌଣସି ବାଧା ବନ୍ଧନ ତାକୁ ଦୂରେଇ ରଖି ପାରେନା । )

ପ୍ରଭାତୀ ଜୟନ୍ତ ସଙ୍ଗେ କୌଣସି କଥାବାର୍ତ୍ତା ହୋଇ ପାରିଲା ନାହିଁ । ସେ ମନେ ମନେ ଠିକ କରିଥିଲା କେତେ କଥା ଜୟନ୍ତକୁ କହିବ ବୋଲି । ସବୁ ମନ ଭିତରେ ରହିଲା, ସେ କିଛି କହି ପାରିଲା ନାହିଁ । ଜୟନ୍ତ ପ୍ରଭାତୀ ପାଖକୁ ଯାଇ ବୋଉଙ୍କର ଯତ୍ନ ନେବା ପାଇଁ କହି ଘର ଆଡ଼କୁ ବାହାରିଲା । ସେ ଟିକେ ଠଉରେଇ

ନେଇଥିଲା । ପ୍ରଭାତୀର ଅନେକ କିଛି କଥା ଅକୁହା ରହିଗଲା । କେବଳ ଗଲାବେଳେ ପ୍ରଭାତୀକୁ କହିଗଲା—କିଛି ଭାବିବୁ ନାହିଁ ପ୍ରଭାତୀ, କଟକ ଯିବା ପୂର୍ବରୁ ନିଶ୍ଚୟ ତୋ ସଙ୍ଗେ ଦେଖା କରି ଯିବି । ପ୍ରଭାତୀ କେବଳ ଜୟନ୍ତର ଯିବା ପଥକୁ ଚାହିଁ ରହିଲା ।

ରାତ ଆସିଲା ନାହିଁ ସେ କାଳ ଆସିଲା । ଦିନଟାଯାକ କାମ ଧନ୍ଦା କରି ପ୍ରଭାତୀର କଟିଯାଏ । ରାତରେ ସୁଖ ଦୁଃଖ ସବୁ ଏକାବେଳକେ ମନେ ପଡେ । ଭାବନା ରାଇଜର ସୁନେଲି ସପନ କେତେବେଳେ ତାର ନୀରସ ପ୍ରାଣରେ ପୁଲକ ଆଣେ । କେତେବେଳେ ରାଶି ରାଶି ଦୁଃଖ ନଇମା ମନଟାକୁ ଦୋହଲାଇ ଦିଏ । ଜୟନ୍ତକୁ ସେ ପିଲାଦିନରୁ ଭଲ ପାଉଛି । ସେତେବେଳେ ଭଲ ପାଇବା କଣ ସେ ଜାଣି ନଥିଲା । ମିଛେ ମିଛେ ବୋହୂ ବୋହୂକା ଖେଳ ଖେଳୁଥିଲା । ଜୟନ୍ତର କଥା ମନେ ପଡ଼ିଲେ ଦେହରେ ପୁଲକ ଉଠୁ ନ ଥିଲା । ସ୍ୱାମୀ ସ୍ତ୍ରୀ, ସ୍ନେହ ପ୍ରୀତି ଅର୍ଥ ସେ ବୁଝି ନଥିଲା । ତେବେ ମଧ୍ୟ ଜୟନ୍ତ ବର ନ ହେଲେ ସେ କନ୍ୟା ସାଜୁ ନଥିଲା । ଜୟନ୍ତର ରୂପ ତା ମନକୁ ଦୋହଲାଇ ପକାଇଲା । ମୁଣ୍ଡଟା ଗୋଳମାଳ ହୋଇଗଲା । ଯେତେ ସେ ଚେଷ୍ଟା କଲା, ଆଖିକୁ ମୋଟେ ନିଦ ଆସିଲା ନାହିଁ । ଜୟନ୍ତ ତାର ସର୍ବସ୍ୱ—ଅତି ଆପଣାର, କିନ୍ତୁ କିଏ କହିବ ? ସେ ଦିନ ତାଙ୍କର ବାପା ମନା କରି ଦେଇ ଛନ୍ତି, ମୂଲିଆ ଘରେ ସେ ତାଙ୍କ ପୁଅର ବିବାହ କରାଇ ଦେବେ ନାହିଁ । ତେବେ କେଉଁ ଆଶାରେ ପ୍ରଭାତୀ ମନରେ ଆଶା ବାନ୍ଧିଛି । ଜୟନ୍ତ

ତାର ହୃଦୟର ଦେବତା । ମଣିଷ ଭାବେ ସବୁବେଳେ ଗାଞ୍ଚର ଗଛଭ । ମଣିଷ ଭଲ ମନ୍ଦ ବୁଝେନା । ପ୍ରେମର ଅର୍ଥ କଣ ବୁଝେନା । ଆଉ ଭାବ ପାରିଲନା ପ୍ରଭାତୀ । ନିଦ୍ରାଦେବୀଙ୍କର ଶାନ୍ତିମୟ କୋଳରେ ସେ ଆଶ୍ରୟ ନେଲା ।

ସ୍ୱପ୍ନ ରାଜ୍ୟ । କି ସୁନ୍ଦର । ସବୁବେଳେ ହେଲେ ସ୍ୱପ୍ନ ରହନ୍ତା । ପ୍ରଭାତୀ ସ୍ୱପ୍ନ ରାଜ୍ୟରେ ବିଚରଣ କରୁଛି । ତାକୁ ମନ-ପର ଲାଗୁଛି । ଜୟନ୍ତ ଆସି ତା ପାଖରେ ବସି ତାର ଆଲୁଳାୟିତ କେଶ ଓଡ଼ିଛରେ ଧୀରେ ଧୀରେ ଅଙ୍ଗୁଳି ସଞ୍ଚାଳନ କରୁଛନ୍ତି । ପ୍ରଭାତୀ ଅପ୍ରସ୍ତୁତ ହୋଇ ପଡ଼ିଲା । ଜୟନ୍ତବାବୁ ! ଏତେ ଦିନକେ କଣ ମନେ ପଡ଼ିଲା ? ହଁ କାହିଁକି ମନେ ପଡ଼ିବ ? ବଡ଼ ଲୋକ ଘର ପୁଅ । ମୂଲିଆ ମଜୁରିଆ ଘରକୁ ଆସିଲେ ମାନ ସମ୍ମାନ ଉପରେ ବାଧା ପଡ଼ିବଯେ—

ପ୍ରଭାତୀ ତା ହେଲେ ମୋ ଉପରେ ମାନ କରିଛୁ ।

ମାନ କରିବ ତୁମ ଉପରେ ?

ଜୟନ୍ତ ଆସ୍ତେ ପ୍ରଭାତୀକୁ ନିଜର ପ୍ରଶସ୍ତ ବକ୍ଷ ଉପରକୁ ଆଉଜାଇ ନେଲା । ପ୍ରଭାତୀ ମନା କଲାନି, ଶାନ୍ତ ଶିଶୁଟି ପରି ଜୟନ୍ତର କୋଳକୁ ଢଳିପଡ଼ିଲା । ଦେହରେ ଆସିଲା ପୁଲକ । ଓଷ୍ଠାଧର ଦ୍ୱୟ କମ୍ପି ଉଠିଲା । ମନଇଚ୍ଛା ମଧୁପାନ କଲେ ଜୟନ୍ତ । ପ୍ରଭାତୀ ବାଧା ଦେଇ ପାରିଲାନି । କାହିଁକି ବା ବାଧା ଦେବ । ଜୟନ୍ତକୁ ତାର ଅଦେୟ ବୋଲି କଣ କିଛି ଅଛି । ଜୟନ୍ତ ବୋଲି ପାଟିକରି ଉଠିଲା ପ୍ରଭାତୀ । ନିଦ ତାର ଭାଙ୍ଗିଗଲା । ଆଖି ଖୋଲିଲା । ଜୟନ୍ତ କାହିଁ ? ସବୁ କଣ ସ୍ୱପ୍ନ? ଦେହଟା ଅବଶ ଲାଗିଲା ତା'ର ।

ପ୍ରଭାତୀ ଯେ ଜୟନ୍ତକୁ ସ୍ୱପ୍ନ ଦେଖୁଥିଲା ତା ନୁହେଁ । ଜୟନ୍ତ ମଧ ସମୁଦାୟ ରାତିଟି କଟାଇ ଦେଇଥିଲା ପ୍ରଭାତୀର ଚିନ୍ତାରେ । ମନ

ଭିତରେ ଅନେକ ଥର ପ୍ରଶ୍ନ ଉଠିଛି ସେ ଜଣ ପ୍ରଭାତୀକୁ ନିଜର କରିପାରିବନି । ବାପା ବାଧା ଦେବେ, ତାହାହେଲେ ତାର ଆଶା-ହେଲେ ବ୍ୟର୍ଥ ହୋଇଯିବ ? ବାଧାବିଘ୍ନ ଆଜି କିଛି ଆସୁନା ତାହାଙ୍କ ପ୍ରଭାତୀ ବ୍ୟତୀତ ସେ କେବେହେଲେ ଅନ୍ୟ ଝିଅକୁ ଭଲ ପାଇ ପାରିବ ନାହିଁ ବାପାଙ୍କୁ ସେ ସଫା କହିଦେବ । ମୁଣ୍ଡ ଏକେବାରେ ଉପରେ ଗରମ ହେଇ ଉଠିଲା । ବଡ ହତାସିଆ ଲାଗିଲା ତାକୁ । ମନର ପରିବର୍ତ୍ତନ ପାଇଁ ସେ ଧାଇଁ ଯାଉଥିଲା ପ୍ରଭାତୀ ପାଖକୁ । ମେନକା ଦେବୀ କିଏ ସୁସ୍ଥ ଥିଲା ପରି ଜଣା ଯାଉଥିଲେ । ପ୍ରଭାତୀ ଘର କାମରେ ଲାଗି ପଡ଼ିଥିଲା । ଜୟନ୍ତ ଧୀରେ ଧୀରେ ଯାଇ ପ୍ରଭାତୀର ଆଖିକୁ ଖୁବ୍ ଜୋରରେ ଚାପି ଧରିଲା । ପ୍ରଭାତୀ ଭଲ ଭାବରେ ଜାଣିଥିଲା, ଜୟନ୍ତ ବ୍ୟତୀତ ଏତେ ସାହାସ କାହାର ହେବ ନାହିଁ । ଜାଣି ଜାଣି ଭୟ ମିଶ୍ରିତ କଣ୍ଠରେ ପ୍ରଭାତୀ କହିଲା—କିଏ ? ତମେ ଆଖି ଛାଡି ଦିଅନା । ଜୟନ୍ତ କିଛି ନ କହି ଆଖି ସେହିପରି ଚାପି ଧରିଥାଏ ।

ପ୍ରଭାତୀ ହସି ହସି କହିଲା—ହଉ ଜଣାଗଲା ବାର ଆଉ ଏଥର ଛାଡ଼ିଦିଅ । କିଏ ଯଦି ଦେଖିବ ତେବେ କଣ ଭାବିବ ।

ଜୟନ୍ତ ପ୍ରଭାତୀର ଆଖି ଛାଡ଼ିଦେଇ ଖୁବ୍ ଜୋରରେ ହସି ଉଠିଲା । ତୁମେ ତାହାହେଲେ ଡ଼ରିଗଲ—ନୁହେଁ ?

ଡରିଯିବି କାହିଁକି ? ତୁମେ କଣ ବାଘ ନା ଭାଲୁ । ତେବେ ତୁମରି କଥା ମୁଁ ବର୍ତ୍ତମାନ ଭାବୁଥିଲି ।

ମୁଁ ମଧ୍ୟ ତୁମ କଥା ଭାବି ଭାବି ଆସୁଛି—

ସତରେ ମୋ କଥା ତୁମେ ଭାବୁଥିଲ ? ମିଛ କହୁଛ ।

ମିଛ କାହିଁକି କହିବି । କାଲି ରାତି ସାରା ତୁମରି କଥା ସ୍ୱପ୍ନରେ ଦେଖୁଛି । ସତପରି ଲାଗିଲା, ତୁମେ ମୋ ପାଖରେ ବସିଛ ।

ଖାଲି ସେତିକି ଦେଖିଲ ନା ଆଉ କିଛି……କହି ପ୍ରଭାତୀ ହସି ଉଠିଲା ।

ନା, ସେତିକି ନୁହେଁ । ତୁମେ ମୋ କୋଳରେ ମୁଣ୍ଡ ରଖିଛ, ମୁଁ ତୁମର ଆଲୁଲାୟିତ କେଶ ଗୁଚ୍ଛରେ ଅଙ୍ଗୁଳି ସଞ୍ଚାଳନ କରୁଛି ।

ଉଭୟଙ୍କର ସ୍ୱପ୍ନ ଗୋଟିଏ ଯେ । ମୁଁ ମଧ୍ୟ ଠିକ ଏଇକଥା ସ୍ୱପ୍ନ ଦେଖିଥିଲି । କିନ୍ତୁ ଜୟନ୍ତବାବୁ, ସତ କହିବେ ? କହିବି ବୋଲି ଅନେକ ଥର ଭାବିଛି ମାତ୍ର ମୁହଁ ଖୋଲି ନାହିଁ କହିବାକୁ । ଆଜି ମୋତେ ଶେଷ ନିଷ୍ପତ୍ତି କରିବାକୁ ପଡ଼ିବ । ତୁମ ବ୍ୟତୀତ ଏ ହୃଦୟ ଭିତରେ କାହାରି ସ୍ଥାନ ନାହିଁ । ତୁମେ ଏ ହତଭାଗିନୀକୁ ଭୁଲେଇ ଦେବନି ତ । ଏତିକି କହିଲା ବେଳେ ପ୍ରଭାତୀର ଆଖିରୁ ଦେଖା ଦେଇଥିଲା ଲୁହ ।

ଜୟନ୍ତ ପ୍ରଭାତୀକୁ ଆଉଜାଇ ନେଲା ନିଜର ବକ୍ଷ ଆଡ଼କୁ ଅତି ଆପଣାର ପରି । ପ୍ରଭାତୀ ମନା କଲାନି—ଢଳି ପଡ଼ିଲା ଜୟନ୍ତର ପ୍ରଶସ୍ତ ବକ୍ଷ ଉପରେ । ସ୍ନେହର ନିଦର୍ଶନ ସ୍ୱରୂପ ଜୟନ୍ତ ପ୍ରଭାତୀର ଗଣ୍ଡ ଦେଶରେ ଆଙ୍କିଦେଲା ଗୋଟିଏ ସସ୍ନେହର ଚୁମ୍ବନ । ସାରା ଶରୀରରେ ଖେଳିଗଲା ତାର ଏକ ଅପୂର୍ବ ଶିହରଣ ।

ପ୍ରଭାତୀ ପଚାରିଲା— ମୋର ପ୍ରଶ୍ନର ଉତ୍ତର ଦେଲ ନାହିଁ ଯେ—

ତୁମର ପ୍ରଶ୍ନର ଉତ୍ତର ଦେବାର କିଛି ନାହିଁ । ତୁମେ ଯେ ମୋର ହୃଦୟସିଂହାସନକୁ ବହୁତ ଆଗରୁ ଅଧିକାର କରି ସାରିଛ ।

ପ୍ରଭାତୀ ଲଜ୍ଜିତ ହୋଇ ପଡ଼ିଲା । ତାର ଅନ୍ତର ଭିତରର କଥା ଗୁଡ଼ାକ ଆଜି ସବୁ ପଦାରେ ପଡ଼ିଗଲା । ପଡ଼ୁ, କ୍ଷତି କଣ ? ଯାହାକୁ ସେ ନିଜର ସର୍ବସ୍ୱ ବୋଲି ଭାବି ନେଇଛି, ତା ଆଗରେ

ହୃଦୟର କଥା କହିଲେ ଦୋଷ କାହାଁକି ହେବ ? ଜୟନ୍ତବାବୁ ! ଗୋଟିଏ କଥା ମୁଁ ତୁମକୁ ପଚାରିବି, ମନରେ କିଛି ଭାବିବନି ତ ? ବର୍ତ୍ତମାନ ଆମ ଘରର ଅବସ୍ଥା ଦୃଷ୍ଟିରୁ ମୋତେ କୌଣସି ଗୋଟିଏ ସ୍କୁଲରେ ଚାକିରି କରିବାକୁ ପଡ଼ିବ । ଏଥିରେ ତୁମର ମତାମତ.........

ଅବସ୍ଥା ଦୃଷ୍ଟିରୁ ବର୍ତ୍ତମାନ ତାହାହିଁ କରିବାକୁ ପଡ଼ିବ । ଏଥିରେ ତ କୌଣସି କ୍ଷତି ନାହିଁ ।

ପ୍ରଭାତୀ ଟିକିଏ ଆଶ୍ୱସ୍ତି ଲାଭକଲା । ମେନକାଦେବୀ ବାରପଟରୁ ଆସି ପହଞ୍ଚିଲେ । ଜୟନ୍ତ ନମସ୍କାର କରି ବିଦାୟ ନେଲା । ମେନକା ଦେବୀ ଆଶିର୍ବାଦ କଲେ । ଅଳ୍ପଦିନ ପରେ ପରୀକ୍ଷାଟା ଦେଇ ସେ ଆସିବ ବୋଲି କହି ଚାଲିଗଲା ।

ରଘୁଆ ଠିକ୍ ସମୟରେ ନରହରି ଜମିଦାରର ଦେଣା ପରିଶୋଧ କରିପାରି ନ ଥିବା ହେତୁ, ଆଇନ ଅନୁଯାୟୀ ତାର ସମସ୍ତ ସମ୍ପତ୍ତି ଜମିଦାରଙ୍କର ବୋଲି ଅଦାଲତ ରାୟ ଦେଲେ । ପ୍ରଭାତୀ ଏବଂ ମେନକାଙ୍କୁ ଘର ଖଣ୍ଡିକ ଛାଡ଼ି ଅନ୍ୟତ୍ର ଯିବାକୁ ପଡ଼ିଲା ।

ନିୟତିର ନିର୍ଦ୍ଦେଶ ଅତି କଠୋର । ଯେତେବେଳେ ଯାହା ହେବାର କଥା ନିଶ୍ଚୟ ଘଟିବ । କେହି ତାକୁ ବନ୍ଦ କରି ପାରିବେ ନାହିଁ । ଦିନେଶ ଚୌଧୁରିର ଦେହାନ୍ତ । ଗାଁ ଟା ଯାକର ଲୋକ

ଷ୍ଟୁ ଟ୍ରି କଲେ । ତା ସଙ୍ଗେ ନିଜ ନିଜ ଭାଗ୍ୟରେ ସେ କେଉଁ ଦିନ ଏପରି ନ ଦେଖିଥିବ କିଏ କହିବ ? ରଘୁଆ ତାର ଟଙ୍କା ପରିଶୋଧ କରି ଦେଇଛନ୍ତି । ଜମିଦାରଟା କେଡ଼େ ନିର୍ମମ । ତା ହୃଦୟରେ ଟିକିଏ ହେଲେ ଦୟା ନାହିଁ । ଯୁବତୀ ଝିଅ, ତା ସଙ୍ଗେ ବିଧବା ମେନକା—ପଦାରେ ବୁଲିବେ । ଧର୍ମ କଣ ଗୁଡ଼ିଗଲା ? ଜମିଦାରର କଠୋର ହୃଦୟରେ ଦୁଃଖ ଟିକେ ମାତ୍ର ପ୍ରବେଶ କରି ପାରିଲାନି । ବରଂ ସେ ଆନନ୍ଦ ଅନୁଭବ କଲା । ଦିନେଶ ଚଉଧୁରି ଆତ୍ମତୃପ୍ତି ଲାଭ କଲା । ସେ ଠିକ୍ ପ୍ରତିହିଂସା ନେଇଛନ୍ତି; କିନ୍ତୁ କଣ ହେବ ? ରଘୁଆ ଥାଆନ୍ତା କି ଦିନେଶ ଚଉଧୁରି କଣ କରିପାରେ ସେ ଆଜି ଦେଖି ପାରିଥାନ୍ତା । ତା'ର ଅତି ଆଦରର କନ୍ୟା ଏବଂ ସ୍ତ୍ରୀ କପରି ଦାଣ୍ଡର ଭିକାରି । ଏତିକାରେ ଦିନେଶ ଚଉଧୁରିର କାମ ଶେଷ ହେଲାନାହିଁ । ଯେଉଁ ଦିନ ପ୍ରଭାତର ହାତ ନରହରି ଜମିଦାରର ହାତରେ ସେ ମିଳାଇ ଦେବେ, ସେଇଦିନ ହିଁ ତାଙ୍କର କାମ ଶେଷ ବୋଲି ବୁଝିବାକୁ ହେବ ।

ମେନକା ଦେବୀ ଏ ଦାରୁଣ ସମ୍ବାଦରେ ବିବ୍ରତ ହୋଇ ପଡ଼ିଲା । କଣ କରିବେ ? ଧନ ଗଲା, ସମ୍ପତ୍ତି ଗଲା, ଘର ଖଣ୍ଡିକ ହୋଇଥିଲେ ଥାଆନ୍ତା, ମୁଣ୍ଡ ଗୁଞ୍ଜିବାକୁ ତା ମଧ୍ୟ ରହୁନାହିଁ । ସେଥିରେ ଜମିଦାରର ଆଦେଶ— କାଲି ସକାଳୁ ଯେ କୌଣସି ପ୍ରକାରେ ଘର ଖାଲି କରିବାକୁ ପଡ଼ିବ । ମେନକା ଦେବୀଙ୍କର ଆଖିର ଲୁହ ଶେଷହୋଇ ଯାଇ ଥିଲା । ଏତେବଡ଼ ବିପଦରେ ତାଙ୍କର ଆଖିରୁ ବୁନ୍ଦାଏ ମାତ୍ର ଲୁହ ବହିଲା ନାହିଁ । ଭାଗ୍ୟ ଚାହିଁଲେ କର୍ତ୍ତବ୍ୟ । ମେନକା ଦେବୀଙ୍କ ହାତଯୁଗଳଟି ଭଗବାନଙ୍କ ଉଦ୍ଦେଶ୍ୟରେ ଉପରକୁ ଉଠିଲା । ସେ ମନେ ମନେ ଭାବିଲେ, ହେ ଭଗବାନ ତୁମେ ପରା ଆର୍ତ୍ତତ୍ରାଣ ବୋଲି ନାମ ଧାରଣ କରିଛ । ଟିକିକୁ [illegible]

ଘାସ କଲାବେଳେ ତୁମେ ତାକୁ ଦେଖିଥିଲ ନା ? ନିବିଡ଼ ଜଙ୍ଗଲ ଭିତରେ ଯେତେବେଳେ ମୃଗିଣୀ ତୁମକୁ କାତର କଣ୍ଠରେ ଡାକି ଥିଲା ତୁମେ ତାର ଦୁଃଖ ବୁଝାଇ ଥିଲ ନା ? ମୋତେ ଏ ଅସମୟରେ କଣ ସାହାଯ୍ୟ କରିବ ନାହିଁ ? ତାର ମନ ଭିତରୁ କେହି ଯେପରି କହିଲା ? ଭୟଭୀତ ହେବାର କିଛି କାରଣ ନାହିଁ । ଅନ୍ୟାୟୀହା ଯେତେ ଶୀଘ୍ର ହେଉ ତାର ପତନ ସେତେ ଶୀଘ୍ର ହୁଏ । ତୋର ଦୁଃଖ ଘୁଞ୍ଚିଯିବ । ଭଗବାନ ଯେତେବେଳେ ଯାହା କରନ୍ତି ସମସ୍ତ ମଙ୍ଗଳ ପାଇଁ । ପ୍ରଥମେ ଅମଙ୍ଗଳ ବୋଲି ମଣିଷ ବୁଝେ କିନ୍ତୁ ଫଳ ହୁଏ ଭଲ । ମେନକା ଦେବୀ ଏହି ଅଜ୍ଞାତ ନିୟନ୍ତାର ଉଦ୍ଦେଶ୍ୟରେ ମୁଣ୍ଡ ଲଗାଇଲେ ।

ପ୍ରଭାତୀ ତାର ଅତୀତ ଜୀବନର ସମସ୍ତ କଥା ଗୋଟି ଗୋଟି ଭାବି ଚାଲିଥାଏ । ବାପାଙ୍କର ମୃତ୍ୟୁ ତାର ପାଇଁ । ଏବେ ଧନ ସମ୍ପତ୍ତି ଗଲା ତାର ପାଇଁ । ଦାଣ୍ଡର ଭିକାରୁଣୀ ହୋଇ ସେ କାଳ ବୁଲିବ । ଜୟନ୍ତକୁ ସେ ଭଲ ପାଉଥିଲା । କାଲି ଯେତେବେଳେ ଜୟନ୍ତ ଏ ଖବର ପାଇବେ, ଠିକ୍ ଏ ମନ ଦୁଃଖ ଅବଶ୍ୟ କରିବେ, କିନ୍ତୁ ଦାଣ୍ଡର ଭିକାରୁଣୀଟାକୁ ସେ କଣ କେବେ ହେଲେ ତାଙ୍କ ପାଦତଳେ ସ୍ଥାନ ଦେବେ ? କାହିଁକି, କେଉଁ ଆଶାରେ ତାର ଅଭିଶପ୍ତ ଜୀବନଟାକୁ ସେ ବଞ୍ଚାଇ ରଖିବ ? ଆତ୍ମହତ୍ୟା କରିବ ସେ । ତାହାହିଁ ଏକମାତ୍ର ପନ୍ଥା । ମଣିଷ ଯେତେବେଳେ କୌଣସି ପନ୍ଥା ଖୋଜି ପାଏ ନାହିଁ, ସେତେବେଳେ ଜୀବନର ସବୁ ମମତା ହରାଇ ଦିଏ ।

ଡାକବାଲାର ଡାକଶୁଣି ପ୍ରଭାତୀ ଦାଣ୍ଡ ଦୁଆରକୁ ଗଲା । ପୋଷ୍ଟମ୍ୟାନ ଗୋଟିଏ ଲଫାପା ପ୍ରଭାତୀ ହାତକୁ ବଢ଼ାଇ ଦେଲା । ଲଫାପାଟି ଚିରି ପ୍ରଭାତୀ ପଢ଼ିଲା । ମନରେ ତାର କ୍ଷୀଣ

ଆଶାର ରେଖା ଫୁଟି ଉଠିଲା । ସେ ମନେ ମନେ ଭାବିଗଲା— ଭଗବାନଙ୍କର ନିଶ୍ଚୟ କୌଣସି ମହତ୍ ଉଦ୍ଦେଶ୍ୟ ଅଛି । ତା ନ ହୋଇ ଥିଲେ କାହିଁ ଆତ୍ମହତ୍ୟାର ଶେଷ ନିଷ୍ପତ୍ତି, ଆଉ କାହିଁ ରାଜନଗର ମାଇନର ସ୍କୁଲରେ ଶିକ୍ଷୟିତ୍ରୀ । ଆତ୍ମହତ୍ୟା କରିବା ମହାପାପ । ଅମୂଲ୍ୟ ଜୀବନଟାକୁ କ୍ଷଣିକ ହତାଶରେ ବିସର୍ଜନ କରି ଦେବା ଉଚିତ ପନ୍ଥା ନୁହେଁ । ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବା ମଣିଷର କର୍ତ୍ତବ୍ୟ । ସେ ଯିବ ରାଜନଗର, ଶିକ୍ଷୟିତ୍ରୀ ହେବ । ଶିକ୍ଷୟିତ୍ରୀ ଜୀବନର ଅନୁଭୂତି ଅନ୍ତତଃ ସେ ଉପଲବ୍ଧି କରିବ । ପୃଥିବୀରେ ପ୍ରଶସ୍ତ କ୍ଷେତ୍ର ପଡ଼ିଛି । ସେ ହତାଶ ହେବ କାହିଁକି ? ସୁଖ ଦୁଃଖ ଯେତେବେଳେ ଯାହା ଆସିବ ଆସୁ । ସହିବାକୁ ହିଁ ପଡ଼ିବ । ଚିଠି ଖଣ୍ଡିକ ଧରି ପ୍ରଭାତୀ ମେନକା ଦେବୀଙ୍କ ପାଖକୁ ଆସିଲା । ମେନକା ଦେବୀ ସମସ୍ତ ଶୁଣିଲେ । କ୍ଷଣିକ ପାଇଁ ତାଙ୍କର ମୁଖ ଉଜ୍ଜ୍ୱଳ ଦେଖାଗଲା । ପର ମୁହୂର୍ତ୍ତରେ ଦୁଃଖର ଛାୟା ଘୋଟି ଆସିଲା । ପ୍ରଭାତୀର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ କରିବାକୁ ଜୀବନର ବ୍ରତ କରି ତାର ସ୍ୱାମୀ ସଂସାରରୁ ବିଦାୟ ନେଇଛନ୍ତି । କିନ୍ତୁ ଆଜି ପ୍ରଭାତୀ ଶିକ୍ଷୟିତ୍ରୀ କାମ କରିବ । ଏହାଠାରୁ ବଳି ଦୁଃଖର କଥା ଆଉ କଣ ଥାଇ ପାରେ ? ତେବେ ପାଣିରେ ବୁଡ଼ିମରୁଥିବା ଲୋକ କୁଟା ଖିଅଟାର ଆଶ୍ରୟ ପାଇଲେ ଭଗବାନଙ୍କର ଆଶିଷ ବୋଲି ଭାବେ ।

ରାମପୁର ଗାଁ ଟି ବେଶି ବଡ଼ ନୁହେଁ । ଏକ ପାର୍ଶ୍ୱରେ ସ୍ରୋତ ନଦୀଟିଏ କୁଳୁ କୁଳୁ ନାଦରେ ବହି ଯାଉଥାଏ । ପ୍ରାୟ ପ୍ରତ୍ୟେକ ଋତୁରେ ଅଳ୍ପ ବହୁତ ହୋଇ ପାଣି ରହିଥାଏ । ଏହି ପାଣି ନେଇ ରାମପୁର ଗାଁରେ ଫସଲ କିଆରି ହସି ଉଠେ ସବୁ ସମୟରେ । ପାଣି କଷ୍ଟ କଣ ବୋଲି ରାମପୁରର ଲୋକ ଜାଣି

ନାହାଁନ୍ତି । ଏହି ସ୍ରୋତ ନଦୀଟି ଅନାୟାସରେ ଗାଁ ଟିକୁ ପାଣି ଯୋଗାଇଛି । ଅନ୍ୟ ତିନି ପାର୍ଶ୍ୱରେ ଅନୁଚ୍ଚ ପର୍ବତ ମାଳା ଘେରି ରହିଛି । ଯେ କୌଣସି ଦର୍ଶକ ପ୍ରଥମ ଦର୍ଶନରେ ଭାବନେବ ରାମପୁରକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ପର୍ବତମାଳା ଯେପରି ସବୁବେଳେ ତାଙ୍କ ମୁଣ୍ଡ ଟେକି ରହିଛନ୍ତି । ସକାଳର ସୂର୍ଯ୍ୟୋଦୟ ଏବଂ ସନ୍ଧ୍ୟାର ସୂର୍ଯ୍ୟାସ୍ତ ଖୁବ ରମଣୀୟ । ପୂର୍ବ ଦିଗର ପର୍ବତ ମାଳାର ଆର ପାଖରୁ ଯେତେବେଳେ ପ୍ରଥମ ସୂର୍ଯ୍ୟ ଉଠି ଆସନ୍ତି ପର୍ବତର ଲତା, ଗୁଳ୍ମ ସ୍ୱର୍ଣ୍ଣ ରଙ୍ଗରେ ରଙ୍ଗାୟିତ ହୋଇ ପରି ଶୋଭା ପାଆନ୍ତି । କୁଳୁ କୁଳୁ ନାଦିନୀ ନଦୀ ବକ୍ଷର ଜଳ ସ୍ରୋତ ସ୍ୱର୍ଣ୍ଣ ସ୍ରୋତର ଆକାର ଧାରଣ କଲେ । ଦର୍ଶକ ମନରେ ଅପାର ଆନନ୍ଦ ଆଣେ ।

ଏହି ରାମପୁରର ପ୍ରାକୃତିକ ଦୃଶ୍ୟ ରାଜି ବକ୍ଷରେ ପ୍ରଭାତୀର ଜନ୍ମ । କିନ୍ତୁ ଅଭିଶପ୍ତ ଜୀବନ ନେଇ ସେ ଆଜି ରାମପୁରରୁ ବିଦାୟ ନେଉଛି—ଯେପରି କି ରାମପୁର ତାର କିଛି ନୁହେଁ । ପ୍ରଭାତୀ ଏପରି ଅନୁଭବ କରୁଛି । ସକାଳର ସୂର୍ଯ୍ୟ ସୁବୁଦ୍ଧିନ ପରି ଉଠି ଆସୁଛନ୍ତି । କିନ୍ତୁ ତାଙ୍କ ମନରେ ସରସତା ନାହିଁ । ପର୍ବତ ରାଜି ମ୍ରିୟମାଣ । ସୂର୍ଯ୍ୟ ରଶ୍ମି ଆଜି ସେମାନଙ୍କୁ ସ୍ୱର୍ଣ୍ଣ ରଙ୍ଗରେ ରଞ୍ଜିତ କରି-ପାରୁନି । ନଦୀ ବକ୍ଷରେ ଆଜି ସ୍ୱର୍ଣ୍ଣ ସ୍ରୋତ ପ୍ରବାହିତ ହୋଇ ପାରୁନି । ସମସ୍ତେ ଯେପରି ଜମିଦାରର ହୀନ କାର୍ଯ୍ୟପାଇ ମର୍ମାହତ ।

ଆଖ ପାଖ କୋଡ଼ିଏ ଖଣ୍ଡ ମଉଜା ଭିତରେ ରାଜନଗର ଗୋଟିଏ ବଡ଼ ଗାଁରେ ଗଣା ହୁଏ । ଲୋକ ସଂଖ୍ୟା ହିସାବରେ ଦେଖିବାକୁ ଗଲେ ଅବଶ୍ୟ ଶିକ୍ଷିତ ସଂଖ୍ୟା ବେଶି ହେବ ନାହିଁ । ତେବେ ଅନ୍ୟାନ୍ୟ ମଫସଲ ଗାଁମାନଙ୍କ ଅପେକ୍ଷା ଏ ଗାଁ ଟିରେ ଶିକ୍ଷିତ ସଂଖ୍ୟା ବେଶି । ଗାଁଟିର ଶେଷ ମୁଣ୍ଡରେ ମାଇନର ସ୍କୁଲଟି ଅବସ୍ଥିତ । ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଅଲଗା ଅଲଗା ରହିବାଘର ଅଛି । ସେ ଘରଗୁଡ଼ିକ ସ୍କୁଲଠାରୁ ଟିକିଏ ଦୂରରେ । ରାସ୍ତାବାଟଟି ସ୍କୁଲକୁ ଲାଗି ରହିଛି । ସ୍କୁଲଘର ଏବଂ ରାସ୍ତାବାଟର ମଝିରେ ଖୋଲା ପଡ଼ିଆଟିଏ । ସ୍କୁଲର ସମ୍ମୁଖରେ ଗୋଟିଏ ଫୁଲ ବଗିଚା । ନାନା ଜାତିର ଫୁଲରେ ଏହି ଫୁଲ ବଗିଚାଟି ସ୍କୁଲର ସୌନ୍ଦର୍ଯ୍ୟ ବଢ଼ାଏ ।

ପ୍ରଭାତୀ ଗୋଟିଏ ଘର ପାଇଛି । ଘରଟି ଦୁଇଜଣ ରହିବା ପାଇଁ ଯଥେଷ୍ଟ । ଦଶଟା ବାଜିଲେ ସେ ସ୍କୁଲକୁ ଚାଲିଯାଏ । ମେନକାଦେବୀ ପୁଅଙ୍କଥା ସବୁ ମନେ ପକାଇ ଆଖିରୁ ଲୁହ ଗଡ଼ାନ୍ତି । ପ୍ରଭାତୀ ଆଗରେ ଦିନକ ପାଇଁ ସେ କେବେ ଲୁହ ଗଡ଼ାଇ ନାହାନ୍ତି । କାଳେ ପ୍ରଭାତୀ ମନରେ କଷ୍ଟ ଆସିବ । ସମୟେ ସମୟେ ମେନକାଦେବୀ ଭାବନ୍ତି, କେତେ ଦିନ ଏହିପରି ଚାଲିବ ? ପ୍ରଭାତୀର ସୁଖର ସଂସାର ସେ କଣ ଦେଖି ପାରିବେ ନାହିଁ ? ପ୍ରଭାତୀର ଅନୁପସ୍ଥିତିରେ ମେନକାଦେବୀ କେତେ କଣ ଭାବି ଚାଲନ୍ତି ।

ପ୍ରଭାତୀ ଆସିଲେ ସବୁ କୁଆଡ଼େ ଉଭେଇ ଯାଏ । ମେନକା ଦେବୀ ମନକଷ୍ଟ କଲେ ପ୍ରଭାତୀ ବୃଥା ଏ-ବୋଉ ଦୁଃଖକରି ଲାଭ କଣ ? ଯାହା ଯେତେବେଳେ ହେବାର କଥା ହୋଇ ଯାଉଛି । ପ୍ରତିରୋଧ କରିବାର ଶକ୍ତି ଯେତେବେଳେ ଆମର ନାହିଁ, ଦୁଃଖ କାହିଁକିବା କରିବା ? ମୁଁ ବେଶ୍ ବୁଝି ପାରୁଛି ତୁ ମୋର ଭବିଷ୍ୟତ ପାଇଁ ଖୁବ

ଚଳୁଛି । କିନ୍ତୁ ଭବିଷ୍ୟତ ସବୁବେଳେ ଅନ୍ଧକାର ବୋଉ । ଆଜି କଥା କାଲିକି ରହୁନାହିଁ । ଆଜି ଯିଏ ରଜା ହୋଇ ସିଂହାସନରେ ବସିଛି, କାଲି ସେ ଯେ ଫକୀର ନହେବ—ଏକଥା କିଏ କହିବ ? ତେଣୁ ତୁ ଭବିଷ୍ୟତ ଚିନ୍ତାରୁ ମନକୁ ଫେରାଇ ଆଣ । ଚିନ୍ତାକରି ଲାଭ କିଛି ନାହିଁ, କେବଳ ମନସ୍ତାପ ହିଁ ସାର ।

ପ୍ରଭାତୀ ଆଜି ଶୀଘ୍ର ସ୍କୁଲରୁ ଫେରି ଆସିଛି । ସବୁଦିନ ପରି ମନରେ ସନ୍ତୋଷ ନାହିଁ । ଜୟନ୍ତର କଥା, ଜୟନ୍ତର ହସ ହସ ମୁହଁ ତା ଆଗରେ ଉପସ୍ଥିତ ହୋଇ ଯାଉଛି । ମନର ପରିବର୍ତ୍ତନ ପାଇଁ ସେ ଯେତେ ଚେଷ୍ଟା କରୁଛି, ମନର ଉଦ୍‌ବେଗତା ସେତେ ବଢୁଛି । ମନ ଭିତରେ ଦ୍ୱନ୍ଦ୍ୱ—ଜୟନ୍ତକୁ ସେ ତାର ଦୁର୍ଦ୍ଦଶା ଜଣାଇବ କି ନାହିଁ ? ଜୟନ୍ତକୁ ସେ ତାର ହୃଦୟର ଦେବତା ବୋଲି ଭାବି ନେଇଛି । ଦୁଇଟି ପ୍ରାଣ ଏକ ହୋଇଛି, ତେବେ ସେ ନିଜର ଦୁର୍ଦ୍ଦଶା କାହିଁକି ନ ଜଣାଇବ ? ହିଁ ସେ ନ ଜଣାଇଲେ ମଧ୍ୟ କଥା କଣ ଲୁଚିବ ? ତେବେ ଜୟନ୍ତ ତାକୁ କଣ ବୋଲି କହିବ । ଖାତାରୁ ଖଣ୍ଡେ କାଗଜ ଚିରି ଆଣିଲା ପ୍ରଭାତୀ । ଲେଖି ବସିଲା—

ସ୍ୱପନର ସାଥିମୋର—

ତୁମେ ବୋଧେ ଶୁଣି ସାରିଥିବ । ରାମପୁରରୁ ଆମ୍ଭମାନେ ଚିର ବିଦାୟ ନେଇଛୁ । ଦିନେ ମୁଁ ତୁମର ମତାମତ ଚାହିଁଥିଲି, କିନ୍ତୁ ସେ କଥା ସତରେ ପରିଣତ ହେବ ବୋଲି ମୁଁ ସେ ଦିନ ଭାବି ନଥିଲି । ଭଗବାନଙ୍କର ଶକ୍ତି ଅସୀମ । ଦୁଃଖ ଦିଅନ୍ତି ସେ ମାତ୍ର ଦୁଃଖର ଉପଶମ ପାଇଁ ସମସ୍ତ କିଛି ବ୍ୟବସ୍ଥା ମଧ୍ୟ କରି ଦେଇଥାନ୍ତି । ମୁଁ ବର୍ତ୍ତମାନ ରାଜନଗର ମାଇନର ସ୍କୁଲରେ ଶିକ୍ଷୟିତ୍ରୀ । ବୋଉ ପାଖରେ । ଦୁଃଖେ ସୁଖେ ଦୁଇଜଣ ଚଳି ଯାଉଛୁ । ରାମପୁରରୁ ଆସିଛୁ

ସତ୍ୟ ତେବେ ମଧ୍ୟ ଜମିଦାରର ଜ୍ୱଳନ୍ତ ଆଖି ମୋର ପଛେ ପଛେ ଲାଗି ରହିଛି । ଦିନେଶଚଉଧୁରୀର ଚକ୍ରାନ୍ତ ପୂର୍ଣ୍ଣ ହୋଇଛି । ଏସବୁ ଶୁଣି ଦୁଃଖ କରିବନି କି ରାଗ କରିବନି । ଦୁଃଖ ଯେତେବେଳେ ଆସେ ଏକା ନ ହୋଇ ଆସେନି । ପିଣ୍ଡରେ ପ୍ରାଣଥିବା ପର୍ଯ୍ୟନ୍ତ ତୁମକୁ ଭୁଲିପାରିବିନି । ତୁମେ ବଡ଼ଲୋକହେବ ହୁଏତ ଏ ହତଭାଗିନୀକୁ ଭୁଲିଯାଇପାର ।

ତୁମର ପରିଚିତା

ପ୍ରଭାତୀ

ଚିଠିଖଣ୍ଡିକ ବନ୍ଦକରି ପ୍ରଭାତୀ ଡାକଘରକୁ ପଠାଇ ଦେଲେ

ଜମିଦାରଙ୍କର କଚେରି ଘରେ ଗୋଟିଏ ଗୁପ୍ତ ବୈଠକ ବସିଛି । ଜମିଦାର ଚିନ୍ତାମଗ୍ନ । କଣ ସେ କରି ବସିଛନ୍ତି ବିଶ୍ୱାସ ଘାତକତା କରି ସେ ଗୋଟି ପରିବାରକୁ ଧ୍ୱଂସ ସାଧନ କରିବାରେ ସବୁ ପ୍ରକାର ବନ୍ଦୋବସ୍ତ କଲେ । ଆଜି ଫାଙ୍କି ଦେଇ ଛନ୍ତି ସତ କିନ୍ତୁ ବିଶ୍ୱନିୟନ୍ତାଙ୍କ ଚକ୍ଷୁରୁ ଏସବୁ କଣ ବାଦ ଯିବ ? ଯାହା ହେବାର ହୋଇଗଲାଣି ଆଉ ସେ ଆଗେଇବେ ନାହିଁ । ନରହରି ବାବୁ ଚିତ୍କାର କରି ଉଠିଲେ । ନା ଦିନେଶ ବାବୁ ମୁଁ ତୁମଙ୍କଠାରେ ରାଜି ନୁହେଁ । ଆଉ କେତେ ଦିନ ଅବା ବଞ୍ଚିବି । ଜୀବନର ଶେଷ ସମୟକୁ ଏତେ ଗୁଡ଼ାଏ ପାପ ଅର୍ଜନକରି ପରକାଳର ଅଶାନ୍ତିକୁ ବରଣ କରିବାକୁ ମୋର ମନ ଯାଉନାହିଁ ।

ଦିନେଶ ବାବୁ ନରହରି ବାବୁଙ୍କ ମନର ପରିବର୍ତ୍ତନରେ ଆଶ୍ଚର୍ଯ୍ୟ ହୋଇଗଲେ । ମନଭିତରେ ତାଙ୍କର ଆଶଙ୍କା ଜନ୍ମିଲା । ତାହାହେଲେ ସେ କଣ କୃତକାର୍ଯ୍ୟ ହୋଇ ପାରିବେନି । ନା ଏସବୁ ଭାବିବା ବୃଥା । ନିଶ୍ଚୟ ସେ କୃତକାର୍ଯ୍ୟ ହେବେ । ହସି ହସି ଦିନେଶ ବାବୁ କହିଲେ, ନରହରିବାବୁ ଆପଣଙ୍କର ଗୋଟାଏ ବଡ଼ ଭୁଲ ଧାରଣା ରହିଯାଇଛି, ଆପଣତ ଗୋଟାଏ ପରିବାରକୁ ଧ୍ୱଂସ କରିବାକୁ ଯାଇ ନାହାଁନ୍ତି । ବରଂ ତାର ସାଧନ ପାଇଁ ଆପଣ ତତ୍ପର । ନ ବୁଝିଲା ଲୋକେ କହିବେ ଜମିଦାର ଅନ୍ୟାୟ କରୁଛନ୍ତି । କିନ୍ତୁ ସମସ୍ତେ କେବଳ ଫାଇଦା ଉଠାଇବା କଥା ଜାଣନ୍ତି । ଆପଣ ଭଲ ଭାବରେ ଭାବନ୍ତୁତ ଦେଖି ରଘୁଆର କଣ ଥିଲା ଯେ ? ଆଜି କାଲି ଯୌତୁକର ଯେପରି ଦାବୀ ସେ ବା ପ୍ରଭାତୀ ପାଇଁ ଗୋଟିଏ ଯୋଗ୍ୟ ବର ଖୋଜି ପାଇଥାନ୍ତା କେଉଁଠି ? ଆପଣଙ୍କର ବା କଣ ଅଭାବ ଅଛି ·ଦେଖିବାକୁ ଗଲେ ଏହାଏକ ସୁବର୍ଣ୍ଣ ସୁଯୋଗ ନୁହେଁ କି ? ତାହାହେଲେ ଏଥିରେ ଦୋଷ ରହିଲା-କେଉଁଠି ? ପ୍ରଭାତୀ ଯୁବତୀ ସୁନ୍ଦରୀ, ଯୌବନର କମନୀୟ କାନ୍ତି ତାର ପ୍ରତି ଅବୟବରେ ଫୁଟି କଉଁ ପଡ଼ୁଛି ବା ତାକୁ ଦେଖି ଆଶା ନକରିବ ଆପଣ ଏବେ ସେ ସବୁକୁ ପାଦରେ ଠେଲି ଦେବାକୁ ଯାଉଛନ୍ତି ।

ନରହରି ଜମିଦାର ଉତ୍ଫୁଲ୍ଲ ଦେଖାଗଲେ । ଦିନେଶବାବୁ ଭାବିନେଲେ ତାଙ୍କର କଥାଗୁଡ଼ିକ ଜମିଦାରଙ୍କ ମନକୁ ଖୁବ୍ ପାଇଛି ଔଷଧ ତାହେଲେ ଠିକ୍ କାମକରିଛି । ଜମିଦାରଙ୍କର କାମଲାଳସା ଉଦ୍ଦୀପ୍ତ ହୋଇ ଉଠିଲା । ପ୍ରଭାତୀକୁ ପାଇବାର ଆଶା ଦୃଢ଼ ହୋଇ ଆସିଲା । ସବୁପ୍ରକାରର ଷଡ଼ଯନ୍ତ୍ର କରିବା ପାଇଁ ସେ ପ୍ରସ୍ତୁତ ମାତ୍ର ସେ ଚାହାଁନ୍ତି ପ୍ରଭାତୀକୁ । ପ୍ରଭାତୀକୁ ପାଇଲେ ତାଙ୍କର ସୁଖସଂସାର ଗଢ଼ିଉଠିବ ସେ ଶାନ୍ତିର ନିଶ୍ୱାସ ମାରିବେ । ଦିନେଶ ବାବୁ କାର୍ଯ୍ୟ

ସଫଳହେଲେ ମୁଁ ତୁମକୁ ଗୋଟିଏ ବଡ଼ଧରଣର ପୁରସ୍କାର ଦେବି ପୁରସ୍କାର ପାଇଁ ଧନେଶ ଚୌଧୁରୀ ଉଦ୍‌ବିଗ୍ନ ନୁହଁନ୍ତି । ସେ ଚାହୁଁଛନ୍ତି ପ୍ରତିହିଂସା । ମନେ ମନେ ହସିଲେ ଚୌଧୁରୀ । ବୀରକୁ ପାଖକୁ ଡାକି କହିଲେ—ଦେଖବୀର, ତୁମର ନାମ ସହିତ ତୁମ କାମର ବହୁତ ସାମଞ୍ଜସ୍ୟ ଅଛି ବୋଲି ମୁଁ ତୁମକୁ ପ୍ରଧାନ ନେତା କରୁଛି । କଥା ଗୁଡ଼ାକ ଯେମିତି ବାହାରେ ପ୍ରକାଶ ନପାଏ—ହଁ ଗୋଟିଏ କଥା । ତୁମେ ତୁମ ଦଳକୁ ନେଇ ରାଜନଗର ଯିବ । ପ୍ରଭାତୀ ଉପରେ ନଜର ରଖିଥିବ । ସୁବିଧା ଦେଖି ଟୋକିଟାକୁ ନେଇ ଆସି ଜମିଦାର ପାଖରେ ହାଜର କରିଦେଲେ ହେଲା ।

ବୀର ବୀରଦର୍ପରେ ନିଜର ଦୁଇ ବାହୁରେ ହାତ ମାରି କହିଲା —ଏ କଥାଟା ତା ଦଳ ପକ୍ଷରେ ଗୋଟାଏ ବଡ଼ କଥା ନୁହେଁ । ହେଲେ ଟୋକିଟା ଖୁବ୍ ଚାଲାକ ।

ଧନେଶ ଚୌଧୁରୀ କହିଲେ—କଣ କହିଲ ବୀର, ତୁମେ, ପୁରୁଷ ପୁଅ, ଟୋକିଟାଏ,—ସେ ପୁଣି ଚାଲାକ ହୋଇ ତମ ହାତରୁ ଖସେଇ ଯିବ ?

ବୀରର ମୁଣ୍ଡ ତଳକୁ ନଇଁ ପଡ଼ିଲା । ଅଉ କିଛି ନ କହି ସେ ବାହାରକୁ ଯିବା ପାଇଁ ଉଦ୍ୟତ ହେଲା । ଧନେଶ ବାବୁ ବୀରର କାନ ପାଖରେ ଧରେ କହିଲେ—କାମରେ ଲାଗିପଡ଼, ଗୋଟାଏ ବଡ଼ ଧରଣର ପୁରସ୍କାର ମିଳିବ ନିଶ୍ଚୟ ।

ଚିଠିଟି ପଢ଼ି ସାରି ଜୟନ୍ତ ଭାବି ପାରିଲାନି ସେ ବାସ୍ତବ ଜଗତରେ ନା ସ୍ୱପ୍ନ ଜଗତରେ । ଜମିଦାରଙ୍କର ନିର୍ମମ କାର୍ଯ୍ୟ କଳାପକୁ ଘୃଣା କରି ତାର କପୋଳ କୁଞ୍ଚିତ ହୋଇଗଲା । ପର ମୁହୂର୍ତ୍ତରେ ଆସିଲା ରାଗ । ଧାଇଁ ଯାଇ ଜମିଦାରର ମୁଣ୍ଡଟାକୁ ବେଣ୍ଟିରୁ ଅଲଗା କରିଦେବା ପାଇଁ ମନ ହେଲା ତାର । ଯାହାକୁ ସେ ନିଜର ପ୍ରାଣ ଷନମଧ୍ୟରେ ଭଲ ପାଇଛି, ଯେ ତାର ହୃଦୟ ସିଂହାସନ ଅଧିକାର କରିଛି—ତା ପ୍ରତି ଜମିଦାରର ନିର୍ମମ ଅତ୍ୟାଚାର ! ସେ ସହି ପାରିଲାନି । ମୁଣ୍ଡଟା ତାର ଗୋଳମାଳ ହୋଇଗଲା । ଆଗରେ ପରୀକ୍ଷା । ଭବିଷ୍ୟତ ଜୀବନର ଉଜ୍ଜ୍ୱଳ ଆଲୋକ ରେଖା ଏକ ଦିଗରେ, ଅନ୍ୟ ଦିଗରେ ସ୍ନେହର ପ୍ରଭାତୀ । କେଉଁଟାକୁ ସେ ଉପେକ୍ଷା କରିବ ? ରାଗ ବେଳେ ମଣିଷର ଚିନ୍ତାଶକ୍ତି ଲୋପ ପାଏ । ଭଲ ମନ୍ଦ ସେ ଭାବି ପାରେନି । ମାତ୍ର ପର ମୁହୂର୍ତ୍ତରେ ଆସେ ଭାବନା । ଜୟନ୍ତ ପୁନରାୟ ଚିଠିଟିକୁ ପଢ଼ିଲା, ପ୍ରଭାତୀ ଲେଖିଛି—ଚିଠିଟିକୁ ପଢ଼ି ଦୁଃଖ କରିବନି କି ରାଗିବ ନାହିଁ । ଠିକ ତାର କଥା ହିଁ ମୋତେ ମାନି ନେବାକୁ ହେବ । ଘର ଯାଇଛି, ସମ୍ପତ୍ତି ଯାଇଛି । ଯାଉ—ଦୁଃଖ କଣ ? ଏଇ ମଣିଷର ପୁଣି ଧନ ସମ୍ପତ୍ତି କରେ । ସମ୍ପତ୍ତି ଯାଇଛି, ପୁଣି ଫେରି ଆସିବ । କିନ୍ତୁ ପ୍ରଭାତୀ ବର୍ତ୍ତମାନ ତ ଭଲରେ ଅଛି । ରାଜନଗର ସ୍କୁଲରେ ସେ ବର୍ତ୍ତମାନ ଶିକ୍ଷୟିତ୍ରୀ । ମେନକାଦେବୀ ମଧ୍ୟ ପାଖରେ ଅଛନ୍ତି । ବେଶ୍ ଭଲ ହୋଇଛି । ଜମିଦାର ଚକ୍ଷୁର ଅନ୍ତରାଳରେ ସେମାନେ

ନିଷ୍ପତ୍ତି ଶାନ୍ତିରେ ଥିବେ । ପରୀକ୍ଷା ଶେଷ ହୋଇଗଲେ ସେ ଯିବ ଚନ୍ଦନନଗର। ସମସ୍ତ କଥା ବୁଝିବ । ଜମିଦାରର କ୍ରୂର କର୍ମର ପ୍ରତିଶୋଧ ନ ନେଇ ସେ ଛାଡ଼ିବ ନାହିଁ ।

ପ୍ରଭାତୀ ଏବେ କେତେଦିନ ହେଲା ଅନୁମାନ କରୁଛି—ସେ ସ୍କୁଲକୁ ଗଲାବେଳେ ଏବଂ ଫେରିଲା ବେଳେ କେତେଜଣ ଲୋକଙ୍କର ତୀକ୍ଷ୍ଣ ଦୃଷ୍ଟି ତା ଆଡ଼କୁ ସବୁବେଳେ ରହୁଛି । ଏ ସବୁ କାହିଁକି ? ତା ହେଲେ ଜମିଦାର ଦିନେଶ ଚଉଧୁରୀର ଚକ୍ରାନ୍ତ ଏ ରାଜନଗରରେ ମଧ୍ୟ କଣ ଅକ୍ଷୁର୍ଣ୍ଣ ରହୁଛି ? ସେ ଦିନ ସେ ଅନୁଭବ କରିଥିଲା—ଯେପରି କେତେ ଗୁଡ଼ିଏ ଲୋକ ନିର୍ଜନତାର ସୁଯୋଗ ପାଇ ତା ଘରେ ପ୍ରବେଶ କରିବା ପାଇଁ ଚେଷ୍ଟା କରୁଥିଲେ, କିନ୍ତୁ ପ୍ରଭାତୀର ତୀକ୍ଷ୍ଣ ଦୃଷ୍ଟି ସେ ସବୁକୁ ଏଡ଼ାଇ ପାରୁ ନଥିଲା । ସେମାନଙ୍କର କାମ ହାସଲ ହୋଇ ପାରି ନଥିଲା । ବ୍ୟର୍ଥମନୋରଥ ହୋଇ ସେମାନେ ଫେରି ଯାଇଥିଲେ । ଏ କଥା ସବୁ ପ୍ରଭାତୀ କାହା ଆଗରେ ବା କହିବ ? କହିଲେ ନିଜକୁ ଅପମାନ । କଥାରେ କହନ୍ତି- ଚୋର ମା ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ । ପ୍ରଭାତୀର ଅବସ୍ଥା ଠିକ୍ ସେଇଆ ଥିଲା ।

ଅଳ୍ପ କେତୋଟି ଦିନ ଭିତରେ ବୁଦ୍ଧି ଏବଂ କର୍ମନିଷ୍ଠାରେ ପ୍ରଭାତୀ ଛାତ୍ରୀମାନଙ୍କଠାରୁ ଆରମ୍ଭ କରି ଗ୍ରାମବାସୀମାନଙ୍କ ମଧ୍ୟରେ ଖୁବ୍ ପ୍ରଶଂସାର ପାତ୍ରୀ ହୋଇ ପାରିଛି । ପାଠ ପଢ଼ାଇବା ସମୟରେ ଶିକ୍ଷୟିତ୍ରୀର କର୍ତ୍ତବ୍ୟ ଅନୁସାରେ ସେ ଛାତ୍ରମାନଙ୍କ ସଙ୍ଗେ ଭଲ

ବ୍ୟବହାର କରେ, ଏବଂ ଅନ୍ୟସମୟରେ ଛାତ୍ର ଛାତ୍ରୀମାନଙ୍କୁ ନିଜର ଭାଇ ଭଉଣୀଙ୍କ ଠାରୁ ଅଧିକ ସ୍ନେହ କରେ – ତେଣୁ ଛାତ୍ରମାନେ ସବୁବେଳେ ପ୍ରଭାତୀର ପ୍ରଶଂସା ଗାଇ ବୁଲନ୍ତି ।

ଜୀବନ ଧାରେରେ ଦେଖ ସହଜ ଏବଂ ସୁଗମ କରି ଗଢ଼ା ହୋଇଥାଏ ସମାଜ । ସମାଜର ଶୃଙ୍ଖଳା ରଖିବା ପାଇଁ ଅନେକ ପ୍ରକାରର ନିୟମ ବନ୍ଧା ହୋଇଥାଏ । ଯେତେ ନିୟମ ଥାଉନା କାହିଁକି ବଳବାନର ବଳହୀନ ଉପରେ ଅତ୍ୟାଗ୍ରହର ଏହା ଯେପରି ଗୋଟିଏ ଚିରଚରିତ ପ୍ରଥା । ମଣିଷ ସମାଜରେ ଯେ ଏହା କେବଳ ଘଟେ ତା ନୁହେଁ, ଟିକିଏ ନିରୀକ୍ଷଣ କଲେ ଦେଖିବାକୁ ମିଳେ—ଜୀବ ଜଗତରେ ମଧ୍ୟ ଏହାହିଁ ଲାଗି ରହିଛି ।

ପ୍ରଭାତୀକୁ ହୋଇଥିଲା ଛଅଟି ବର୍ଷ । ପଡ଼ିଶା ଘର କୁନ୍ତଳା ଆଈ ବୁଢ଼ିଠାରୁ ସେ ଶୁଣିଥିଲା ଗୋଟିଏ ଗପ । ପ୍ରଭାତୀ ଆଗ୍ରହରେ କୁନ୍ତଳା ଆଈ ପାଖରେ ବସିଥାଏ । ବୁଢ଼ି ଗପ ଶୁଣାଏ ।

ଗୋଟିଏ ଗାଁ ରେ ଜଣେ ଲୋକ ଥିଲା । ତାର ଥିଲା ଗୋଟିଏ ବୋଲି ଝିଅ । ଝିଅଟିକୁ ସେ ଅତି ଆଦରରେ କରିଥିଲା—ଏପରିକି ଝିଅଟି ଦେହରେ ମାଛିଟିଏ ବସିଲେ ସେ ନିଜ ଶରୀରରେ ବ୍ୟଥା ଅନୁଭବ କରୁଥିଲା । ଏତିକି କହିବା ଭିତରେ ବୁଢ଼ୀ ଖୁବ୍ କାଶି ଉଠିଲା । ପ୍ରଭାତୀ ଉଠିପଡ଼ି ବୁଢ଼ୀର ପୃଷ୍ଠକୁ ଟିକିଏ ଆଉଁଶି ଦେଲା । ବୁଢ଼ି ଆଶ୍ୱସ୍ତ ହେଲା । ପ୍ରଭାତୀ ପୁଣି ବୁଢ଼ି ପାଖରେ ଆଗପରି ବସି ରହିଲା । ବୁଢ଼ି କହିଲା—କିଲୋ ପ୍ରଭାତୀ, କଥା ଶୁଣିବା ପାଇଁ କଣ ଏକା ବେଳେକେ ବସି ଯାଇଛୁ, ତେଣେ ବୋଉ ବିଗିଡ଼ୁଥିବ । କଣ ଖାଇକରି ଆସିଥିଲୁ କି ନାହିଁ ?

ମୁଁ ଖାଇକରି ଆସିଛି ଆଈ, ତୁ କଥାଟା ଶେଷ ନକଲେ ମୁଁ ଯିବିନାହିଁ । ଭଲ କଥାଟେ ଆରମ୍ଭ ହୋଇଛି ।

ଆଚ୍ଛା ହେଉ ଶୁଣ । ମୁଁ ଜାଣେ ଗପ କଥାଟା ଶେଷ ନ ହେଲେ ତୁ କେବେ ଛାଡ଼ିବୁ ନାହିଁ । ହଁ, କଣ କହୁଥିଲଇଁ ।

ଝିଅଟି ବାହାରେ ଗୋଟିଏ ମାତ୍ର ବସି ପଡୁଥିଲେ ତାର ବାପ ନିଜ ଶରୀରରେ ବ୍ୟଥା ଅନୁଭବ କରୁଥିଲା ।

ହଁ, ତା ପରେ କଣ ହେଲାକି-ଲୋକେ କହିଲେ ଦେବ କ୍ରୁଦ୍ଧ ହୋଇ ନିଆଁ ଲଗିଲା । ଦେବକୁଣ୍ଠ ହେଉ କି କିଏ ଲଗାଇ ଦେଉ, ଉତ୍ତୁ ଉଡ଼ିଆ ବାଡ଼ିଘରମାନରେ ହଠାତ ନିଆଁ ଜଳି ଉଠିଲା । ଘଡ଼ିକ ଭିତରେ ଗାଁ ଟା ଯାକ ସବୁ ଶେଷ । ବା ମହରର ତାତ ତା ସଙ୍ଗେ ନିଆଁର ତାପ, କେହି ଘର ଆଡ଼କୁ ମୁହଁଇ ପାରିଲେନି । ନିଜ ନିଜର ପ୍ରାଣ ବଞ୍ଚାଇବା ପାଇଁ ସମସ୍ତେ ବାହାର ଖୋଲା ପଡ଼ିଆକୁ ପଳାଇଲେ । ଝିଅ ଏ ଟୋଟିଏ କଥା ମନେ ରଖିଥିବୁ, ଧନ ଯାହା ପାଖରେ ଅଛି ଲକ୍ଷ୍ମୀଦେବୀ ତାକୁ କେବଳ ବରଦା ହୁଅନ୍ତି । ଲକ୍ଷ୍ମୀ କେତେବେଳେ ଗରିବ ଲୋକକୁ ସାହାଯ୍ୟ ହୁଅନ୍ତିନି । ଏହାର ସତ୍ୟତା ଏତିକି, ଯାହାର ଟଙ୍କା ଅଛି ସେ ବ୍ୟବସାୟ କଲା ଧନ ଖଟେଇଲା ତାର ଲାଭରେ ତାର ଅଧିକରୁ ଅଧିକ ହେଲା । ସେ ଯାହା ହେଉ, ଗାଁରେ ଗୋଟିଏ କେବଳ ଧନୀ ଲୋକ ଥିଲା—ପ୍ରେମନାଥ ବୈଶଗଞ୍ଜନ । ତାର ଘରଟି କେବଳ ରହିଗଲା । ସମସ୍ତେ ହାତ ପତେଇଲେ ତା'ର ଦୁଆରେ । ପାଞ୍ଚ ପଚଶ ଦେଇ ଶହେ କରି ଲେଖି ନେଲେ ବୈଶଗଞ୍ଜନ । ଲୋକେ ଆଗପଛ ଭାବିଲେ ନାହିଁ । ଆଗ ବଞ୍ଚି ରହିଲେ ପରର ଦେଖାଯିବ । ବୈଶଗଞ୍ଜନଙ୍କର ନିଷ୍ଠୁର ପ୍ରାଣ ହସି ଉଠିଲା । ତାପରେ ସେ ଆରମ୍ଭ କଲେ ଅତ୍ୟାଚାର । ପ୍ରତ୍ୟେକ ଜିନିଷର ଗୋଟାଏ ସୀମା ଥାଏ । କିନ୍ତୁ ଯେତେବେଳେ ସୀମା ଟପିଯାଏ, ସେତେବେଳେ ଅତ୍ୟାଚାର ପ୍ରପୀଡ଼ିତ ଲୋକ ଖୋଜି ବୁଲେ ପ୍ରତିହିଂସାର ବାଟ ।

ଆଜ୍ଞା, ତୁମ ଝିଅଟି କଥା କଣ ହେଲା କହନ୍ତୁ ।

ଚୋର ପ୍ରାଣ ତାହାହେଲେ ସେ ଝିଅଟି ପାଇଁ ଦୁଃଖ ହେଉଛି, ନୁହେଁ ? ହଁ, ନ ହେବ କାହିଁକି ? ଠିକ୍ ଚୋରପରି ଝିଅଟିଏ ସିଏ, ଗୋଟିଏ ଗୁଡ଼ିଆରେ ଗଢ଼ା । ବଡ ଉଜଳ ଡାଉଲ, କିନ୍ତୁ କଣ ହେବ, ବଡ଼ ହୀନମାନ ସେ ଝିଅଟି । ହଜେ କଣ ହେଲାନା, ବୈରଗଞ୍ଜନ ଖୁବ୍ ନିଦରେ ଶୋଇ ଯାଇଛନ୍ତି । ନିଶା ଗର୍ଜୁଛି ଓ ଗୁରୁ ଆଉ ସାଇଁ ସାଇଁ ଶୁଭୁଛି । ଏଇ ସମୟରେ କେତେବେଳେ କେମିତି ବୁଲା କୁକୁରର ଭୁକା ଶୁଭୁଥାଏ । ଘଡ଼ିଏ ପହରକେ ଗୋଟାଏ ସୁର ଧରି ବୋବାଳି ଗୁଡ଼ୁଥାଏ ଗାଁ ଚଉକିଆ ରାମ ମଲିକ । ଦେଖିବାକୁ ଖୁବ୍ ଗୋଟାଏ ପାଞ୍ଚହାତିଆ ମଣିଷ, ଚେହେରା ଠାଏନ୍ତ—ହାତାଏ ଲମ୍ବା ଠେଙ୍ଗାଟାଏ ଧରି 'ହୁସିଆର ହୋ' କହି କେତେବେଳରୁ ପହରା କାମଟା ସାରି ଘରେ ଶୋଇ ଗଲଣି । ହଜା ମନରେତ ପ୍ରତିହିଂସାର ଅଗ୍ନି ଧୂ ଧୂ ହୋଇ ଜଳୁଥାଏ । ସେ ଧୀରେ ଧୀରେ ଯାଇ ବୈରଗଞ୍ଜନଙ୍କ ଶୋଇବା ଘରେ ପଶିଲା । ଗଳାକୁ ଦେଖି ପକେଇଲା ଦାଉଆ କଟୁରି । ବଡ଼ସ୍ତ ବୈରଗଞ୍ଜନର ଭାଗ୍ୟ ଭଲ, ଯୋଗକୁ କଟୁରିଟା ଗଳାରେ ନବାଜି ଶୋଇଥିବା ଖଟ ବାଡ଼ରେ ଗଲିଗଲା । ତା ଶବ୍ଦରେ ବୈରଗଞ୍ଜନ ଉଠିପଡ଼ିଲେ । ଚୋରବୋଲି ଚିତ୍କାର କରି ଉଠିଲେ । ଘରର ବାକିରି ସମସ୍ତେ ସଙ୍ଗେ ସଙ୍ଗେ ଉଠିପଡ଼ିଲେ । ହଜାତ ଚୋର ନୁହେଁ ଯେ ଦୌଡ଼ି ପଳାଇବ ? ଅନ୍ୟାୟ ସିନା ମଣିଷକୁ ବଳଶାଳୀ କରେ । ହଜା ଧରା ହେଲା । ବୈରଗଞ୍ଜନ ହିଂସ୍ର ହୋଇ ଉଠିଲେ । ନିର୍ମମ ମାଡ଼ରେ ହଜାର ପ୍ରାଣ ପକ୍ଷୀ ପିଞ୍ଜରା ଛାଡ଼ି ଉଡ଼ିଗଲା । କେହି ତାର ଖବର ମଧ୍ୟ ରଖିଲେ ନାହିଁ । ବାକୀ ଝିଅଟି କଥା । କଣ ବା କରନ୍ତା ସିଏ ? ବୈରଗଞ୍ଜନଙ୍କ ଆଖି ତା ଉପରେ ପଡ଼ିଲା । ବିଚାରୀ ଅନ୍ୟ ଉପାୟ ନ ଦେଖି ହଜେ ନିଜ

ଇହଲୋକର ସଂସାରରୁ ବିଦାୟ ନେଲା । କିନ୍ତୁ କଣ ହେଲା ତାଙ୍କୁ ? ଏବେ ବିନାର ଆତ୍ମା ସଦ୍‌ଗତି ପାଇନି । ଘୁରି ବୁଲୁଛି ସେଇ ଗାଁଟି ଭିତରେ । ସ୍ୱପ୍ନରେ ସେ କେତେ ଲୋକଙ୍କ ଆଗରେ ତାର ମନର କଥା କହେ ।

ଆଚ୍ଛା ଆଈ, ତାହେଲେ ମଣିଷର ଆଶା ଯେତେବେଳ ପର୍ଯ୍ୟନ୍ତ ପୂର୍ଣ୍ଣ ନ ହୋଇଥାଏ ସେତେବେଳ ପର୍ଯ୍ୟନ୍ତ ସେ ଭୂତ ହୋଇ ବୁଲେ ?

ଝିଅ ଠିକ ବୁଝିଲୁ, ତୋତେ ଆଉ କଣ ବୁଝାଇବି ? ଯା, ଏଥର ଘରକୁ, ତୋର ମା ତେଣେଣି ଚାହିଁ ବସିଥିବ ।

ଗୋଟାଏ ଯୁଗ ବିତି ଗଲାଣି । ଆଜି ପ୍ରଭାତୀର ସେ କଥା ସବୁ ମନେ ପଡୁଛି । କୁନ୍ତଳା ଆଈର ଆଉ ପତ୍ତା ବି ନାହିଁ । ଯେଉଁଠାରେ ତାର ପୋଡ଼ା ଯାଇଁଶ ଗଣ୍ଡାକ ଥିଲା, ସେଠାରେ ଗୋଟାଏ ବଡ଼ କୋଚିଲା ଗଛ ଠିଆ ହୋଇଛି । କିନ୍ତୁ ତାର କଥା ଗୁଡ଼ାକ ଠିକ ମନେ ପଡୁଛି । ପ୍ରଭାତୀ ଭୁଲି ପାରିନି ।

ବିଧୁଆର ପ୍ରେତାତ୍ମା ମୁକ୍ତି ପାଇ ପାରୁନି— ଘୂରି ବୁଲୁଛି । ଆଶା ତାର ନିଜର ଲୋକଙ୍କ ପାଖରେ ଦୁଃଖ କହିବା ପାଇଁ । ସେ ଯେତେବେଳେ ଆଗେଇ ଯାଉଛି, ଲୋକେ ଭୀତ ତ୍ରସ୍ତ ହୋଇ ପଳାଇ ଯାଉଛନ୍ତି । କେହି ତା କଥା ଶୁଣିବା ପାଇଁ ସାହସ କରି ନାହାନ୍ତି । ଝିଅର ସ୍ନେହ ମମତା ସେ ଭୁଲି ପାରୁନି । ସବୁବେଳେ ଛାଇ ପରି ସେ ପ୍ରଭାତୀର ପାଖେ ପାଖେ ଅଛି । ଯେ କୌଣସି ବିପଦ ଆସିଲେ ସେ ଭୀମ ରୂପ ଧରେ, ମାତ୍ର ସବୁ ହୁଏ ପ୍ରଭାତୀର ଅଗୋଚରରେ । କାଳେ ପ୍ରଭାତୀ ଭୟ ପାଇବ ।

ଶୈଷ୍ଟିଆ ହେବା ଦିନ ଠାରୁ ପ୍ରଭାତୀ କୌଣସି ଗୋଟିଏ ମୁହୂର୍ତ୍ତ ବୃଥାରେ କଟାଇ ଦେଇ ନାହିଁ । ଦୁଃଖ କରେ, ମାତ୍ର ସମସ୍ତଙ୍କ

ଅଜ୍ଞାନରେ । ଦୁଃଖର ବୋଝ ଲଘୁ କରିବା ପାଇଁ ସେ କର୍ମବହୁଳତାର ବ୍ୟବସ୍ଥା କରିଛି । ସମସ୍ତ ସମୟ କିଛି ନା କିଛି କାମରେ ଲାଗି ରହିଲେ ଚିନ୍ତା କରିବାକୁ ସମୟ ନଥିବ । ଅଳସ ଜୀବନରେ ଆସେ ନାନା ପ୍ରକାର କୁ-ଚିନ୍ତା । ପ୍ରଭାତୀର ସବୁ ନିୟମ ମୁତାବକ କାମ । ସକାଳ ନିତ୍ୟକର୍ମ ଶେଷ ପରେ ଖାଇବାର ବନ୍ଦୋବସ୍ତ କରିବା, ତା ପରେ ଦଶଟା ଠାରୁ ଚାରିଟା ପର୍ଯ୍ୟନ୍ତ କାଟେ ସ୍କୁଲରେ । ଉପର ବେଳା ପାଇଁ ମେନକା ଦେବୀ ଖାଇବାର ବନ୍ଦୋବସ୍ତ କରିଥାଆନ୍ତି । ପ୍ରଭାତୀ ସେ ଝଞ୍ଜାଳରୁ ମୁକ୍ତି ପାଏ ସତ, ମାତ୍ର ସେ ସମୟଟିକ ବୃଥାରେ ନକଟାଇ କେତେଗୁଡ଼ିଏ ଝିଅ ପିଲାଙ୍କୁ ଏକାଠି କରି ସେମାନଙ୍କୁ ସିଲେଇ ଏବଂ ବୁଣାବୁଣି ଶିଖାଇ ଦେଇଥାଏ । ବୁଣାବୁଣି ସଙ୍ଗେ ଘରକରଣା କାମ ମଧ୍ୟ ଶିଖାଏ । ସେଠାରୁ ଫେରେ ପ୍ରାୟ ସାତଟା ବେଳେ । ସୁକାନ୍ତ ବାବୁଙ୍କ ସ୍ତ୍ରୀ ଅମିତାଙ୍କର ଅନୁରୋଧରେ ସେ ଯାଏ ଗୀତାକୁ ଟିଉସନ କରିବା ପାଇଁ । ପ୍ରତିଦିନ ଏ ସବୁ କାମ ଶେଷ ପରେ ତାକୁ ଛୁଟି ମିଳେ ରାତି ଦଶଟା ବେଳେ । ସମୁଦାୟ ଦିନଟି ପରିଶ୍ରମ କରି ସେ କ୍ଲାନ୍ତ ହୋଇଥାଏ । ଦଶଟାରେ ଖାଇବା ପରେ ତା ଆଖିରେ ଆସିଯାଏ ନିଦ୍ରା । ଶାନ୍ତିରେ ନିଦ୍ରା-ଦେବୀଙ୍କ କୋଳରେ ସେ ଆଶ୍ରୟ ନିଏ ।

ଆଜି କ୍ଲାନ୍ତ ହେଲେ ମଧ୍ୟ ପ୍ରଭାତୀର ମନ ଗହନରେ ଚିନ୍ତାର ଢେଉ ଉଠୁଛି । ସମସ୍ତ ଚିନ୍ତା ଗୁଡ଼ାକ ଫଣା ଟେକି ଏକସଙ୍ଗରେ ଉଠୁଛନ୍ତି । ଚିନ୍ତାର ବିଷ ଜ୍ୱାଳାରେ ସେ ଆଜି ଅସ୍ଥିର । ବିଷଧର ସର୍ପ ଯେପରି ସୁଯୋଗକୁ ଅପେକ୍ଷା କରିଥାଏ ଏବଂ ଟିକିଏ ସୁବିଧା ପାଇଲେ ଦଂଶନ କରିବା ପାଇଁ ଆଗେଇ ଆସେ, ସେହିପରି ଚିନ୍ତା ଗୁଡ଼ାକ ଏକାବେଳକେ ଦଳବାନ୍ଧି ପ୍ରଭାତୀକୁ ଗ୍ରାସ କରିବାକୁ ବାହାରିଛନ୍ତି । ଯେତେ ଚେଷ୍ଟା କଲେ ମଧ୍ୟ ନିଦ ଆସୁନି । ରାତିଅଧ ହେଲା,

ଧୂଳିପଡ଼ରିଆ ବାଲୁଆ ଗ୍ରାମର ଉପରେ ଦେଖା ଦେଇ ଉଡ଼ି ବୁଲିଲେ, ପ୍ରଭାତୀ ବାହାରକୁ ଉଠିଲା । ହୀମାଦ୍ରିର ନୀଳ ଆକାଶକୁ ଚାହିଁଲା । ଖଣ୍ଡ ଖଣ୍ଡ ମେଘ ଆକାଶ ବକ୍ଷରେ ଭାସି ଯାଉଥାନ୍ତି । ତାରକାମାନେ ମିଟି ମିଟି କରି ଆଖିଠାର ମାରୁଥାନ୍ତି । ଥଣ୍ଡା ପବନ ବହୁଛି । ପ୍ରଭାତୀ ଟିକିଏ ଶାନ୍ତି ପାଇଲା । ଆଖିରେ ତାର ଘେନେଇ ଆସିଲା ନିଦ୍ରା । ବାହାରୁ ଉଠିଯାଇ ଘରର କବାଟ ଦେଇ ବିଛଣା ଉପରେ ପଡ଼ି ରହିଲା ।

ଦୁଆରେ ଶୁଣାଗଲା ଖଟ ଖଟ ଶବ୍ଦ । ପ୍ରଭାତୀ ଉଠି ବସିଲା । କାନଡ଼େର ଶୁଣିଲା କେଉଁଠାରୁ ଶବ୍ଦ ଆସୁଛି । କ୍ରମେ କେତେ ଲୋକଙ୍କ ଅସ୍ପଷ୍ଟ ସ୍ୱର ମଧ୍ୟ ଶୁଣାଗଲା । କବାଟ ପିଟିବା ସ୍ୱର ଶୁଣାଗଲା । କେତେ ଲୋକ ଅଗଣା ଭିତରକୁ ପଶି ଆସିଲେ । ପ୍ରଭାତୀକୁ ଖୁବ୍ ଡର ଲାଗିଲା । ଭୟରେ ତାର ସର୍ବାଙ୍ଗ ଥରିବାକୁ ଲାଗିଲା । ସେମାନେ ଦେବୀ ଗାଢ଼ ନିଦ୍ରାରେ ମଗ୍ନ । ତାଙ୍କୁ ଉଠାଇଲେ ସେ ବା କଣ କରିବେ ପ୍ରଭାତୀ ନୀରବରେ କେବଳ ପରିସ୍ଥିତିକୁ ଲକ୍ଷ୍ୟ କରିବାରେ ଲାଗିଲା । ଏ କଣ ? ଏତେ ଜୋର ପବନ, ଦରଜା ଖଣ୍ଡିକ କଣ ଭାଙ୍ଗି ପଡ଼ିବ ନା କଣ ? ସଙ୍ଗେ ସଙ୍ଗେ ବାହାରେ କାହାର ଗମ୍ଭୀର ଗର୍ଜନ ଶୁଣାଗଲା । ପ୍ରଭାତୀର ଆଉ ବୁଝିବାକୁ ବାକି ରହିଲା ନାହିଁ । ବର୍ବର ଧନେଶ ଚୌଧୁରୀ ।

ତୁ ଏତେ ନିର୍ମମ । ପ୍ରତିହିଂସା ପାଇଁ ତୋର ଅନ୍ତର ଜାଳି ବାକିଅଛି ? କିନ୍ତୁ କିଛି କରିପାରିବୁନି । ଯେଉଁ ନିଆଁ ନିଜ ହାତରେ ଜାଳିଛୁ—ସେଇ ହେବ ତୋର କାଳ । ରଘୁଆ ମରି ଯାଇଛି ସତ, କିନ୍ତୁ ତୋର ପାଇଁ ତାର ଆତ୍ମା ଆଜି ମୁକ୍ତି ପାଇ ପାରୁନି । ପ୍ରଭାତୀର ପଛେ ପଛେ ସେ ଘୁରିବୁଲି ରହିଛି ।

ପ୍ରଭାତୀ କବାଟ ପାଖରେ ଚାହିଁ ରହିଥାଏ । ଏ କଣ ? ଏ କଣ ସ୍ୱର ଯେ ତା ନିଜ ବାପାର । ନିଜର କାନକୁ ସେ ବିଶ୍ୱାସ କରି ପାରିଲା ନାହିଁ । ସଙ୍ଗେ ସଙ୍ଗେ ଶୁଣି ପାରିଲା—କେତେ ଜଣ ଲୋକ ଜୀବନ ଜଙ୍ଗଲରେ ଦୌଡ଼ି ପଳାଇ ଗଲେ । ତା ସଙ୍ଗେ ସଙ୍ଗେ ସୃଷ୍ଟି ହେଲା ଏକ ଭୀଷଣ ପବନ । ଝାଳରେ ପ୍ରଭାତୀର ଦେହସାରା ଜୁଡୁବୁଡୁ ହୋଇ ଯାଇଥିଲା । ସବୁକଥା ମେନକାଦେବୀ ସ୍ୱପ୍ନ ଦେଖିଲା ପରି ଦେଖୁଥିଲେ । ତାଙ୍କର ନିଦ ଭାଙ୍ଗିଗଲା । ସେ ଉଠି ବସିଲେ । ପ୍ରଭାତୀର ଅବସ୍ଥା ଦେଖି ସେ ନିଜ ଆଖିରେ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ସ୍ୱପ୍ନ ତାଙ୍କର କଣ ସତ୍ୟରେ ପରିଣତ ହେଇଛି ତାହେଲେ ?

ଜୟନ୍ତ ବସି ବସି ଭାବୁଛି ଗତ କଥା ଗୁଡ଼ିକ । ପ୍ରଭାତୀ ତାକୁ ଅନ୍ତର ଦେଇ ଭଲପାଇଛି । ସେ ମଧ୍ୟ କଥା ଦେଇଛି ତାକୁ ନିଜର କରିନେବ ବୋଲି, କିନ୍ତୁ ବାପାଙ୍କର ଏକ ଜିଦ୍, ସେ ବଡ଼ ଘରେ ସମ୍ବନ୍ଧ ବାନ୍ଧିବେ । ତେବେ ଉପାୟ ? ବାପାଙ୍କ କଥା ଅମାନ୍ୟ କରିବ । ନିଜ ମନ ଇଚ୍ଛାରେ ସେ ତାର ଜୀବନସଙ୍ଗିନୀକୁ ବାଛି ନେବ । ହୁଏତ ସେ ନିଜେ ସୁଖି ହୋଇ ପାରିବ, କିନ୍ତୁ ଯେ ତାର ଆଖି ଖୋଲି ଦେଇଛନ୍ତି, ଭଲ ମନ୍ଦ ବିଚାର କରିବାର ଶକ୍ତି ଆଣି ଦେଇଛନ୍ତି, ତାଙ୍କ ମନରେ ଦୁଃଖ ହେବ ନିଶ୍ଚୟ । ସ୍ୱଇଚ୍ଛାରେ ସେ କିଛି କରି ପାରିବନାହିଁ । ବାପାଙ୍କ ଆଗରେ ସମସ୍ତ କଥା କହିବ । ବାପା କଣ ବୁଝିବେନି ? ନିଶ୍ଚୟ ବୁଝିବେ । ଯଦି ସେ ତାଙ୍କର ଜିଦ୍ ରଖିବେ, ତା ହେଲେ ସେ ଚିରକୁମାର ବ୍ରତ ଅବଲମ୍ବନ କରିବ ।

ଏଥିରେ ତ କିଛି ଦୋଷ ହେବ ନାହିଁ । ପ୍ରଭାତୀର ଚଟିକି ଖୋଲି ପଡ଼ିଲା ଜୟନ୍ତ । ତାର ବୁଦ୍ଧି ଏବଂ ସାହସକୁ ସେ ଧନ୍ୟବାଦ ନଦେଇ ରହିପାରିଲା ନାହିଁ । ଦିନେଶ ଚୌଧୁରି ବଡ଼ ନିର୍ମମ— ହୃଦୟ ହୀନ ଲୋକଟାଏ । ଜମିଦାରଟା ମଧ୍ୟ ତା'ର କଥାରେ ପଡ଼ିଛି । ପାପ ପୁଣ୍ୟର ବିଚାର ନାହିଁ । ଦୁନିଆଁରୁ କଣ ଧର୍ମ ଚାଲିଗଲା ? ମଣିଷ ମନ୍ଦ ପାଞ୍ଚେ, ଜଣଙ୍କର ସର୍ବନାଶ କରିବାକୁ ଫନ୍ଦି କରେ, କିନ୍ତୁ ସେ ସବୁ ବୃଥା ହୁଏ । ମଣିଷ କିଛି କରିପାରିବ ନାହିଁ । ସେ ଯାହାଭାବେ ତା ଯଦି କରିପାରୁଥାନ୍ତା, ତେବେ ଅସାଧ୍ୟ ହୋଇ କିଛି ରହନ୍ତା ନାହିଁ । ଧର୍ମର ଦିନେ ନା ଦିନେ ନିଶ୍ଚୟ ଜୟ ହେବ ।

କଥାରେ କହନ୍ତି—ମଣିଷ ଗୋଟିକେ ପ୍ରକୃତି ଗୋଟିଏ । ଛୋଟ ପଲ୍ଲିଗାଁ ଠାରୁ ଆରମ୍ଭ କରି ବଡ଼ ବଡ଼ ସହର ପର୍ଯ୍ୟନ୍ତ ସବୁଠାରେ ଦୁଇଟି ପ୍ରକାରର ମଣିଷ ଦେଖିବାକୁ ମିଳିବ । ସେଥି ମଧ୍ୟରୁ କେତେକେ ଶାନ୍ତ ଶିଷ୍ଟ ଅଟନ୍ତି, ଆଉ କେତେକେ ଦୁଷ୍ଟ ପ୍ରକୃତିର ଥାନ୍ତି । ଦୁଷ୍ଟ ଲୋକମାନଙ୍କର ବେଉସା ହେଲା ଦୁର୍ବଳ ଉପରେ ଅତ୍ୟାଚାର କରି, ଧନ ସମ୍ପଦ ଲୁଟି ନେବା । ରାଜନଗର ଗୋଟିଏ ଛୋଟ ଗାଁ ହେଲେ ମଧ୍ୟ ସେଠାରେ କେତେ ଗୁଡ଼ିଏ ଦୁଷ୍ଟ ଲୋକ ମଧ୍ୟ ଥିଲେ । ଗୁଡ଼ିକୁ ଗୁଣି ଚିହ୍ନି, ସେହିପରି ବୀରକୁ ତା କିସମର ଲୋକେ ଠିକ୍ ଠଉରେଇ ନେଲେ । ସୁଯୋଗ ଦେଖି ବୀର ମଧ୍ୟ ସେମାନଙ୍କ ସଙ୍ଗେ ମେଳ ବାନ୍ଧିଲା ।

ପ୍ରଭାତୀକୁ ଗାଁଟା ସାରା ଭଲ ବୋଲି କହୁଥିଲେ ମଧ୍ୟ କେତେକ ଦୁଷ୍ଟ ଲୋକେ ତାର ଦୁର୍ନାମ ରଟନା କରିବାପାଇଁ ପଶ୍ଚାତ୍‌ପଦ ହେଉ ନଥିଲେ । ପ୍ରଭାତୀ ସବୁ ଶୁଣେ, ମୁହଁ ଖୋଲି କିଛି କହି ପାରେନା । କଣ ବା କହିବ ? ଦୁଷ୍ଟ ଲୋକଙ୍କୁ ଭଲ କଥା କହିଲେ ଓଲଟା ଫଳ ଫଳିବ, ସେମାନଙ୍କର ଦୁଷ୍ଟାମି ବଢ଼ିବ ।

ଗାଁର ଟିକିଏ ଦୂରରେ ଗୋଟିଏ ଚମାର ସାହି । ଲୋକ ଗୁଡ଼ାକ ଭିତରେ ଯେପରି ସଭ୍ୟତାର ଆଲୋକ ମୋଟେ ପହଁଞ୍ଚି ପାରିନାହିଁ । ସେମାନେ ମଧ୍ୟ ସଭ୍ୟ ସମାଜ ଭିତରକୁ ଆସିବାକୁ ବୋଧହୁଏ ଚାହାଁନ୍ତି ନାହିଁ । କୌଣସି ଭଦ୍ରଲୋକ ମଧ୍ୟ ସେଠାକୁ ଯିବାକୁ କେବେ ଇଚ୍ଛା କରିବ ନାହିଁ । ଭାତକୁ ପଚ୍ଚା କରି ସେମାନେ ସେଥିରୁ ମଦ ତିଆରି କରନ୍ତି । ପିଲା ଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ସେହି ମଦ ଖାଇବାରେ ଅଭ୍ୟସ୍ତ । ବଡ଼ ବଡ଼ ପର୍ବ ଦିନ ମାନଙ୍କରେ ଏହି ମଦର କାରବାର ଖୁବ୍ ବଢିଯାଏ । ଯେତେ ଅସଭ୍ୟ ହେଲେ କଣ ହେବ, ସେମାନେ ସଭ୍ୟସମାଜର ଲୋକଙ୍କ ପରି ବିଶ୍ୱାସ ଘାତକତା କରନ୍ତି ନାହିଁ । ସେମାନେ ଜଣେ ଦଳପତି ବାଛିଥାନ୍ତି । ତାର ନିର୍ଦ୍ଦେଶ ମାନି ସମସ୍ତେ ଚଳନ୍ତି । ସମୟେ ସମୟେ ସଭ୍ୟସମାଜର କେତେକ ଲୋକ ଏମାନଙ୍କ ସାହାଯ୍ୟରେ ନିଜର ସ୍ୱାର୍ଥସିଦ୍ଧି ପାଇଁ ଧନ ଲୋଭ ଦେଖାଇ ଯେ କୌଣସି ଅସାଧ୍ୟ କାର୍ଯ୍ୟ କରାଇଥାନ୍ତି । ଲଛମା ଚମାର ଏହି ମାନଙ୍କର ଥିଲା ଦଳପତି । ବାର ଠିକ୍ ସୁଯୋଗ ଜାଣି ଲଛମା ସହିତ ବନ୍ଧୁତା କରି ନେଇଥିଲା । ସେ ଭଲ ଭାବରେ ବୁଝିଥିଲା—ଲଛମା ହାତରେ ସେ ତାର କାର୍ଯ୍ୟସିଦ୍ଧି ନିଶ୍ଚୟ କରିପାରିବ, କେବଳ ସୁବିଧା ଆଉ ସୁଯୋଗର ଅପେକ୍ଷା ।

ଜନ୍ମେଜୟ ବାବୁଙ୍କର ଗୋଡ଼ ତଳେ ଲାଗିବାକୁ ନାହିଁ । ବାହାଘର ଆଉ ମୋଟେ ରହିଲା ଦିନ ପନ୍ଦରଟା । ଏହାରି ଭିତରେ ସବୁକିଛି ଯୋଗାଡ଼ କରିବାକୁ ପଡ଼ିବ । ଚିଠିଖଣ୍ଡେ ଲେଖି ଜୟନ୍ତ ପାଖକୁ ପଠାଇ ଦେଲେ । ଗୁମାସ୍ତା ଚନ୍ଦ୍ରମଣି ଦାସଙ୍କୁ ପାଖକୁ ଡାକି ଗୋଟାଏ ଚିଠା ପ୍ରସ୍ତୁତ କରିବାରେ ଲାଗିଗଲେ ।

ବୁଝିଲେ ଚନ୍ଦ୍ରମଣିବାବୁ, ଗୋଟାଏ ଚିଠା ନକଲେ ବଡ଼ ଅସୁବିଧାରେ ପଡ଼ିଯିବା । ମୁଁ ଭାବୁଛି, ଆମର ସମ୍ପ୍ରଦାୟ ଲୋକ ହେବେ ପାଞ୍ଚଶହ ଭିତରେ । ଏମାନଙ୍କର ଭଲ ଭାବରେ ଚର୍ଚ୍ଚା ହେବା ଦରକାର । ନହେଲେ ବଂଶର ଆଭିଜାତ୍ୟ ଉପରେ ଆଞ୍ଚ ଲାଗିବ ।

ଭଲ କଥାଟାଏ ମନେ ପକାଇଲେ । ମୁଁ ଏ ବିଷୟରେ ସମରେନ୍ଦ୍ର ବାବୁଙ୍କୁ କିଛି ଠିକ୍ କରି କହିନାହିଁ । ତେବେ କାଲିକି ଗୋଟିଏ ତାଲିକା ପଠାଇଦେବା । ବରଯାତ୍ରୀ ଯେତେ ଅଧିକ ଯିବେ ବାହା ଘରଟା ସେତେ ସୁନ୍ଦର ହେବ । ତେବେ—ବନ୍ଧୁ ବାନ୍ଧବ ମାନଙ୍କ ଭିତରେ ଯେତେଦୂର ଆଶା, ପଚିଶ ଜଣ ଆଉ କୁଟୁମ୍ବ ଭିତରୁ କୋଡ଼ିଏ ଜଣ । ବାକି ଯଦି ଜୟନ୍ତର କେହି ସାଙ୍ଗ ସାଥୀ ବାହାରନ୍ତି, ତେବେ ଶହେ ଭିତରେ ହେବେ । କଣ ମନେ ରହିଲାତ ଚନ୍ଦ୍ରମଣିବାବୁ, ଲେଖି କରି ସମରେନ୍ଦ୍ର ବାବୁଙ୍କୁ ଜଣାଇଁ ଦେବେ ।

ଚନ୍ଦ୍ରମଣିବାବୁ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

ଆଜ୍ଞା ଚନ୍ଦ୍ରମଣିବାବୁ, ବଡ଼ ଜିନିଷଟା ତ ରହିଲା । ବାହାଘର ରୋଷଣିଟା, ମୁଁ କଣ ଭାବୁଥିଲି କି—ବାଜା ଆଉ ବାଣରେ ଗୁଡ଼ାଏ

ଟଙ୍କା ଖର୍ଚ୍ଚ କରିବା ନାହିଁ ବୋଲି । ବିନାକାରଣରେ ଗୁଡ଼ାଏ ଟଙ୍କା କାହିଁକି ଜାଳି ପକାଇବା କହିଲେ—

ଚନ୍ଦ୍ରମଣିବାବୁ କଥାଟା ଉପରେ ଟିକିଏ ଜୋର ଦେଇ କହିଲେ-ଟୋକିଏ ବୋଲି ପୁଅ, ପୁଣି ମୌଳିକ ବିକମ୍ ମିଳୁନାହିଁ । ବାହାଘର ଖେଷଣିହା ଯଦି ଖୁବ୍ ଜାକ ଜମକରେ ନହୁଏ, ସୁବର୍ଣ୍ଣପୁରର ଲୋକେ କଣ କହିବେ ? ଥଟ୍ଟା କରିବେ, କହିବେ ଜୟନ୍ତବାବୁ ପରା ଜମିଦାର ? ବାହାଘରଟେ କରୁଛନ୍ତି ଯେ ବାଜା ନାହିଁ କି ବାଣ ନାହିଁ ।

ଠିକ୍ କହୁଛ ଚନ୍ଦ୍ରମଣି, କହିବାକୁ କାହାର ମୁହଁରେ ତ କେହି ବାଡ଼ ବନ୍ଧା ଦେବେ ନାହିଁ ? କଥାଗୁଡ଼ାକ ଶୁଣିଲେ ମୁଣ୍ଡ ତଳକୁ ହୋଇଯିବ ସତରେ । ତେବେ ବାଣ ପାଇଁ ବରାଦ ଦେଇ ଦେବ । ଲାଇଟ୍ ବାବତ ତାଙ୍କର ଲାଇଟ୍ ନେବେ । ସେଥିପାଇଁ ବିଚାର କରିବାକୁ ପଡ଼ିବ ନାହିଁ । ଆଉ କେବଳ ରହିଲା ବାଜା । କଟକରୁ ଯାହା ଦଳ ବାଜାବାଲା ଆଣିବା । ହେଲେ ଗୁଡ଼ାଏ ଟଙ୍କା ତ ନେବେ—

ଚନ୍ଦ୍ରମଣି ବାବୁ କଲମ କାଠିଟାକୁ ଓଠ ଫାଙ୍କରେ ରଖି ଟିକିଏ ହସି ଦେଇ କହିଲେ—ପଇସା ତ ଥରେ ଖର୍ଚ୍ଚ କରିବେ, କିନ୍ତୁ ନାଁ ଟା ସବୁଦିନ ପାଇଁ ରହିବ ।

ବାକି ଯାହା ଯାହା ରହିଲା, ସେ ସବୁ ବିଚାର କରି ସବୁ ବରାଦ ଦେଇଦିଅ । ଟିକିଏ ଆଗରୁ ସବୁ ବ୍ୟବସ୍ଥା ନକଲେ ପଛରେ ହଇରାଣ ହେବାକୁ ପଡ଼ିବ ।

ମୁଁ ସବୁ ବ୍ୟବସ୍ଥା କରି ଦେଉଛି, କିନ୍ତୁ ମୋର ଗୋଟିଏ କଥାରେ ଖୁବ୍ ସନ୍ଦେହ । ଆପଣ ଜୟନ୍ତ ବାବୁଙ୍କୁ ଏ କଥା ଟିକିଏ ପଚାରି ଦେଇଥିଲେ ଭଲ ହୋଇଥାନ୍ତା । ତା ପରେ ......

ଜଟେନ୍ଦ୍ରଜୟ ବାବୁଙ୍କ ମୁହଁର ରଙ୍ଗ ଲାଲ ଦେଖାଗଲା । ଉଚ୍ଚସ୍ୱରରେ ସେ କହିଲେ— ତୁମେ ତା' ହେଲେ କହିବାକୁ ଚାହଁ— ଜୟନ୍ତ ବିବାହରେ ରାଜି ନୁହେଁ ?

କଲ୍ୟାଣୀଦେବୀ ଘର ଭିତରକୁ ପଶିଆସି କହିଲେ— ହଁ, ମୁଁ ବି ସେଇଆ କୁହେ—

ତୁମେ ଜାଣନା କଲ୍ୟାଣୀ, ଜୟନ୍ତ କେବେ ସେପରି ହୋଇ ପାରିବ ନାହିଁ । ମୁଁ ତାର ବାପ । ବାପର କଥା ସେ କେବେ ଅମାନ୍ୟ କରିବ ନାହିଁ, ବରଂ ସେ ଏଥିରେ ଆନନ୍ଦିତ ହେବ ।

କଲ୍ୟାଣୀ କହିଲେ — ମୁଁ ଭଲ ଭାବରେ ଜାଣେ, ପ୍ରଭାତୀ ବ୍ୟତୀତ ଅନ୍ୟ ଯାହାକୁ ଚାହିଁଲେ ମଧ୍ୟ ଜୟନ୍ତ ସୁଖି ହୋଇ ପାରିବ ନାହିଁ । ବିବାହ ଯେ ନିର୍ବିଘ୍ନରେ ହେବ, ମୋର କାହିଁକି ସେଥିରେ ସନ୍ଦେହ ହେଉଛି ।

ମା ହୋଇ ତୁମର ଏଇ ଅଭିମତ ? ତୁମେ ତାହାହେଲେ ପ୍ରଭାତୀକୁ ଏ ଘରକୁ ବୋହୂ କରି ଆଣିବାକୁ ଚାହିଁଥିଲ—ନୁହେଁ ? କିନ୍ତୁ ମୁଁ ତା କରାଇ ଦେବି ନାହିଁ । ପ୍ରଭାତୀ—ସେ ପୁଣି ହେବ ଏତେବଡ ଖାନଦାନ ବଂଶର କୁଳବଧୂ । ଗୋଟାଏ ମୂଲିଆର ଝିଅ । ମୁଁ ବଞ୍ଚିଥାଉଁ .ଥାଉଁ ଏହା କେବେ ସମ୍ଭବ ନୁହେଁ ?

ଧନର ଗର୍ବରେ ତୁମେ ଆଜି ଅନ୍ଧ । ଭଲ ମନ୍ଦ ବିଚାର କରିବାର ଶକ୍ତି ତୁମର ନାହିଁ ।

ତୁମେ ଭାବୁଛ ଗୁଡାଏ ଯୌତୁକ ଆଣି ଘରର ଧନ ବୃଦ୍ଧି କରିଦେଲେ ଜୟନ୍ତ ଖୁସି ହୋଇଯିବ ? ତୁମେ କେବଳ ଚାହଁ ଧନ, କିନ୍ତୁ ଜୟନ୍ତ କଣ ଚାହୁଁଛି—ସେ କଥା କେବେହେଲେ ଥରକ ପାଇଁ ଭାବିଚ ? ମୁଁ ତାର ମା, ତୁମ ଅପେକ୍ଷା ତାର ଅନ୍ତର ଭିତର କଥା ମୋତେ ବେଶି ଜଣା । ତୁମର କଠୋର ଆଦେଶକୁ

ଜୟନ୍ତ ମଥାପାତ ମାନି ନେଇପାରେ, କିନ୍ତୁ ଫଳ କଣ ହେବ ଜାଣ ? ତୁଲାଇଟା ଜୀବନରେ ଜଳି ଉଠିବ ଅଶାନ୍ତିର ବହ୍ନି ।

ଏ ସବୁ ତୁମର ମନଗଢା କଳ୍ପନା କଲ୍ୟାଣି । ତୁମେ ଅଜ ଦମାର ମୁଣ୍ଡଟା ବିଗାଡ଼ି ଦିଅନା । ଏତେ ଗୁଡାଏ ଯୌତୁକ, ତା ସଙ୍ଗରେ ନଗଦ ପାଞ୍ଚ ହଜାର ଟଙ୍କା—ଏହାଠାରୁ ଆଉ ବେଶି କଣ ମିଳିପାରେ ?

କଲ୍ୟାଣୀ ଦେବୀ ଆଉ କିଛି ନ କହି ଭିତର ଘର ଆଡ଼କୁ ଚାଲିଗଲେ । ଚନ୍ଦ୍ରମଣି ବାବୁ ତଳକୁ ମୁହଁ ପୋତି ହିସାବପତ୍ରରେ ଲାଗିଲେ ।

ଇନ୍ଦ୍ରଜିତ୍ ବାବୁ ଆରାମ ଚେୟାରଟାକୁ ଟାଣି ନେଇ ବସିଲେ । ମନ ତାଙ୍କର ଦୌଡ଼ିଥିଲା ଏକ ମୁହାଁ ହୋଇ । ନଦୀର ଧାର ଚାଲିଥାଏ ଆଗକୁ, ଟାଣୁଆ ପଥର ଶଯ୍ୟା ପାଇଲେ ସେ ତାର ଗତି ବଦଳାଏ । ଇନ୍ଦ୍ରଜିତ୍ଙ୍କ ମନରେ ଆସିଲା ପରିବର୍ତ୍ତନ । ବାସ୍ତବିକ ସେ ମସ୍ତବଡ ଭୁଲ କରି ବସିଛନ୍ତି । ସମରେନ୍ଦ୍ର ବାବୁଙ୍କୁ କଥା ଦେବା ପୂର୍ବରୁ ଜୟନ୍ତକୁ ଅନ୍ତତଃ ଥରେ ପଚାରିବାର ଥିଲା । କଲ୍ୟାଣୀଙ୍କ ମତାମତ ଯଦି ସତ ହୁଏ ତାହାହେଲେ ସେ କ ଦାଣ୍ଡରେ ପାଞ୍ଚ ଲୋକଙ୍କ ଆଗରେ ମୁହଁ ଦେଖାଇ ପାରିବେ ନାହିଁ ? ଧନ କାହାପାଇଁ ସେ ସଞ୍ଚିଛନ୍ତି ? ଯାହାପାଇଁ ଏତେ କଷ୍ଟ କରି ସେ ଧନ ରଖିଛନ୍ତି, ସେ ଯଦି ସୁଖି ନ ହୁଏ ତେବେ ଧନର ମୂଲ୍ୟ କଣ ? ତେବେ ବର୍ତ୍ତମାନ ଉପାୟ ? ଇନ୍ଦ୍ରଜିତ୍ଙ୍କର ମୁଣ୍ଡ ଘୂରାଇ ଦେଲା । ଆରାମ ଚେୟାରରେ ସେ ଦେହପରି ପଡ଼ି ରହିଲେ । ମନେ ମନେ ଭାବିବାକୁ ଲାଗିଲେ—ସତେ କଣ ଜୟନ୍ତ ମୋ ମୁଣ୍ଡ ତଳକୁ ନୁଆଇଁ ଦେବ ?

× × × ×

ସ୍ୱପ୍ନ ଦେଖିଗଲା ପରେ ଜୟନ୍ତ ଚଟିକି ପଡ଼ିଗଲା । ତାର ବିବାହ ଆଉ ମୋଟେ ଆଠଟି ଦିନ । ବିବାହ ମଣିଷ ଜୀବନରେ ଥରେ ଆସେ । ଭବିଷ୍ୟତର ରଙ୍ଗିନ୍ କଳ୍ପନାରେ ଅନ୍ତର ଭିତରଟା ନାଚି ଉଠେ, କିନ୍ତୁ କାହିଁକି ? ଜୟନ୍ତର ହୃଦୟ ଭିତରଟା କାନ୍ଦି ଉଠୁଛି ସେହି ବିବାହ ପାଇଁ । ପ୍ରଶ୍ନ ପରେ ପ୍ରଶ୍ନ—ଠିକ୍ ପୂର୍ଣ୍ଣିମୀର ଜୁଆର ପରି, ମାତ୍ର ସବୁ ଅମୀମାଂସିତ । ପ୍ରଭାତୀର କାତର ପ୍ରାର୍ଥନା, ତାର ସୁନ୍ଦର ମୁହଁଟି ଜୟନ୍ତ ଆଗରେ ନାଚି ଉଠିଲା । ଚିତ୍କାର କରି ଉଠିଲା ସେ । କଥା ଦେଇ ସାରିଛି, ମଣିଷ ଥରେ ତାର ଅନ୍ତର ଦିଏ ଜଣକୁ । ଯାହା ସେ ଦେଇ ସାରିଛି ତା ଠାରୁ ଆଉ ଫେରାଇ ଆଣି ପାରିବ ନାହିଁ । କିନ୍ତୁ ବାପା ଯେ ଦୃଢ଼ପ୍ରତିଜ୍ଞ । ପ୍ରଭାତୀକୁ ସେ ତାର ଚିର ସଙ୍ଗୀନୀ କରି ନପାରିଲେ ମଧ୍ୟ ଅନ୍ୟ କାହାକୁ ତା ହୃଦୟରେ ସ୍ଥାନ ଦେଇ ପାରିବ ନାହିଁ ।

ମେନକାଦେବୀ ଝିଅର ଉଦାସିଆ ଭାବ ଦେଖି ବିବ୍ରତ ହୋଇ ପଡ଼ିଛନ୍ତି । ପଚାରିବେ ପଚାରିବେ ବୋଲି ଭାବନ୍ତି, ମାତ୍ର କଣ ବୋଲି ପଚାରିବେ ? ପାଟି ଖୋଲୁନାହିଁ ତାଙ୍କର । ସବୁଦିନ ପରି ପ୍ରଭାତୀ ଠିକ୍ ସମୟରେ ଘରକୁ ଫେରେ, କିନ୍ତୁ ମନରେ ସରସତା ନଥାଏ ତାର ।

କଳାହାଣ୍ଡିଆ ମେଘ ଖଣ୍ଡେ ଉପରେ ଆସିଲା । ଘନ ଘନ ବିଜୁଳି, ତା ସଙ୍ଗେ ସଙ୍ଗେ ମେଘର ଗମ୍ଭୀର ଗର୍ଜନରେ ପୃଥିବୀ

କମ୍ପିତ ହେବାକୁ ଲଗିଲା । ମୂଷଳ ଧାରରେ ବର୍ଷା ମାଡ଼ି ଆସିଲା । ମେନକାଦେବୀ ବେଷେଇ ଘରେ ରନ୍ଧବା ଯୋଗାଡ଼ରେ ଲଗିଛନ୍ତି । ପ୍ରଭାତୀ ତା ଶୋଇବା ଘର କବାଟଟି ଦର ଆଉଜା କରି ଝରକା ପାଖରେ ବସି ଭାବି ଚାଲିଛି କେତେ କଣ । ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ । କଣ ସେ ଥିଲା—ଏବେ କଣ ହୋଇଛି ? ଆଉ କଣ ଯେ ତା ଭାଗ୍ୟରେ ଘଟିବ ? ଭବିଷ୍ୟତ ଅନ୍ଧକାର, କେହି ସେ କଥା କହି ପାରିବେ ନାହିଁ । ଗୋଟିଏ ଦିନର କଥା ତା ମନରୁ ଆଜି ପର୍ଯ୍ୟନ୍ତ ଯାଇନି । କିମିତି ବା ଯିବ ? ଠିକ ଏମିତି ମେଘବାଦି, ଜୟନ୍ତବାବୁ ଆସିଥାନ୍ତି ତାଙ୍କ ଘରକୁ । ବର୍ଷାର ଧାର ଚାଲିଛି-କିପରି ନିଜ ଘରକୁ ଯିବେ ? ବୋଉ ତା କାମରେ ଲଗିଥାଏ । ଜୟନ୍ତବାବୁ ତାର ପାଖରେ ବସି ପଡ଼ିଲେ । ବଡ଼ ସରମ ଲଗିଥିଲା ତାକୁ । ମନ କେତେଥର ଖୋଜିଛି ଜୟନ୍ତବାବୁଙ୍କୁ ଏକାକି ପାଇବା ପାଇଁ—କିନ୍ତୁ ଦୁର୍ବଳ ମନ ଦବି ଯାଇଥିଲା ।

ଜୟନ୍ତବାବୁ ପଚାରିଲେ—କଣ ତୁମର ହୋଇଛି ପ୍ରଭାତୀ ? ଏତକ ଶୁଣି ବିଜୁଳିର ଚମକ ଖେଳି ଯାଇଥିଲା ତା ଦେହରେ । ତା'ହେଲେ ଜୟନ୍ତ ବାବୁଙ୍କ ଆଗରେ ତାର ଦୁର୍ବଳତା ଧରା ପଡ଼ି ଯାଇଛି ନିଶ୍ଚୟ । ଧୀର ଗଳାରେ ସେ ଉତ୍ତର ଦେଇଥିଲା—କାହିଁ, ମୋର ତ କିଛି ହୋଇନାହିଁ । ତାର ଅତି ପାଖକୁ ସେ ଲଗି ଆସିଥିଲେ । ଦେହ ତାର ଶିହରି ଉଠୁଥିଲା । ମନ ହେଉଥିଲା ଲତାଟି ପରି ସେ ଲେଟେଇ ଯିବ ତାଙ୍କ ଦେହରେ । ଇସ୍, କି ଅସୁନ୍ଦର ଭାବନା । ଜୟନ୍ତ ବାବୁ କଣ ଭାବିବେ ? ମନ ଭିତରେ ଦ୍ୱନ୍ଦ—ସତରେ କଣ ସେ ତାକୁ ଭଲପାଆନ୍ତି ?

ଭାବନା ରାଜ୍ୟର ଦୁଇଟି ଅତିଥି । ମନର କ୍ଷୁଧାକୁ ଜଣେ ଅନ୍ୟ ଜଣକୁ ଜଣାଇବା ପାଇଁ ରାଜି ନୁହଁନ୍ତି । କେତେ ସମୟ

କଟିଗଲା ନୀରବରେ । ମେଘ ଟେକ୍ସପର ମୃଷଳ ଧାରାରେ ଗୃକଳଥାଏ । ନୀରବତା ଭଙ୍ଗ କରି ଜୟନ୍ତବାବୁ ପ୍ରଥମେ ପଚାରିଥିଲେ—ପ୍ରଭାତୀ, ଅନେକ ଦିନରୁ ଗୋଟିଏ କଥା ପଚାରିବି ବୋଲି ଭାବୁଛି, ମାତ୍ର ପଚାରିବାର ସୁଯୋଗ ପାଇ ନଥିଲି ।

ଏବେ ତା ହେଲେ ସୁଯୋଗ ଆସିଛି—ନୁହେଁ ? ପଚାରନ୍ତୁ ।

ତାଙ୍କର ଅଧର ଫାଙ୍କରେ ଲାଗି ରହିଥିଲା ହସ, ଚାହାଣିରେ ଥିଲା ସଙ୍କେତ । ସୁଦୀର୍ଘ ବାହୁ ଦୁଇଟି ପ୍ରସାରିତ ହୋଇ ଆସିଥିଲା । ନିଜକୁ ମୁକ୍ତ କରି ପାରି ନ ଥିଲା ସେ । ମୁକ୍ତି ପାଇବାର ଇଚ୍ଛା ମଧ୍ୟ ନ ଥିଲା ତା'ର । ଦୃଢ଼ ବାହୁ ବନ୍ଧନ ଭିତରେ ସେ ନିଜକୁ ହଜାଇ ଦେଇଥିଲା । ତା ପରେ······ନା, ଆଉ ଭାବି ପାରିଲା ନାହିଁ । ଆଖିରେ ଲୁହ ଜମା ହୋଇ ଆସିଲା । ଆଜି କାହାନ୍ତି ସେ ? କେତେ ଦୂରରେ—

କଣ ସେ ନ କରିଛି ? କ୍ଷଣିକ ଉତ୍ତେଜନାରେ ଅକୁଣ୍ଠିତ ଭାବେ ତା ଜୀବନର ସର୍ବସ୍ୱ ସେ ଦେଇଦେଲା । କିନ୍ତୁ ଜୟନ୍ତବାବୁ— ପୁରୁଷ ସେ, କଣ ତାପାଇଁ କରିଛନ୍ତି ? ଏହାଙ୍କୁ ପୁଣି କହିବ ମଣିଷ ।

ସତରେ ସେ କେଡ଼େ ସ୍ୱାର୍ଥପର । ସବୁ ସେ କଣ ଏକାବେଳେ ଭୁଲିଗଲେ । ଶେଷ କେଇପଦ କଥା ପ୍ରଭାତୀ, ତୁମେ-ମୋତେ ଭଲ ପାଅ ? ମୋତେ ପାଇଲେ ସୁଖି ହୋଇ ପାରିବତ ? ସ୍ୱାର୍ଥସିଦ୍ଧି ପାଇଁ ପୁରୁଷ ଜାତଟା କେତେ ସୁନ୍ଦର କଥା କହନ୍ତି, ତାପରେ ଆଉ ଦେଖା ନା ସାକ୍ଷାତ ।

ଉତ୍ତରରେ କହିଥିଲା ପ୍ରଭାତୀ । ତୁମର ପ୍ରଶ୍ନ ଗୁଡ଼ାକ ସବୁ ମାମୁଲି । ସମସ୍ତେ ପ୍ରଥମେ ଏଇ କଥାହିଁ ପଚାରିଥାନ୍ତି । ଆଜି ଆମର ମିଳନ ଏଇ ଦିନକ ପାଇଁ ନୁହେଁତ ?

ତାଙ୍କର ମୁଖ ମଣ୍ଡଳ ଉଜ୍ଜ୍ୱଳ ଦେଖା ଯାଇଥିଲା । ବଳୟଶ୍ରୀ ଙ୍କର ପର ସେ କହୁଥିଲେ—ମୁଁ କଥା ଦେଇଛି, ଆଜିର ମିଳନର ସାକ୍ଷୀ ହେଉଚନ୍ଦ୍ର ମେଘମୁକ୍ତ ଆକାଶ ଆଉ ତଳେ ପୃଥିବୀ । କାହାର ସାଧ ନାହିଁ ଆମ ଦୁଇ ଜଣଙ୍କୁ ଅଲଗା କରିଦେବା ପାଇଁ । ଆଉ ସେ କହି ପାରିଲେ ନାହିଁ । ମୁଁ ତାଙ୍କର କୋଳରେ ମୁଣ୍ଡଟି ରଖି ନୀଦ୍ରେରେ ଅଚ୍ଛନ୍ନ ନେଲି ।

ଦୋଷ କାହାର ନୁହେଁ, ମୋ ନିଜର । ବାମନ ହୋଇ ମୁଁ ଚନ୍ଦ୍ରଙ୍କୁ ଧରିବାକୁ ଆଶା କରିଥିଲି । ସେ ପାପର ପ୍ରାୟଶ୍ଚିତ କରିବାକୁ ମୋତେ ହିଁ ପଡ଼ିବ । ପ୍ରକୃତରେ ଜୟନ୍ତବାବୁ କଣ ସୁବର୍ଣ୍ଣପୁରରେ ବିବାହ କରିବା ପାଇଁ ରାଜି ଅଛନ୍ତି । କିମିତି ବା ସେ ଖବର ବୁଝିବ ?

ନାଁ ,ସେ ଖବର ବୁଝିବା ପାଇଁ ଚେଷ୍ଟା କରିବ ନାହିଁ । ସେ ଜୟନ୍ତବାବୁଙ୍କୁ ଭଲ ପାଉଥିଲା । ତାଙ୍କର ମଙ୍ଗଳ କାମନା କରିବ ସେ । ହୁଏତ ଜୟନ୍ତବାବୁ ତାକୁ ବିବାହ କରି ନପାରନ୍ତି, କିନ୍ତୁ ସେ ସୁଖି ହୋଇ ପାରିବେ ନାହିଁ। ଜନ୍ମେଜୟବାବୁ ଏକ ଜିଦ୍ଦିଆ ଲୋକ । ସେ ନିଶ୍ଚୟ ତ୍ୟାଜ ପୁତ୍ର କରିବେ । ଏକଥା ସେ ବରଦାସ୍ତ କରି ପାରିବେ ନାହିଁ । ଯାହା ହୋଇ ଯାଇଛି ସେଥିପାଇଁ ସେ ଅନୁତାପ କରିବ, ମାତ୍ର ଆଗକୁ ପାଦ ବଢ଼ାଇବ ନାହିଁ । ଲୋକେ ନିନ୍ଦା କରିବେ ।

କଣ ଏତେ ଗୁଡ଼ାଏ ଭାବୁଛୁ ପ୍ରଭାତୀ ? ମେନକାଦେବୀ କହିଲେ—

କିଛି ନୁହେଁ କହି ପ୍ରଭାତୀ ମାଆଙ୍କ ପଛେ ପଛେ ସେପେଇ ଘର ଆଡ଼କୁ ଗଲା ।

"ଯାହାକୁ ରଖିବେ ଅନନ୍ତ
କି କରି ପାରେ ବଳବନ୍ତ"

ଦିନେଶ ଚୌଧୁରିଙ୍କର ସମସ୍ତ ଚକ୍ରାନ୍ତ ବିଫଳ ହୋଇଛି । ହେଲେ ମଧ୍ୟ ସେ ନୂଆ ନୂଆ ଯୋଜନା କରି ଚାଲିଛନ୍ତି—ପ୍ରଭାତୀର ସର୍ବନାଶ କରିବେ । ବୃଦ୍ଧ ଜମିଦାର ସହିତ ପ୍ରଭାତୀକୁ ବିବାହ କରି ଅପମାନର ପ୍ରତିଶୋଧ ନେବେ । ଅନ୍ୟ ଉପରେ ନିର୍ଭର ନକରି ଏଥର ସେ ନିଜେ ଆଗେଇ ଯିବେ କର୍ମକ୍ଷେତ୍ରକୁ । ବୀରର କଥା ଗୁଡାକ କେବଳ ଛଳନା । ମଣିଷ ମରି ଗଲେ ତ ଗଲା । ମରିଗଲା ପରେ ରଘୁଆର ପ୍ରେତାତ୍ମା ପ୍ରଭାତୀକୁ ସମସ୍ତ ବିପଦରୁ ରକ୍ଷା କରୁଛି—ଏହା ନିହାତି ଅସମ୍ଭବ । ଦିନେଶ ଚୌଧୁରି ଆଖିରେ ନ ଦେଖିବା ପର୍ଯ୍ୟନ୍ତ ଏହା ବିଶ୍ୱାସ କରି ପାରିବ ନାହିଁ । କାମ ନକରି ପାରିଲେ ମଣିଷ ବାଟ ଖୋଜେ ଖସିଯିବା ପାଇଁ । କାମ ହାସଲ କଲେ ବାହାଦୁରୀ ନେବାପାଇଁ ଅନେକ ଆଡୁ ଅନେକ କଥା କହିଥାଏ ।

ଦିନେଶ ଚୌଧୁରିଙ୍କ କଥା ଗୁଡାକ ବୀର ପକ୍ଷରେ ଅସହ୍ୟ ହୋଇ ପଡ଼ିଥିଲା । ସେ ଚୌଧୁରିଙ୍କୁ ଡ଼ରିବା ଲୋକ ନୁହେଁ, କେବଳ ତାର ଭୟଥିଲା ଜମିଦାର ନରହରିବାବୁଙ୍କୁ । ଆଖି ଆଗରେ ସେ ଦେଖିଛି ରଘୁଆର ସୁନ୍ଦର ସଂସାର କିଭଳି ପୋଡ଼ି ପାଉଁଶରେ ପରିଣତ ହୋଇଗଲା । ରଘୁଆର ନାଁ ଚିରଦିନ ପାଇଁ ପୃଥିବୀ ବକ୍ଷରୁ ଲୋପ ପାଇଗଲା । ସେତିକରେ ଦିନେଶ ବାବୁଙ୍କର ଆତ୍ମତୃପ୍ତି ହେଲା ନାହିଁ । ଶେଷକୁ ନିଜର ଭିଟା ମାଟି

ଗୁଡ଼ି ମେନକା ଦେବୀ ଆଉ ପ୍ରଭାତୀ ଯାଇ ରହିଲେ ରାଜ ନଗରରେ । କୌଣସି ପ୍ରକାର ଓଙ୍କର ଆପତ୍ତି କଲେ ତାର ଭାଗ୍ୟରେ ତପ ଏହାହିଁ ନ ଫଳିବ, କିଏ ତା କହିପାରିବ ?

ବୀର ଗୁଳିଛି ଆଗେ ଆଗେ, ଦିନେଶବାବୁ ତାଙ୍କ ପିଛୁ ଧରିଛନ୍ତି । ରାଜନଗରର ଚମାର ସାହି ନିକଟରେ ଦୁଇଜଣ ଯାଇ ଅଟକି ଗଲେ । ବୀରର ଡ଼ାକରେ ଲଛୁମା ଚମାର ଘର ଭିତରୁ ବାହାର ଆସିଲା । ଦିନେଶ ବାବୁଙ୍କୁ ଦେଖି ଗୋଟାଏ ଦଣ୍ଡବତ କରି ହାତ ଯୋଡ଼ି ଖଣ୍ଡେ ଦୂରରେ ଠିଆହେଲା । ଦିନେଶବାବୁ ଲଛୁମାକୁ ଖୁବ୍ ନିକଟକୁ ଆସିବାକୁ କହିଲେ । ଲଛୁମାର ସାହାସ ତ୍ରହେଉ ନଥାଏ । ସେ ଏହିପରି ଅନେକ ଭଦ୍ରଲୋକଙ୍କୁ ଦେଖିଛି, ତାଙ୍କଠାରୁ ଏହିପରି କଅଁଳିଆ କଥା ଶୁଣିବାକୁ ପାଇଛି; କିନ୍ତୁ ସେମାନେ ତାଙ୍କର କାମ ହାସଲ କରି ନେଇଛନ୍ତି । ତାପରେ ଲଛୁମା ଯେତେବେଳେ ତାଙ୍କ ପାଖରେ ପହଞ୍ଚିଛି, ଅଛୁଆଁ ବୋଲି ସେମାନେ ଘଉଡ଼ାଇ ଦେଇଛନ୍ତି ।

ଲଛୁମା, ତୁମର ପରିଚୟଟା ମୁଁ ବୀର ଠାରୁ ପାଇସାରିଛି । ମୋର ବିଶ୍ୱାସ ତୁମେ ମୋତେ ନିଶ୍ଚୟ ସାହାଯ୍ୟ କରିବ । ଏଇ କେତେ ପଦକଥା ଏକା ଥରକେ ଦିନେଶବାବୁ କହିଗଲେ ।

ଲଛୁମା କେବଳ ଚାହିଁ ରହିଥାଏ ଦିନେଶବାବୁଙ୍କ ମୁହଁକୁ । ସେ ପୁଣି କହିଲେ—ଦେଖ ଲଛୁମା, ତୁ ଯଦି ମୋର ନିର୍ଦ୍ଦେଶ ମତେ କାମ ହାସଲ କରିଦେବୁ, ତାହାହେଲେ ପାଞ୍ଚସହ ଟଙ୍କା ପୁରସ୍କାର ଦିଆହେବ । ଆଉ ବର୍ତ୍ତମାନ ଏହି ଦୁଇଶହ ନିଅ, ବାକିଟଙ୍କା କାମ ହାସଲ ପରେ । କଣ କହୁଛୁ ?

ଟଙ୍କାର ମୋହ ଗୁଡ଼ିବା ମଣିଷ ପକ୍ଷରେ ଅସମ୍ଭବ । ଟଙ୍କା ପାଇଁ ମଣିଷ ଯେ କୌଣସି ନୀଚ କର୍ମ କରିବାକୁ ପଛୁଦୁଆ

ଦିଏ ନାହିଁ । ପୁଣି ଏମିତ ଗୁଡ଼ାଏ ଟଙ୍କା । ଲଛମା ଲୋଭ ସମ୍ବରଣ କରି ପାରିଲାନାହିଁ । ତାର ଯେପରି ମନେହେଲା-ତାର ପୂର୍ବ ପୁରୁଷରୁ କେହି ଏତେ ଗୁଡ଼ାଏ ଟଙ୍କା ଦେଖି ନଥିବେ । ମନ ତାର କୁରୁଳି ଉଠିଲା । ଦିନେଶବାବୁଙ୍କର ଆଦେଶକୁ ସେ ଯେପରି ଅପେକ୍ଷା କରିଛି ।

ଦିନେଶବାବୁ ଦେଖିଲେ—ଶୀକାର ଠିକ ଟୋପ ଗିଳିଛି, ଆଉ ହଲ ଚଲ ହେବାର ବାଟ ନାହିଁ । ସତର୍କ କରି କହିଲେ—ଦେଖ ଲଛମା, ଏ କଥା ଆମ ତିନି ଜଣଙ୍କ ଭିତରେ ଯେପରି ସାରା ଜୀବନ ପାଇଁ ରୁହେ । ଆମ ବ୍ୟତୀତ ଯଦି ଅନ୍ୟ କେହି ଜାଣେ ତେବେ ଆମ ମାନଙ୍କର ଅବସ୍ଥା ଶୋଚନୀୟ ହୋଇଯିବ । ମୁଁ ଜାଣେ—ତୁମେ କେବେ ବିଶ୍ୱାସ ଘାତକତା କରିବନାହିଁ । ତେବେ ଆଗରୁ କେବଳ ସତର୍କ କରି ଦେଉଛି । ମନ ଦେଇ ଶୁଣ, ବୀର ତୁମ ସଙ୍ଗରେ ଯିବ । କାଲି ଠିକ୍ ରାତି ଅଧରେ ପ୍ରଭାତୀ ଗାଢ଼ ନିଦ୍ରାଯାଇଥିବା ବେଳେ ଘରେ ଅଗ୍ନି ସଂଯୋଗ କରିଦେବ— ଯେପରି ସେ ଘରୁ କେହି ଅନ୍ୟତ୍ର ଯାଇ ପାରିବେ ନାହିଁ । କିନ୍ତୁ ଖୁବ୍ ସାବଧାନତା ସହିତ କାର୍ଯ୍ୟ କରିବ—ପ୍ରଭାତୀର ଯେପରି କୌଣସି କ୍ଷତି ନ ହୁଏ । ଅଗ୍ନି ସଂଯୋଗ ସଙ୍ଗେ ସଙ୍ଗେ ତା ମୁହଁରେ ଲୁଗା ଦେଇ ନିକଟସ୍ଥ ଜଙ୍ଗଲ ଭିତରକୁ ନେଇଆସିବ । ସେଠାରେ ମୁଁ ଅପେକ୍ଷା କରିଥିବି । ସେହିଠାରେ ତୁମର ଉଚିତ ପ୍ରାପ୍ୟ ତୁମର ହାତ ପଇଠ ହୋଇଯିବ । କଣ—ଏଥିରେ ତୁମର କିଛି ଆପତ୍ତି ଅଛି ?

ଲଛମା କଣ କହିବାକୁ ଯାଉଥିଲା, ବୀର ବାଧା ଦେଇ କହିଲା—ନାଁ, ଲଛମାର ଏଥିରେ ଆପତ୍ତି କଣ ? ଆପଣ ନିଶ୍ଚିନ୍ତ ରହନ୍ତୁନା । କେବଳ କାମ ସୁବିଧାରେ ହେଲେ ହେଲା ।

ଲଚ୍ଛମା ଓଁ ଚୁଁ କରୁଛି ନକହି ଘରକୁ ଫେରିଲା ସତ, କିନ୍ତୁ ମୂର୍ଖ ହେଲେ ମଧ୍ୟ ତାର ବିବେକ ତାକୁ ଶତଧିକ୍କାର କଲା । ଟଙ୍କା ଲୋଭରେ ସେ କଣ କରିବାକୁ ଯାଉଛି ? ମଣିଷ ହୋଇ ସେ ପଶୁଠାରୁ ହୀନ କାର୍ଯ୍ୟ କରିବ । ନାଁ, ସେ କରି ପାରିବ ନାହିଁ । ଟଙ୍କା ମଣିଷ ରୋଜଗାର କରେ, ସେଇ ମଣିଷ ଖର୍ଚ୍ଚ କରେ । ଯାହାର ଟଙ୍କା ନାହିଁ ସେ କଣ ମଣିଷ ନୁହେଁ ? ତା ବାପ ଅଜା ସାତ ପୁରୁଷ ତ ପୁଣି ଚଳି ଆସିଛନ୍ତି । ଆଉ ସେ ଚଳି ପାରିବନାହିଁ ଯେ ଏତେବଡ଼ ଅନ୍ୟାୟ କାମ କରି ଟଙ୍କା ଆଣିବ । ଭଗବାନ ତାକୁ ଦୁଇଟା ଶକ୍ତ ବାହୁ ଦେଇଛନ୍ତି । ତା'ର ବଳରେ ସେ କେତେ କଣ ରୋଜଗାର କରି ପାରିବ । ନା, ସେ ବୀରକୁ ନାହିଁ କରିଦେବ । ଗାଁ ଭିତରକୁ ସେ ଯେତେବେଳେ ଯାଇଛି, ପ୍ରଭାତୀ ଦେବୀଙ୍କ ସୁନାମ ସେ ଅନେକ ଲୋକଙ୍କ ଠାରୁ ଶୁଣିବାକୁ ପାଇଛି । ତାଙ୍କର ସେ ସର୍ବନାଶ କରିବ ?

ଚିଠିଟିକୁ ଥରକୁ ଥର ପଢ଼ିବାକୁ ଲାଗିଲା ପ୍ରଭାତୀ । ବିଶ୍ୱାସ କରି ପାରିଲାନି ସେ । ଜୟନ୍ତବାବୁଙ୍କର ବାହାଘର ରହିଲା ଆଉ ଦୁଇଦିନ ମାତ୍ର । ବାଜା ବାଜିବ, ରୋଷଣି ଜଳିବ, ବାଣ ଫୁଟିବ । ବାହା ମୁକୁଟ ପିନ୍ଧି ଜୟନ୍ତବାବୁ ସୁବର୍ଣ୍ଣପୁର ଯିବେ । କେତେ ସୁନ୍ଦର ସେ ଦେଖା ଯାଉଥିବେ ସେତେବେଳେ । ଆଖି କୋଣରେ ଲୁହ ଜମା ହୋଇ ଗଲା ତା'ର । କୌଣସି ବାଧା ନ ମାନି ଧାରେ ଗଣ୍ଡ ଦେଶ ପ୍ଲାବନ କରିବାକୁ ଲାଗିଲା । ମନ ଦୃଢ଼

କରି ପଣତ କାନରେ ଲୁହ ପୋଛି ପକାଇଲା । ପ୍ରଭାତୀ କହିଲା—ସେ କେବେ ଦୁଃଖ କରିବନାହିଁ । ଜୟନ୍ତ ବାବୁଙ୍କର ଅମଙ୍ଗଳ ହେବ । ନିଦ୍ରାଦେବୀଙ୍କର ଶାନ୍ତିମୟ କୋଡ଼ ତାକୁ ଆଜି ଅଶାନ୍ତି-ଦାୟକ ହେଉଛି । ଚକ୍ଷୁର ପଲକ ମାନେ ଜୟନ୍ତଙ୍କର ସ୍ପର୍ଶ ଅନୁଭବ କରୁଛି, କିନ୍ତୁ ସବୁ ଅବାସ୍ତବ । ଏହି ଘରେ ତାର ଏତେ ଗୁଡ଼ାଏ ଦିନ କଟିଗଲାଣି, କିନ୍ତୁ କୌଣସି ଦିନ ତା ମନରେ ଭୟର ସଞ୍ଚାର ହୋଇ ନାହିଁ । ଆଜି କାହିଁକି ତା ମନ ଭିତରେ ଭୟ ଆସୁଛି । ଆଖିରେ ନିଦ ନ ଆସିଲେ ମଧ୍ୟ, ଆଖି ବୁଜି ସେ ଖଟଟି ଉପରେ ପଡ଼ି ରହିଲା ।

× × × ×

ଗାଢ଼ ଅନ୍ଧକାର ଭେଦ କରି ତିନୋଟି ଲୋକ ଚାଲିଛନ୍ତି ଆଗକୁ । ମନରେ ଅପରିମିତ ଭାବନା । ପତ୍ର ଟିଏ ଖସି କରି ହେଲେ ସେମାନଙ୍କର ହୃଦୟରେ ଲାଗୁଛି ଚମକ । ସେମାନେ ପଛକୁ ଲେଉଟି ଚାହୁଁ ଛନ୍ତି । କେହି ତାଙ୍କର ପିଛା ଧରିଛି କି ? ଚୌଧୁରିଙ୍କ ନିର୍ଦ୍ଦେଶ ମତେ ମେନକାଦେବୀ ଶୋଇଥିବା ଘରେ ପ୍ରଥମେ ଅଗ୍ନି ସଂଯୋଗ କରାଗଲା । ଅଗ୍ନିର ଲେଲିହାନ ଶିଖା ଊର୍ଦ୍ଧ୍ୱକୁ ଉଠି ସମୁଦାୟ ଗାଁଟିକୁ ଆଲୋକିତ କରି ଦେଲା । କାଳ ବିଳମ୍ବ ନ କରି ପ୍ରଭାତୀକୁ ବଳ ପୂର୍ବକ ତିନୋଟି ଲୋକ ଟେକି ନେଇ ଚାଲିଗଲେ । ପ୍ରଭାତୀ ପ୍ରଥମେ ପ୍ରତିବୋଧ କରିବା ପାଇଁ ଚେଷ୍ଟା କରିଥିଲା, କିନ୍ତୁ ସବୁ ବୃଥା ହେଲା । ଅଳ୍ପ ସମୟ ମଧ୍ୟରେ ସେ ତାର ସଂଜ୍ଞା ହରାଇଲା । ସଂଜ୍ଞାହୀନ ଶରୀରଟାକୁ ବୋହି ନେଇ ସେମାନେ ନିକଟସ୍ଥ ଜଙ୍ଗଲରେ ଚୌଧୁରିଙ୍କ ପାଖରେ ଉପସ୍ଥିତ ହେଲେ । ସେଠାରେ ପହଞ୍ଚିବା ପରେ ପ୍ରଭାତୀର ଜ୍ଞାନ ଫେରି ଆସିଲା ସେ ନିଆଁ ନିଆଁ ବୋଲି ଚିତ୍କାର କରି ଉଠିଲା ।

ସେ ଦିନ ପାସେଞ୍ଜରରେ ଗାଡ଼ି ଖୁବ୍ ଡେରିଥାଏ । ଜୟନ୍ତ ଓହ୍ଲାଇଲା ବେଳକୁ ରାତି ପ୍ରାୟ ଆଠଟା ହୋଇ ଯାଇଥିଲା । ଜନ୍ମେଜୟବାବୁ ପ୍ରେମାନନ୍ଦକୁ ଷ୍ଟେସନ ପାଖକୁ ପଠାଇଥିଲେ । ଦୁହେଁ କେତେ ଆଡ଼ୁ କେତେ ଗପ କରି ଚାଲିଥାନ୍ତି । ଜୟନ୍ତର ପାଦ ଦୁଇଟା ହଠାତ୍ ବନ୍ଦ ହୋଇଗଲା । ଚିତ୍କାରର ଶବ୍ଦ ଆସୁଥିବା ଦିଗକୁ ଲକ୍ଷ୍ୟକଲେ ସେ । ଏ ଯେ ତାର ବହୁଦିନର ପରିଚିତ ସ୍ୱର । ପ୍ରଭାତୀର କଣ୍ଠସ୍ୱର ବ୍ୟତୀତ ଏ ଅନ୍ୟ କାହାର କଣ୍ଠସ୍ୱର ନୁହେଁ । ଜୟନ୍ତକୁ ଚାରିଆଡ଼ ଅନ୍ଧାର ଦେଖାଗଲା । କୌଣସି କଥା ସେ ଠିକ୍ କରି ପାରିଲା ନାହିଁ । ତାର ପ୍ରାଣ ଠାରୁ ଅଧିକ ପ୍ରଭାତୀର ଜୀବନ ଯେ ସଙ୍କଟାପର୍ଣ୍ଣ । କାଳ ବିଳମ୍ବ ନକରି ଚିତ୍କାର ଶୁଣା ଯାଉଥିବା ଦିଗକୁ ସେ ଦୌଡ଼ିଲା । ପ୍ରେମାନନ୍ଦ କିଛି ବୁଝି ପାରିଲା ନାହିଁ । ବିପଦର ଆଶଙ୍କା କରି ସେ ମଧ୍ୟ ଜୟନ୍ତର ପିଛା ଧରିଥାଏ । ଜୟନ୍ତକୁ ବେଶିଦୂର ଯିବାକୁ ପଡ଼ିଲା ନାହିଁ । ସେ ଦେଖିବାକୁ ପାଇଲା— ଦୁଇଟା ଲୋକ ପ୍ରଭାତୀକୁ ଟାଣି ଟାଣି ନେଉଛନ୍ତି ଏବଂ ଅନ୍ୟ ଦୁଇଜଣ ପଛେ ପଛେ ଚାଲିଛନ୍ତି । ଜୟନ୍ତ ନିଜକୁ ସମ୍ଭାଳି ପାରିଲାନାହିଁ । ପ୍ରଭାତୀକୁ ଟାଣି ନେଉଥିବା ଦୁଇଟା ଲୋକଙ୍କୁ ଆକ୍ରମଣକରି ଏପରି ଏକ ଆଘାତ କଲା-ଯେଉଁଥିରେ କି ସେମାନେ ପ୍ରଭାତୀକୁ ଛାଡ଼ି ଅଲଗା ହୋଇଗଲେ । ପ୍ରତିରୋଧ କରିବା ପାଇଁ ସେମାନେ ପ୍ରସ୍ତୁତ ନଥିଲେ । ଯେତେବେଳେ ସେମାନେ ଦେଖିଲେ—ଗୋଟାଏ ଲୋକ ତାଙ୍କୁ ଏପରି କାବୁ କରି ଦେଇଛି, ସେମାନେ ଏକାବେଳକେ ଆକ୍ରମଣ ଆରମ୍ଭ କରିଦେଲେ । ଜୟନ୍ତର ମସ୍ତକରୁ ଧାର ଧାର ରକ୍ତ ବହିଲା । ସଙ୍ଗେ ସଙ୍ଗେ ସେ ଭୂତଳଶାୟୀ ହେଲା । ପ୍ରଭାତୀ ଏ ଦୃଶ୍ୟ ଦେଖି ନିଜକୁ ସମ୍ଭାଳି ପାରିଲା ନାହିଁ, ପୁନର୍ବାର ତାର ସଂଜ୍ଞା ଲୋପ ହେଲା ।

ଚୌଧୁରିଙ୍କ ମୁହଁରୁ ବାହାରି ଆସିଲ—ଏ କଣ, ବିନା ମେଘରେ ବଜ୍ରପାତ ! ଏତେବଡ଼ ପତନ ସେ ତ କେବେ ଦେଖି ନାହାନ୍ତି । ସଙ୍ଗେ ସଙ୍ଗେ ଏକ ବିରାଟ କଙ୍କାଳ ଚୌଧୁରିଙ୍କ ଆଗରେ ଆସି ଠିଆ ହୋଇ ଗଲା । କଙ୍କାଳର ବିକଟରୂପ ଓ ତାଚ୍ଛଲ୍ୟ ଭରା ଅଟ୍ଟହାସରେ ସେ ଯେଉଁ ଆଜେ ନିଜ ନିଜର ଜୀବନ ରକ୍ଷା କରି ଦୌଡ଼ ପଳାଇଲେ, ମାତ୍ର ଦିନେଶ ଚୌଧୁରି ଦୌଡ଼ି ପାରିଲେ ନାହିଁ । ସଙ୍ଗେ ସଙ୍ଗେ ତାଙ୍କର ସଂଜ୍ଞା ଲୋପ ପାଇଲା । ସେ ଭୂତଳ ଶାୟୀ ହେଲେ ।

× × × ×

ଜମିଦାର ନରହରିବାବୁଙ୍କ ଆଖିରେ ନିଦ ଆସିଯାଇଛି । ପ୍ରଭାତୀକୁ ପାଇବା ପାଇଁ ତାଙ୍କର ମନରେ କେତେ ପ୍ରକାର ଦୁର୍ଭାବନା ଆସୁଥାଏ । ଠିକ ଏତିକିବେଳେ ତାଙ୍କୁ କେହି ନେପଥ୍ୟରୁ ଶୂନ୍ୟରୁ କହିବାକୁ ଲାଗିଲା—ଜମିଦାର ! ତୁମେ ଯେଉଁ ପାପ କର୍ମରେ ହାତ ଦେଇଛ, ସେଥିରେ କୃତକାର୍ଯ୍ୟ ହୋଇ-ପାରିବ ନାହିଁ । ତୁମର ଜୀବନ ବର୍ତ୍ତମାନ ସଙ୍କଟାପନ୍ନ । ବର୍ତ୍ତମାନ ମଧ୍ୟ ସମୟ ଅଛି । କୁତକର୍ମର ପ୍ରାୟଶ୍ଚିତ କର । ନିକଟବର୍ତ୍ତୀ ଜଙ୍ଗଲ ଭିତରେ ଯାଇ ଦେଖ—କିପରି ଭାବରେ ଜୟନ୍ତ କୋଳରେ ପ୍ରଭାତୀ ଶାନ୍ତିରେ ବିଶ୍ରାମ ନେଇଛି । ଆଉ ନୃଶଂସ ଦିନେଶ ଚୌଧୁରି ଚିରଦିନ ପାଇଁ ବିଦାୟ ନେଇଛି ।

× × × ×

ଖାଲି ଡିପ ନ ମାନି ବୀର ଅଣନିଶ୍ୱାସି ହେଇ ଦୌଡ଼ୁଛି ପ୍ରାଣ ବିକଳରେ । ପିନ୍ଧାଲୁଗା କଣ୍ଟାବାଡ଼ରେ ଲାଗି ଚିରି ଗଲାଣି, ପାଦରେ ପଥର ବାଜି ରକ୍ତର ବନ୍ୟା ଛୁଟିଛି ।

ବୀରର ଚିତ୍କାର ଶୁଣି ନରହରିବାବୁ କବାଟ ଖୋଲିଦେଲେ । ପ୍ରଥମେ ସେ ନିଜର ଆଖିକୁ ବିଶ୍ୱାସ କଲେ ନାହିଁ—

ଚମକି ଉଠିଲେ । ସ୍ୱପ୍ନ ମନେ ପଡ଼ିଲା । ବୀରର ଘର୍ମାକ୍ତ ଶରୀରଟାକୁ ଦେଖି କହିଲେ—ବୀର, ତୋର ଏ ଅବସ୍ଥା କାହିଁକି ? ଦିନେଶବାବୁ ବର୍ତ୍ତମାନ କେଉଁଠି ?

ବୀର ଅତି ଅଳ୍ପ ଗଳାରେ ସମସ୍ତ କଥା ନରହରିବାବୁଙ୍କୁ କହିଗଲା । ସବୁ ଶୁଣି ନରହରିବାବୁ କହିଲେ—ଠିକ ହୋଇଛି, ଦିନେଶ ଚୌଧୁରି ତାର ଚକ୍ରାନ୍ତର ଉପଯୁକ୍ତ ପୁରସ୍କାର ପାଇଛି । ତୋର ମଧ୍ୟ ଉପଯୁକ୍ତ ଶାସ୍ତି ହୋଇଛି । ଅର୍ଥଲୋଭୀ କୁକୁର, ଏବେ ଅର୍ଥ ପିପାସା ମେଣ୍ଟିଲାତ ? ପ୍ରଭାତୀ ନିର୍ଦ୍ଦୋଷ । ସର୍ବ ଶକ୍ତିମାନ ଭଗବାନ ତାର ସହାୟ ହୋଇଛନ୍ତି, କିନ୍ତୁ ମୋର ଶାସ୍ତି ଦରକାର । ବୀର, ତୁ ଚାଲ—ପ୍ରଭାତୀ ଥିବା ସ୍ଥାନକୁ । ସେ ମୋ'ର ଝିଅ । ମୁଁ ତା ଠାରୁ କ୍ଷମା ମାଗି ନେବି—ହଁ, ହଁ, ମୁଁ ତା ଠାରୁ କ୍ଷମା ମାଗିନେବି । ତାର ସରଳ ଜୀବନରେ ଝଡ଼ର ଆରମ୍ଭ କରିଛି ମୁଁ । ଆଜ ନୁହେଁ—ସେ ଝଡ଼ର ଅବସାନ କରିବି ମୁଁ । ପାଗଳ ପରି ବୀରର ପଛେ ପଛେ ନରହରିବାବୁ ଚାଲିଲେ । ଘଟଣା ସ୍ଥଳରେ ଯାହା ଦେଖିଲେ ତାଙ୍କର ହୃତ୍‌କମ୍ପ ଜାତ ହେଲା ।

ସେତେବେଳକୁ ସକାଳର ଥଣ୍ଡା ପବନ ବହି ଆସୁଥାଏ । ଥଣ୍ଡା ପବନ ସ୍ପର୍ଶ ପାଇ ପ୍ରଭାତୀ ଆଖି ଖୋଲିଲା । ପାଖରେ ନରହରିବାବୁ ଏବଂ ଜୟନ୍ତର ରକ୍ତାକ୍ତ ମସ୍ତକ ଦେଖି ପୁନର୍ବାର ଚିତ୍କାର କରି ଉଠିଲା ନାଆଁ ନାଆଁ । ପରକ୍ଷଣରେ ତାର ସଂଜ୍ଞା ଲୋପ ପାଇଲା । ନରହରି ବାବୁଙ୍କୁ କିଛି ଅଜଣା ରହିଲା ନାହିଁ । ତାଙ୍କର ଚକ୍ଷୁରୁ ଧାର ଧାର ହୋଇ ଲୋତକର ବନ୍ୟା ଛୁଟିଲା । କଣ ଆଜ ସେ କରି ବସିଛନ୍ତି ? ମଣିଷ ସମାଜରେ ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କୁ ଟିକିଏ ଜାଗା ମିଳିବ ତ ? ପ୍ରଭାତୀ ପାଖରେ

ବସି ନରହରି ବାବୁ କରୁଣ ସ୍ୱରରେ କହିଲେ—ପ୍ରଭାତୀ, ତୁ ଭୟ କରନା । ମୁଁ ଆଜି ନରହରି ଜମିଦାର ନୁହେଁ—ତୁ ମୋର ଝିଅ । ମୁଁ ଯେଉଁ ଅନ୍ୟାୟ କରିଛି, ତା କଣ ତୁ ଝିଅ ହୋଇ କ୍ଷମା ଦେବୁନି ? ଜୟନ୍ତର ମସ୍ତକରୁ ସେ ପର୍ଯ୍ୟନ୍ତ ରକ୍ତସ୍ରାବ ବନ୍ଦ ହୋଇ ନ ଥାଏ । ନିଜର ପିନ୍ଧା ଲୁଗା ଚିରି ନରହରିବାବୁ ଜୟନ୍ତର ମସ୍ତକରେ ପଟି ବାନ୍ଧିଲେ । କିଛି ସମୟ ପରେ ଜୟନ୍ତ ଟିକିଏ ଆଶ୍ୱସ୍ତି ଲଭକଲା । ଆଖି ଖୋଲି ଦେଖିଲା—ସାମନାରେ ନରହରିବାବୁ । ଚକ୍ଷୁ ତା'ର ହିଂସ୍ର ହୋଇ ଉଠିଲା । ଧମନୀର ରକ୍ତ ପ୍ରବାହ ଖୁବ୍ ଚଞ୍ଚଳ ହେଲା । ସେ ଚିତ୍କାର କରି କହିଲା—ଆଉ କାହିଁକି ? ପ୍ରଭାତୀକୁ ଷଡଯନ୍ତ୍ର କରି ମାରିଛ ତୁମେ । ମୋତେ ମଧ୍ୟ ମାରିଦିଅ । ଏତେ ବଡ଼ ନିର୍ମମ ତୁମେ ?

ନରହରିବାବୁଙ୍କ ଆଖିରୁ ଶ୍ରାବଣର ଧାରା ପରି ଲୁହର ଧାର ଛୁଟିଥାଏ । ସେ କହିଲେ—ମୁଁ ସେ ଜମିଦାର ନରହରି ନୁହେଁ, ସେ କେଉଁଦିନ ଠାରୁ ମଲାଣି । ପ୍ରଭାତୀ ହେଉଛି ମୋର ଝିଅ ।

ଜୟନ୍ତ ଚକ୍ଷୁ ଆଜି କର୍ଣ୍ଣକୁ ବିଶ୍ୱାସ କରି ପାରିଲା ନାହିଁ । କଣ ସେ ଶୁଣିବାକୁ ପାଉଛି ? ପ୍ରକୃତରେ କଣ ଜମିଦାରଙ୍କର ଏ ପରିବର୍ତ୍ତନ ହୋଇ ପାରିଛି ? ଅବିରତ ରକ୍ତସ୍ରାବ ଦ୍ୱାରା ସେ ବଳହୀନ ହୋଇ ଥିଲେ ମଧ୍ୟ ବସିବାକୁ ଚେଷ୍ଟାକଲା, କିନ୍ତୁ ପାରିଲା ନାହିଁ ।

ପୂର୍ବାକାଶରୁ ଇସତ୍ ଲୋହିତ କିରଣ ଆସି ଜଙ୍ଗଲ ସାରା ବିସ୍ତାର ହୋଇଗଲା । ଜମିଦାର ନରହରିବାବୁଙ୍କର ମୁଖ ମଳିନ । ସେ ଅନୁଭବ କଲେ, ସତେ ଯେପରି ଜଙ୍ଗଲର ବୃକ୍ଷଲତାଠାରୁ ଆରମ୍ଭ କରି ପଶୁ ପକ୍ଷି ପର୍ଯ୍ୟନ୍ତ ତାଙ୍କୁ ଘୃଣା କରୁଛନ୍ତି—ତାଚ୍ଛଲ୍ୟ ଭରା ହସ ହସୁଛନ୍ତି ।

ବିଶ୍ୱନିୟନ୍ତାଙ୍କର କି ବିଚିତ୍ର ଲୀଳା । ଯେ ଯାହାକୁ ଖୋଜୁଥିଲା, ସେ ତା ପାଖରେ ଆସି ଠିକ୍ ସମୟରେ ପହଞ୍ଚିଲା । ପ୍ରଭାତୀ ଭାବି ଚାଲିଛି-ଭଗବାନଙ୍କର ରାଜ୍ୟରେ ଏ ଅନ୍ୟାୟ ବିଚାର ଚାଲିଛି କି ? ଏହାର କଣ ଶେଷ ନାହିଁ ? ଧିରେ ଜୟନ୍ତର ରକ୍ତାକ୍ତ ମସ୍ତକଟିକୁ ନିଜ କୋଳରେ ରଖି ପଣତ କାନିରେ ରକ୍ତ ପୋଛିଲା । ଅବିଶ୍ରାନ୍ତ ଗତିରେ ଛୁଟି ଚାଲିଲା ତା ଚକ୍ଷୁ କୋଣରୁ ଲୋତକର ଧାରା । ତା'ରି ପାଇଁ ଜୟନ୍ତବାବୁଙ୍କର ଆଜି ଏ ଦୁର୍ଦ୍ଦଶା ।

କେତେ ସମୟ ବିତି ଗଲା । ଜୟନ୍ତ ଟିକିଏ ଆଶ୍ୱସ୍ତି ଲାଭ କଲା । ଆଖି ଖୋଲି ଦେଖେ—ତାର ମସ୍ତକ ପ୍ରଭାତୀ କୋଳରେ, ଆଉ ପ୍ରଭାତୀର ଆଖିରେ ଲୁହ । ସେ ବୁଝି ପାରିଥିଲା – ତା'ରି ପାଇଁ ପ୍ରଭାତୀ ଚକ୍ଷୁରେ ଲୁହ ନିଶ୍ଚୟ । ତାର ମୁଖ ମଣ୍ଡଳରେ କ୍ଷିଣ ହସ ଫୁଟି ଉଠିଲା । ସେ ତାର ଚୀ'ର ଆକାଂକ୍ଷିତ ଜିନିଷ ପାଇ ପାରିଛି । କ୍ଷଣିକ ଭିତରେ ସେ ସବୁ ଦୁଃଖ କଷ୍ଟ ଭୁଲିଗଲା । ଜୟନ୍ତର ଇଙ୍ଗିତରେ ପ୍ରଭାତୀ ତାକୁ ଉଠାଇ ବସାଇଲା । ଦୁହିଁଙ୍କ ମନରେ ଅପୂର୍ବ ଆନନ୍ଦ, ମାତ୍ର କିଏ କହି ପାରିବ ଏ ମିଳନର ପୂର୍ଣ୍ଣଚ୍ଛେଦ ଯେ ଏଇଠି ନ ହେବ ?

ଜମିଦାର ନରହରବାବୁ ଖଣ୍ଡେ ଦୂରରେ ବସି ସବୁ ଦେଖୁଥାନ୍ତି । ପ୍ରଭାତୀକୁ ସେ ନିଜର ସ୍ତ୍ରୀ ରୂପେ ପାଇଥିଲେ ହୁଏତ ଏତେ ଆନନ୍ଦ ଅନୁଭବ କରିପାରି ନଥାନ୍ତେ । ଆଜି ତାଙ୍କର ଆନନ୍ଦର ସୀମା କୂଳ ଲଙ୍ଘନ କରିଛି । ଠିକ୍ ତାଙ୍କର ମନେ ପଡ଼ି ଯାଉଛି – ପୁରାଣରେ ବର୍ଣ୍ଣନା ହର ପାର୍ବତୀଙ୍କ ମିଳନ । ସେ ମିଳନ ଆଉ ଏ ମିଳନ ଭିତରେ ଯଥେଷ୍ଟ ସାମଞ୍ଜସ୍ୟ ଅଛି । ପାର୍ବତୀ ହରଙ୍କୁ ସ୍ୱାମୀରୂପରେ ପାଇବା ପାଇଁ ନିଷ୍ଠାରେ ତପସ୍ୟା ଆଚରଣ କରିଥିଲେ । ପ୍ରଭାତୀ ମଧ୍ୟ ଜମ

କରନାହିଁ । ହର ଏବଂ ପାର୍ବତୀଙ୍କ ମିଳନରେ କାମଦେବର ଧ୍ୱଂସ ହୋଇଥିଲ । ଏ ମିଳନରେ ଷଡ଼ଯନ୍ତ୍ରକାରୀ ଚୌଧୁରୀଙ୍କର ଧ୍ୱଂସ ହେଲା । ନରହରିବାବୁଙ୍କର ମୁଣ୍ଡ ଭଗବାନଙ୍କ ଉଦ୍ଦେଶ୍ୟରେ ଚଳକୁ ନଇଁ ପଡ଼ିଲା ।

ବାହାଘରେ ସମସ୍ତ ଆୟୋଜନ ହେଉଛି । ବଡ଼ ପାହିଲେ ବାହାଘର । ଜୟନ୍ତର ଦେଖା ନାହିଁ । ଜନ୍ମେଜୟ ବାବୁଙ୍କ ମୁଣ୍ଡ ଘୁରାଇ ଦେଉଛି । ସମୟେ ସମୟେ ସେ କଲ୍ୟାଣୀ ଦେବୀଙ୍କ ଉପରେ ଚିଡ଼ି ଉଠୁଛନ୍ତି । ଭଦ୍ର ଲୋକଙ୍କୁ ସେ ଯବାବ ଦେଉଛନ୍ତି—କାଲି ଲୋକେ ତାଙ୍କୁ କଣ କହିବେ ? ସେ ଦାଣ୍ଡରେ ମୁଣ୍ଡ ଟେକି ଚାଲି ପାରିବେତ ? ଲୋକେ କହିବେ—ବାପ ଏତେ ଡାଣ କରୁ ଥିଲା, ଯେତେ ହେଲେ ପାଠ ପଢୁଆ ପୁଅ-ସିଏ କାହିଁକି କଥା ଶୁଣନ୍ତା । ପ୍ରେମାନନ୍ଦ ମଧ୍ୟ ଷ୍ଟେସନରୁ ଫେରିଲାନାହିଁ । ହଉ, ଭଗବାନ ମଙ୍ଗଳମୟଙ୍କର ଯାହା ଇଚ୍ଛା ।

ଦେହ ଧାର ଘର୍ମାକ୍ତ । ପିନ୍ଧିଥିବା ଲୁଗା ଚିର ହୋଇ ଯାଇଛି । ପ୍ରେମାନନ୍ଦ ଯାଇ ଜନ୍ମେଜୟଙ୍କ ପାଖରେ ପହଞ୍ଚିଲା । ଜନ୍ମେଜୟବାବୁ ପ୍ରେମାନନ୍ଦର ଏ ଅବସ୍ଥା ଦେଖି କିଛି ଠଉରେଇ ପାରିଲେ ନାହିଁ । କଲ୍ୟାଣୀ ଦେବୀ ସଙ୍ଗେ ସଙ୍ଗେ ଦଉଡ଼ି ଆସିଲେ । ପ୍ରେମାନନ୍ଦ କାନ୍ଦି ଉଠିଲା । ତା ପାଟିରୁ ବାହାରି ଆସିଲା-ମା, ସର୍ବନାଶ ହୋଇଛି । ଜମିଦାର ନରହରିବାବୁଙ୍କ ଷଡ଼ଯନ୍ତ୍ରରେ ଜୟନ୍ତବାବୁ ଗୁଣ୍ଡାମାନଙ୍କ ଦ୍ୱାରା ଆହତ । କଲ୍ୟାଣୀ ଦେବୀଙ୍କର ଆଉ ଶୁଣିବାପାଇଁ ଧୈର୍ଯ୍ୟ ନ ଥିଲା । ତାଙ୍କର ମୁଣ୍ଡ ଘୁରାଇ ଦେଲା ।

ଇନ୍ଦ୍ରଜୟବାବୁଙ୍କ ଚକ୍ଷୁରୁ ଅଗ୍ନି ବାହାର ଆସିଲା । ଜମିଦାର ନରହରିର ଚକ୍ରାନ୍ତ ? ପୁଣି ଇନ୍ଦ୍ରଜୟର ପୁଅ ଜୟନ୍ତ ଉପରେ—କାହିଁକି ? ପ୍ରେମାନନ୍ଦ, ମୋତେ ନେଇ ଚାଲ ଯେଉଁଠାରେ ମୋର ଜୟନ୍ତ ଅଛି । ମୁଁ ଆଉ ସହ୍ୟ କରି ପାରିବ ନାହିଁ । ଆଜି ତା'ର ଉପଯୁକ୍ତ ପରିଶୋଧ ନେବାର ବେଳ ଆସିଛି । କଲ୍ୟାଣୀଦେବୀ ମଧ୍ୟ ଇନ୍ଦ୍ରଜୟବାବୁଙ୍କ ସଙ୍ଗେ ବାହାରିଲେ ।

ହଠାତ୍ କଲ୍ୟାଣୀଦେବୀଙ୍କ ମୁହଁରୁ ବାହାରି ପଡ଼ିଲା—ଏ ଯେ ହରପାର୍ବତୀଙ୍କର ମିଳନ । କଲ୍ୟାଣୀଦେବୀ ଧାଇଁଯାଇ ଜୟନ୍ତ ଏବଂ ପ୍ରଭାତୀଙ୍କୁ କୋଳକରି ପକାଇଲେ । ପ୍ରଭାତୀ କଲ୍ୟାଣୀଦେବୀଙ୍କ ପାଦତଳେ ମୁଣ୍ଡ ଲଗାଇଲା । ଇନ୍ଦ୍ରଜୟ ବାବୁ ପ୍ରଥମେ କିଛି ଭାବି ପାରିଲେନାହିଁ । ସେ ସ୍ୱପ୍ନ ଦେଖୁ ନାହାନ୍ତିତ ? ଆଖି ଭଲ କରି ମଳି ପୁନର୍ବାର ଚାହିଁଲେ—ସେହି ଏକ କଥା ।

ନରହରି ବାବୁଙ୍କ ଚକ୍ଷୁ ଲୋତକ ପୂର୍ଣ୍ଣ । ଇନ୍ଦ୍ରଜୟ ବାବୁଙ୍କ ପାଖରେ ସେ ଆଜି ଦୋଷୀ । ନରହରିବାବୁ କହିଲେ—ଇନ୍ଦ୍ରଜୟ ବାବୁ, ଆଉ ଭାବୁଛନ୍ତି କଣ ? ଭାଗ୍ୟ ଚକ୍ର ଘୂରି ବୁଲୁଛି । କେତେବେଳେ ଯେ କାହା ଭାଗ୍ୟରେ କଣ ଆସି ପଡ଼ୁଥିବ କେହି ଯାଣନ୍ତି ନାହିଁ । ଟିକିଏ ଆଗକୁ ଚାହିଁ ଦେଖ । ଚୌଧୁରିଙ୍କ ମୃତ ଶବଟାଯେ କିପରି ଅତି କୁତ୍ସିତ ଭାବେ ପଡ଼ିଛି ଦେଖି ପାରୁଛନ୍ତିତ ? ଗୋଟିଏ ଜୀବନର ଧ୍ୱଂସରେ ଦୁଇଟି ଜୀବନର ଅପୂର୍ବ ମିଳନ । ଏହା ମନ ଗଢ଼ା କଥା ନୁହେଁ ଇନ୍ଦ୍ରଜୟ ବାବୁ, ଏ ସବୁ ସୃଷ୍ଟିକର୍ତ୍ତାଙ୍କ ନିର୍ଦ୍ଦେଶ । କି ସୁନ୍ଦର କି ମନୋରମ । ତୁମେ କଣ ଏ ଦୁଇଟି ମନର ମିଳନରେ ଆନନ୍ଦ ଅନୁଭବ କରି ପାରୁନା ?

ଇନ୍ଦ୍ରଜୟବାବୁ, ଠିଆ ହୋଇ ରହିଲେ ଯେ ଓଃ ବୁଝିଲି—ଆପଣ ଏ ମିଳନରେ ଦୁଃଖିତ, ନୁହେଁ ? ପ୍ରଭାତୀ ଥିଲା ଗରିବ

ମୂଳିଆର ଝିଅ । ତୁମେ ଗୃହଁଥିଲ ଯୌତୁକ, ଆଉ ତା ସଙ୍ଗେ ସଙ୍ଗେ ଜମିଦାର ଘରେ କରିବ ବନ୍ଧୁ । ତୁମର ସେ ଆଶା ଆଜି ପୂର୍ଣ୍ଣ ହୋଇଛି । ପ୍ରଭାତୀ ଏବେ ଗରିବ ମୂଳିଆର ଝିଅ ନୁହେଁ, ସେ ହେଉଛି ଜମିଦାର ନରହରିବାବୁଙ୍କର ଝିଅ ।

ମୋର ଶେଷ ଅନୁରୋଧ ଏତିକି, ତୁମେ କେବେ ପ୍ରଭାତୀକୁ ଘୃଣା କରିବ ନାହିଁ । ଉଭୟଙ୍କ "ମନର ମିଳନ"କୁ ସର୍ବାନ୍ତକରଣରେ ଆଶୀର୍ବାଦ କର ।

ଜନ୍ମେଜୟବାବୁ ହସିଲେ—ସ୍ୱୀକୃତିର ହସ ।

*